ଉତ୍କଳ ପ୍ରସଙ୍ଗ

LIBRARY
ORISSA STATE ARCHIVES
Sl. No. .... Date ....

ସ୍ୱାଧୀନତା ବିଶେଷାଙ୍କ ୧୯୭୫



ଆମ ସ୍ୱାଧୀନତାର ଏକ ସ୍ମରଣୀୟ ମୁହୂର୍ତ୍ତ

(୧୯୪୭ ଅଗଷ୍ଟ ୧୪ ତାରିଖ ମଧ୍ୟରାତ୍ରରେ କ୍ଷମତା ହସ୍ତାନ୍ତର ବେଳର ଦୃଶ୍ୟ)

LIBRARY
ORISSA STATE ARCHIVES
Sl, No,...2840 Date...8.10.74
Section.....No.....

ଉତ୍କଳ ପ୍ରସଙ୍ଗ

ଅଗଷ୍ଟ ୧୯୭୪ : ଶ୍ରାବଣ ୧୮୯୬

୩୧ଶ ଭାଗ : ୧ମ ସଂଖ୍ୟା

ସ୍ୱାଧୀନତା ବିଶେଷାଙ୍କ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସଂପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର (ଲୋକ-ସଂପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ଧରିବାକୁ ହେବ ନାହିଁ ।

ସମ୍ପାଦକ :
ଅବୋଧ ନାରାୟଣ ତ୍ରିପାଠୀ, ଆଇ. ଏ.ଏସ୍.
ଲୋକ ସଂପର୍କ ନିର୍ଦ୍ଦେଶକ

ସହଯୋଗୀ ସମ୍ପାଦକ :
ବ୍ରଜ ମୋହନ ପଟ୍ଟନାୟକ
ସହକାରୀ ଲୋକ ସଂପର୍କ ନିର୍ଦ୍ଦେଶକ

ସହକାରୀ ସମ୍ପାଦକ :
କିଶୋର ଚନ୍ଦ୍ର ଦେହେରସ
ପ୍ରକାଶନ ଅଧିକାରୀ

ପ୍ରଚ୍ଛଦପଟ :
ଅସିତ ମୁଖାର୍ଜୀ

ବାର୍ଷିକ ଦେୟ : ୫ ୪-୮୦
ପ୍ରତି ଖଣ୍ଡ : ଟ ୦-୪୦

ପ୍ରକାଶନ : ପ୍ରତି ମାସ ୧୫ ତାରିଖ

ଏହି ସଂଖ୍ୟାରେ :

ଯୌତୁକ ପ୍ରଥା : ଏକ ସାମାଜିକ କଳଙ୍କ	୧
ଓଡ଼ିଶାରେ କୃଷି ଉତ୍ପାଦନ ବୃଦ୍ଧି	୪
ଏକ ନୂତନ ଅଧ୍ୟାୟ	୮
ସାମାଜିକ ବ୍ୟାଧି : ଯୌତୁକ	୧୪
ଯଉତୁକ ଜାହିଁ ପାଇଁ ଯାଏ (କବିତା)	୧୯
ଓଡ଼ିଶାରେ ଖଣିଜସଂପଦ ବିକାଶର ନୂତନ ଅଭିମୁଖ୍ୟ	୨୧
ଯୌତୁକ ପ୍ରଥାର ଅପକାରିତା	୨୫
ଓଡ଼ିଶାରେ ସତୁଜ ବିପ୍ଳବର ଜେଓତି ଜଳୁ	୩୧
ଜାତୀୟ ପ୍ରଗତିର ମାପକାଠି : ଗ୍ରାମ୍ୟ ଉନ୍ନୟନ	୩୫
ଛୋଟ ଚଳା ଅତିଛୋଟ ଉଦ୍ୟୋଗପାଇଁ ନୂତନ ସୁଯୋଗ	୩୭
ରପ୍ତାନି ବାଣିଜ୍ୟର ସଫଳତା ଓ ସମ୍ଭାବନା	୪୧
ଭାରତରେ ପରିବାର ନିୟୋଜନର ମୌଳିକ ନୀତି	୪୩
ସବାଇଘାସର ଉପଯୋଗ	୪୫
ଆମ ସଜ୍ୟ	୪୭
ଓଡ଼ିଶାରେ ପର୍ଯ୍ୟଟନର ନୂତନ ଅଭିମୁଖ୍ୟ	୪୯
ଖାଦ୍ୟ ଉଦ୍ୟୋଗ ପ୍ରତିଷ୍ଠାନ, ଭୁବନେଶ୍ୱର	୫୫
ଓଡ଼ିଶାର ବୃହତ୍ତମ ବିଦ୍ୟୁତ୍ କେନ୍ଦ୍ର, ହୀରାକୁଦ	୬୧
ବିଶିଷ୍ଟ ଘଟଣାବଳୀ	୬୭

LIBRARY
ORISSA STATE ARCHIVES
Sl, No,.....Date.....
Section.....No.....

ମହାତ୍ମା ଗାନ୍ଧିଜୀ

"ମୁଁ ଏଭଳି ଏକ ଭାରତ ଗଢିବାକୁ ଚାହେଁ ଯେଉଁଠି ଜନସାଧାରଣଙ୍କ ମଧ୍ୟରେ ଜାତି ନାମରେ ଭେଦଭାବ ନ ଥିବ ଓ ଦେଶର ସମସ୍ତ ଅଞ୍ଚଳବାସୀ ଲୋକେ ପରସ୍ପର ମଧ୍ୟରେ ଶାନ୍ତି ଓ ସଦ୍‌ଭାବ ରଖି ଜୀବନଯାପନ କରିବା ସଙ୍ଗେ ସଙ୍ଗେ ଦେଶର ଦରିଦ୍ରତମ ଲୋକ ମଧ୍ୟ ଉପଲବ୍ଧି କରିବ ଯେ, ଏହା ଦେଶ ତାହାରି ଏବଂ ଏହି ଦେଶ ଗଠନରେ ତାର ବି ସକ୍ରିୟ ଅବଦାନ ରହିଛି ।"

—ଗାନ୍ଧିଜୀ

odisharchives.nic.in

LIBRARY
ORISSA STATE ARCHIVES
Sl. No,..... Date.....
Section..... No.....



ରାଜଭବନ
ଭୁବନେଶ୍ୱର

"ଆମ ସ୍ୱାଧୀନତାର ୭୭ତମ ବାର୍ଷିକୀର ଏହି ଶୁଭ ଅବସରରେ ମୁଁ ଓଡ଼ିଶା-ବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ତଥା ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି ।

"ଆମ ଜାତୀୟ ନେତୃବୃନ୍ଦଙ୍କର ନିରବଚ୍ଛିନ୍ନ ଅହିଂସ ସଂଗ୍ରାମ ଓ ତ୍ୟାଗ ଫଳରେ ଆଜିର ଦିବସରେ ଆମ୍ଭେମାନେ ସ୍ୱାଧୀନତା ହାସଲ କରିପିବାରୁ ଆଜି ଦିନଟି ଆମ୍ଭମାନଙ୍କ ପକ୍ଷରେ ଗୋଟିଏ ଆନନ୍ଦଉତ୍ସବର ଦିନ । ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁ ଏବଂ ଅନ୍ୟାନ୍ୟ ଯେଉଁ ନେତୃବୃନ୍ଦଙ୍କ ସାଧନା ଫଳରେ ଆମ୍ଭେମାନେ ସ୍ୱାଧୀନତା ଲାଭ କରିପାରିଛୁ ସେମାନଙ୍କୁ ସ୍ମରଣ କରିବା ଆଜି ଆମର ଏକ ମହାନ୍ କର୍ତ୍ତବ୍ୟ । ଜାତୀୟ ଏକତା ଓ ସଂହତି ରକ୍ଷା କରିବାପାଇଁ ଏବଂ ଆମର ନେତୃବୃନ୍ଦ ଯେଉଁ ଗଣତାନ୍ତ୍ରିକ ନୀତିକୁ ଦୃଢ଼ୀଭୂତ କରିବା ସକାଶେ କଷ୍ଟ ସ୍ୱୀକାର କରିପିଲେ ତାହା ବଜାୟ ରଖିବାପାଇଁ ଏହି ଶୁଭ ଅବସରରେ ଆମେମାନେ ନିଜକୁ ପୁଣିଥରେ ଉତ୍ସର୍ଗ କରିଦେବା ଉଚିତ । ଆମକୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନର ନୂତନ ଭାରତ ଗଠନ କରିବାକୁ ହେବ । ଦେଶର ଗରିବ ତଥା ଅବହେଳିତ ସମାଜ, ହରିଜନ ଓ ଆଦିବାସୀ ଏବଂ ସର୍ବୋପରି ଆମ ଦେଶର ଅଗଣିତ ଶ୍ରମିକମାନଙ୍କ ସମସ୍ୟାଗୁଡ଼ିକ ପ୍ରତି ଆମକୁ ଧ୍ୟାନ ଦେବାକୁ ପଡ଼ିବ ।

odisharchives.nic.in

"ଆମ ରାଜ୍ୟରେ ବିପୁଳ ପ୍ରାକୃତିକ ସମ୍ପଦ ପୂରି ରହିଛି । ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆମ୍ଭମାନଙ୍କୁ ଉକ୍ତ ସମ୍ଭଳର ବିକାଶ ତଥା ସଦୁପଯୋଗ କରିବାକୁ ପଡିବ । ଏଥିନିମନ୍ତେ ଆମ 'ରାଜ୍ୟର ଯୁବକ ଯୁବତୀମାନଙ୍କୁ କଠିନ ପରିଶ୍ରମ, ନିଷ୍ଠାପର କାର୍ଯ୍ୟ ତଥା ଆତ୍ମୋତ୍ସର୍ଗ କରିବାକୁ ପଡିବ । ଆମ୍ଭେମାନେ ମଧ୍ୟ ବହୁ ସମସ୍ୟାର ସମ୍ମୁଖୀନ ହେଉଛୁ । ଏହି ସମସ୍ୟାଗୁଡିକର ସମାଧାନ ଦିଗରେ ରାଜ୍ୟ ସରକାର ଯେଉଁ ଉଦ୍ୟମ ଚଳାଇଛନ୍ତି ସେଥିରେ ରାଜ୍ୟବାସୀ ସର୍ବାତ୍ମ ସହଯୋଗ କରିବା ଆବଶ୍ୟକ । ରାଜ୍ୟର ଭବିଷ୍ୟତ ବିଷୟରେ ଆମ୍ଭେମାନେ ନୈରାଶ୍ୟବାଦୀ ହେବା ଉଚିତ ନୁହେଁ ଏବଂ ତତ୍ ସଙ୍ଗେ ସଙ୍ଗେ ଆମର ମନୋବୃତ୍ତିରେ ଆତ୍ମସନ୍ତୋଷ ରହିବା ମଧ୍ୟ ଉଚିତ ନୁହେଁ । ଜନସାଧାରଣଙ୍କ କଠିନ ପରିଶ୍ରମ ଦ୍ୱାରାହିଁ ରାଜ୍ୟର ଦ୍ରୁତ ଉନ୍ନୟନ ସମ୍ଭବ ହେବ ଓ ଆମ ରାଜ୍ୟ ଭାରତୀୟ ମହାସ୍ରୋତରେ ନିମଜ୍ଜିତ ହେବ । ରାଜ୍ୟର ଦ୍ରୁତ ବିକାଶ ନିମନ୍ତେ ଯୁବ ସମ୍ପ୍ରଦାୟ ସେମାନଙ୍କର ସମସ୍ତ ଶକ୍ତି ତଥା ମନୋବଳ ବିନିଯୋଗ କରିବେ ବୋଲି ମୁଁ ଆଶାକରେ । ଏହା ଫଳରେ, ସାଧାରଣ ଲୋକଙ୍କୁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯୋଗାଇ ଦେବାପାଇଁ ଆମେ ସମର୍ଥ ହୋଇପାରିବୁ ।

ଭାରତୀୟ ମହୋଲ୍ଲାସର ଏହି ଅବସରରେ, ଆସନ୍ତୁ, ଆମ୍ଭେମାନେ ପୁନର୍ବାର ଆମର ମହାନ୍ ଜାତିର ପୁନର୍ଗଠନ ନିମନ୍ତେ ଶପଥ ନେବା ଏବଂ ଏଥିପାଇଁ ଆମକୁ ଯଦି ଅଶେଷ ତ୍ୟାଗ ବରଣ କରିବାକୁ ପଡେ, ତେବେ ମଧ୍ୟ ଆମେ ପଛଘୁଞ୍ଚା ଦେବାନାହିଁ ।"

ଜୟ ହିନ୍

ବି. ଡି. ଜାତ୍ତି
ରାଜ୍ୟପାଳ, ଓଡିଶା

odishaarchives.nic.in

LIBRARY
ORISSA STATE ARCHIVES
Sl. No.,..... Date.....
Section..... No.....

"ସତେଇଶ ବର୍ଷ ତଳେ ଏକ ନୂତନ ଭାରତବର୍ଷର ଅଭ୍ୟୁତ୍‌ଥାନ ହୋଇଥିଲା । ବହୁ ଶତାବ୍ଦୀର ପରାଧୀନତା ସତେଇଶ ବର୍ଷ ତଳେ ହଠାତ୍ ଅନ୍ତର୍ହିତ ହୋଇଗଲା ଏବଂ ଏକ ନୂତନ ଆଶା ଓ ଆତ୍ମ-ପ୍ରତ୍ୟୟରେ ଉଦ୍‌ବୁଦ୍ଧ ଜାତି ନିଜର ଆଲୋକିତ ଭବିଷ୍ୟତ ଦିଗରେ ପ୍ରଥମ ପଦକ୍ଷେପ ନେଇଥିଲା । ଜାତି, ଧର୍ମ ବା ଭାଷାର କୃତ୍ରିମ ବିଭେଦ ସେତେବେଳେ ତାର ଦୃଷ୍ଟିକୁ ବ୍ୟାହତ କରୁ ନଥିଲା କି ତାର ଅନ୍ତରାତ୍ମାରେ ନୈରାଶ୍ୟର ସତ୍ତା ନ ଥିଲା ।

"ଗୋଟିଏ ଜାତିର ଇତିହାସରେ ସତେଇଶ ବର୍ଷ ଅତି ନଗଣ୍ୟ ସମୟ ; କିନ୍ତୁ ସମସାମୟିକ ସମାଜର ଗୁଣାତ୍ମକ ଅନୁଶୀଳନପାଇଁ ତାହା ଯଥେଷ୍ଟ । ଏହା ଭିତରେ ଆମେ ସ୍ୱାଧୀନତାକୁ ଏକ ଐତିହାସିକ ସତ୍ୟରେ ପର୍ଯ୍ୟବସିତ ନ କରି ଲୋଭନୀୟ ଅଭିଜ୍ଞତାରେ ପରିଣତ କରିପାରିଛୁ କି ? ଆମର ସ୍ୱାଧୀନତା ମୁହୂର୍ତ୍ତର ସମ୍ଭାବନାକୁ ଆମେ ମୂର୍ତ୍ତିମନ୍ତ କରିପାରିଛୁ କି ? ଯଦି ଆମର ପ୍ରଚେଷ୍ଟା ଆଶାନୁରୂପ ସାଫଲ୍ୟ ଲାଭ କରିନାହିଁ, କେଉଁ ଅପ୍ରତ୍ୟାଶିତ ବିଘ୍ନ ଆମକୁ ଅକୃତକାର୍ଯ୍ୟ କରିଛି ।

"ଜାତିର ଗତିପଥ ସର୍ବଦା ନିଷ୍କଣ୍ଟକ ରହିବ ବୋଲି ଆଶା କରିବା ଆତ୍ମପ୍ରବଂଚନା ହେବ । କେତେକ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପ୍ରଗତି ସଂଗେ ସଂଗେ ଅନ୍ୟ କେତେକ କ୍ଷେତ୍ରରେ ଅନଗ୍ରସରତା ଏପରିକି ଅତିକାୟ ବିଫଳତା ଆମକୁ ମିଳିଛି । ଏହା ପ୍ରତ୍ୟେକ ଜାତିର ଅଭିଜ୍ଞତା ଏବଂ ଆମେ ଅବିମିଶ୍ର ସୌଭାଗ୍ୟ ପାଇବୁ ବୋଲି ଆଶା କରିବା ଅପରିପକ୍ୱତାର ପରିଚୟକ ହେବ ; କିନ୍ତୁ ଅନ୍ତତଃ ଆମେ ଏତିକି ଆଶା କରିବୁଁ ଯେ ଜାତିର ସାମୂହିକ ବିକାଶରେ କୌଣସି ଆଭ୍ୟନ୍ତରୀଣ ଅନ୍ତରାୟ ନ ପହଞ୍ଚୁ, ଲୋକଦେଖାଣିଆ ଆଦର୍ଶର ଆଳରେ ଗଣତାନ୍ତ୍ରିକ ଶାସନକୁ ପଥଭ୍ରଷ୍ଟ କରନଯାଉ ଏବଂ ଅଧ୍ୟବସାୟ ଓ ଏକନିଷ୍ଠ ସାଧନାର ସ୍ଥାନ ସେମାଂଚକାରୀ କାର୍ଯ୍ୟକଳାପ ନ ନେଉ । ଆମେ ଆହୁରି ଆଶା କରିବୁଁ ଯେ, ପୃଥକ୍ ମତବାଦ ଓ ଦୃଷ୍ଟିଭୋଣକୁ ରକ୍ତାକ୍ତ ଦମନ-

odishaarchives.nic.in

ଲୀଳାଦ୍ୱାରା ଲୋପ କରିବାର ଅପଚେଷ୍ଟା ନ ହେଉ ଏବଂ ସାମାଜିକ ଆଚରଣ ଏକ ପ୍ରାଚୀନପନ୍ଥୀ ଚିତ୍ତବୃତ୍ତିଦ୍ୱାରା ପ୍ରଶ୍ନବିଦ୍ଧ ନ ହେଉ ।

"ଅତୀତରେ ଯେତେବେଳେ ଆମର ସ୍ୱାଧୀନତା ବିପନ୍ନ ହୋଇଛି ତା'ର ପ୍ରାକ୍‌କାଳରେ ଏପରି ଆତଙ୍କଗ୍ରସ୍ତ, ଅନିଶ୍ଚିତତା ଓ ସଂକୀର୍ଣ୍ଣ ବିଷୟର ପ୍ରାଧାନ୍ୟ ଦେଖାଦେଇଛି । ଲୋକମାନସରେ ସ୍ୱାଧୀନତାର ମୂଲ୍ୟହାନି ଘଟିଛି ଏବଂ ଲୋକଶକ୍ତି ଜାତୀୟ ବିକାଶରେ ନିୟୋଜିତ ନ ହୋଇ ମୂଳତଃ ବିପରୀତାଭିମୁଖୀ ଅଥଚ ବାହ୍ୟରୂପ ଜାତିର ତ୍ରାଣକର୍ତ୍ତାପରି ଦିଶୁଥିବା ନେତୃତ୍ୱକୁ ଅନୁସରଣ କରି ସ୍ୱେଚ୍ଛାଚାରୀ ଶାସନ ଏପରିକି ପରାଧୀନତାର ମୁକାବିଲା କରିବାରେ ଅସମର୍ଥ ହୋଇଛି । ଜାତୀୟ ଇତିହାସର ଏହି କରୁଣ ଓ ଅନ୍ଧକାରାଚ୍ଛନ୍ନ ପୃଷ୍ଠଭୂମିକାରେ ଏହି ଛଦ୍ମବେଶଧାରୀ ନେତୃତ୍ୱର କୌଣସି ଚିତ୍ରବର୍ଣ୍ଣ ମିଳେ ନାହିଁ ଏବଂ କୁସଂସ୍କାର, ଶତାବ୍ଦୀଗତିକତା ଓ ଅର୍ଥନୈତିକ ଶୋଷଣରେ ଜାତି ରୁଗ୍‌ଣ ଓ ନିଃସହାୟ ହୋଇପଡ଼େ ।

"ଆମକୁ ଏପରି ନକଲି ବିପ୍ଳବର ମୁକାବିଲା କରିବା ସଂଗେ ସଂଗେ ଜାତୀୟ ସ୍ୱାର୍ଥର ଅଭିବୃଦ୍ଧି ପାଇଁ ସାମ୍ୟବଦ୍ଧଭାବେ କାମ କରିବାକୁ ହେବ । ଯୁଗ ଯୁଗ ଧରି ଚଳିଆସୁଥିବା ଉତ୍ପାଦନ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବାକୁ ହେବ ଏବଂ ସମାଜର ତଳିତ୍ତର ଲୋକମାନଙ୍କର ଜୀବନଧାରଣର ମାନ ବୃଦ୍ଧି କରିବାପାଇଁ ଯୋଜନାବଦ୍ଧ ପରିଶ୍ରମ କରିବାକୁ ହେବ । ଗଲା ପାଞ୍ଚ ମାସ ଭିତରେ ଓଡ଼ିଶାରେ ଭୂମିହୀନଙ୍କୁ ଅନାବାଦି ଭୂମି ବଣ୍ଟନ କରି ଖାଁଗହଳର ଶ୍ରମିକମାନଙ୍କୁ ଅଧିକ ସ୍ୱେଚ୍ଛାରକ୍ଷମ କରିବାକୁ ଚେଷ୍ଟା କରଯାଇଛି । ଜଳସେଚନର ବ୍ୟବସ୍ଥା ବ୍ୟାପକତର କରିବା ଯୋଜନାକୁ ଅଗ୍ରାଧିକାର ଦିଆଯାଇଛି । ଶିଳ୍ପ ପ୍ରସାରପାଇଁ ସରକାର ଯତ୍‌ପରୋନାସ୍ତି ସାହାଯ୍ୟ ଦେବାକୁ ଚେଷ୍ଟା କରୁଛନ୍ତି ; କିନ୍ତୁ ଯେଉଁ ଉଦ୍ୟୋଗଗୁଡ଼ିକ କେବଳ ଗଡ୍ୟର ପ୍ରାକୃତିକ ସଂପଦରେ ବାଣିଜ୍ୟ କରି ନିଜ ପ୍ରତିଷ୍ଠାନର ଲାଭ ବଢ଼ାଇବାକୁ ଚେଷ୍ଟା କରିବେ, ସେମାନେ ସରକାରଙ୍କଠାରୁ କୌଣସି ସାହାଯ୍ୟ ପାଇବେ ନାହିଁ ବୋଲି ଆମେ ସ୍ଥିର କରିଛୁ । ଆମେ ଏପରି ଉଦ୍ୟୋଗମାନଙ୍କୁ ସାହାଯ୍ୟ କରିବୁ, ଯେଉଁମାନଙ୍କର ପ୍ରଧାନ ଲକ୍ଷ୍ୟ ହେବ ଗଡ୍ୟ ଭିତରେ ଉତ୍ପାଦନ ଓ କର୍ମସଂସ୍ଥାନ ବଢ଼ାଇବା । ଦାରିଦ୍ର୍ୟ ଓ ବେକାରୀକୁ ମୁଣ୍ଡପାତି ସହିନେବା ଆମର ଉଦ୍ଦେଶ୍ୟ ନୁହେଁ, ଏବଂ ଯେଉଁ ଅର୍ଥନୀତିରେ ଏ ସବୁ ସ୍ୱାଭାବିକ ପରିଣାମ ତା'ର ମୌଳିକ ପରିବର୍ତ୍ତନ ନ ହେଲେ ସ୍ୱାଧୀନତା ନିଷ୍ଫଳ ଓ ଅର୍ଥହୀନ ହୋଇପଡ଼ିବ ।

"ଆଜି ତେଣୁ, ସାମୂହିକ ସମୃଦ୍ଧି ଓ ତା'ର ବିତୃଷ୍ଣାଚରଣ କରୁଥିବା ବିଭ୍ରାନ୍ତକାରୀ ଆନ୍ଦୋଳନ ଭିତରୁ ଜନସାଧାରଣଙ୍କୁ ଗୋବିଜକୁ ବାଛିବାକୁ ହେବ । ଏ ଦେଶର ଦାରିଦ୍ର୍ୟପ୍ରପୀଡ଼ିତ ଜନତା ଏଥିରେ ନିଜର ବିଜ୍ଞତାର ପରିଚୟ ଦେବେ । ଦେଶ ଏକ ଅତି ସଙ୍କଟଜନକ ପରିସ୍ଥିତି ଭିତରେ ଗତି କରୁଛି । ଆର୍ଥିକ ତଥା ପ୍ରାକୃତିକ ସଙ୍କଟକୁ ମୁକାବିଲା କରିବାପାଇଁ ପ୍ରବଳ ନିଷ୍ଠା ଓ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି । ଦଳମତନିର୍ବିଶେଷରେ ସେଥିପାଇଁ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କଲେହିଁ ଆମେ ସ୍ୱାଧୀନତାର ପ୍ରକୃତ ମୂଲ୍ୟ ଦେଇପାରିବା । ସେହି ମୂଲ୍ୟ ଦେବା ପାଇଁ ଆମେ ସମସ୍ତେ ଆସନ୍ତୁ ଆଜି ଏକ ହେବା ।"

ଜୟ ହିନ୍ଦ୍

ନନ୍ଦିନୀ ଶତପଥୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

odishaarchives.nic.in

ଯୌତୁକ ପ୍ରଥା
ଏକ ସାମାଜିକ କଳଙ୍କ

ORISSA STATE ARCHIVES LIBRARY
Acc. No. ..... Date .....
Call No. ..... No. .....

ରମା ଦେବୀ

ଗାଧ୍ୟର ହିତ ଦୃଷ୍ଟିରୁ ସମାଜର ଅନିଷ୍ଟକାରୀ ପ୍ରଥା ଓ କାର୍ଯ୍ୟ ବିରୁଦ୍ଧରେ ସରକାର ଆଇନ୍ ପ୍ରଣୟନ କରନ୍ତି ; କିନ୍ତୁ ସାଧାରଣତଃ ଦେଖାଯାଇଥାଏ, ଆଇନ୍ ପ୍ରଣୟନର ବହୁ ପୂର୍ବରୁ ଯୁଗପୁରୁଷ-ମାନେ ସଂସ୍କାରକ ଭାବରେ ସେ ବିଷୟରେ ବାତ୍ୟାମଣ୍ଡଳ ସୃଷ୍ଟି କରି ଲୋକଙ୍କୁ ସଚେତନ କରାଇ ଦିଅନ୍ତି । ରତା ସମମୋହନ ସୟଙ୍କଠାରୁ ଆରମ୍ଭ କରି ଗାନ୍ଧିଜୀଙ୍କ ପର୍ଯ୍ୟନ୍ତ ଦୂରଦର୍ଶୀ ମନୀଷୀମାନେ ସମାଜର ସ୍ତର ଉପରକୁ ଉଠାଇବାପାଇଁ ସ୍ତ୍ରୀଶିକ୍ଷା, ପର୍ଦ୍ଦାପ୍ରଥା, ବାଲ୍ୟବିବାହ ଓ ପଣପ୍ରଥା ଆଦି ଦୂର କରିବାକୁ ନାନା ଭାବରେ କାର୍ଯ୍ୟ କରିଛନ୍ତି । ସଂସ୍କାରପ୍ରିୟ ମହିଳାମାନଙ୍କର ମଧ୍ୟ ଏ ସବୁରେ ଅବଦାନ ଅଛି । ବଙ୍ଗଳା ପ୍ରଦେଶରୁ ଉଚ୍ଚଟ ପଣପ୍ରଥା ଉଠାଇବାପାଇଁ କୁମାରୀ ସ୍ନେହଲତାଙ୍କ ଆତ୍ମତ୍ୟାଗର ତୁଳନା ନାହିଁ । ପଶ୍ଚିମ ବଙ୍ଗଳାରୁ ପଣପ୍ରଥା ଉଠିଯିବାରେ ସ୍ନେହଲତାଙ୍କ ଆତ୍ମତ୍ୟାଗ ଗୋଟିଏ ବଡ ସହାୟକ । ଆମ ଦେଶାନ୍ତରେ ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ ଚାଲି-ଥିବାବେଳେ ସ୍ୱାଧୀନ ଭାରତପାଇଁ ସର୍ବୋଦୟ ସିଦ୍ଧାନ୍ତ ଅନୁସାରେ ଯେପରି ସମାଜ ଗଠନର ପରିକଳ୍ପନା ଗାନ୍ଧିଜୀ କରୁଥିଲେ, ସେଥିରେ ଯୌତୁକ ପ୍ରଥାର ସ୍ଥାନ ନ ଥିଲା । ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିବା କୁମାର ଓ କୁମାରୀ କର୍ମୀମାନେ ଅତି ସାଧାସିଧା ଭାବରେ ବିବାହ କାର୍ଯ୍ୟ ସଂପନ୍ନ କରୁଥିଲେ । ବିବାହ ଅନୁଷ୍ଠାନ ବେଳେ ଯେଉଁସବୁ ଉପକରଣର ପ୍ରୟୋଜନ ହୁଏ, ତା'ର ମୂଲ୍ୟ ବେଶି କିଛି ନୁହେଁ ; କିନ୍ତୁ ନିଜ ଆଭିଜାତ୍ୟ ଅଭିମାନର ପରିଚୟ ଦେବାକୁ ଯାଇ ତହିଁରେ କେତେକ ଅନାବଶ୍ୟକ ଅଧିକ ଖରଚ କରଯାଇ ତାକୁ ଆଡମ୍ବରପୂର୍ଣ୍ଣ କରଯାଏ । ଗାନ୍ଧିଜୀଙ୍କର ଅନେକ ସହକର୍ମୀ ଆଦୌ ଯୌତୁକ ନ ନେଇ ଏବଂ ନ ଦେଇ ତାଙ୍କ ପୁଅଝିଅଙ୍କୁ ବାହା କରିଛନ୍ତି । ଯୌତୁକ ନ ଥିବା ଯୋଗୁଁ ସେମାନଙ୍କ ଦାମ୍ପତ୍ୟ ଜୀବନରେ ସେଥିପାଇଁ ଅଶାନ୍ତି ଘଟିନାହିଁ କିମ୍ବା ଯୌତୁକ ପ୍ରଥାରୁ ସେମାନେ ରହିତ ହୋଇଥିବାରୁ ସେମାନେ ଅସୁଖୀ ନୁହନ୍ତି ।

ଉତ୍କଳ ପ୍ରସଙ୍ଗ, ଅଗଷ୍ଟ—୧୯୭୪

odishaarchives.nic.in

ନାରୀ ସମାଜର ନାନାବିଧ ସମସ୍ୟା ଭିତରେ ବାଳବିବାହ ପ୍ରଥା ଉଠାଇବା ପାଇଁ ବିଜ୍ଞ ବ୍ୟକ୍ତିମାନେ କାର୍ଯ୍ୟ କରିବା ଫଳରେ ଶାରଦା ଆଇନ୍ ପ୍ରଣୟନ ହେଲା । ସେତେବେଳେ ରକ୍ଷଣଶୀଳ ବ୍ୟକ୍ତିମାନେ ତା' ବିରୁଦ୍ଧରେ ମତବ୍ୟକ୍ତ କଲେ, ତଟୁ ସମାଲୋଚନା ତଳେଇଲେ ; ମାତ୍ର ତାହାର ଆବଶ୍ୟକତା ଲୋକେ ବୁଝିଲେ ଏବଂ କାଳକ୍ରମେ ବାଳବିବାହ ପ୍ରଥା ବନ୍ଦ ହେଲା । ବାଳବିବାହ ସମସ୍ୟା କେବଳ ବାଳିକା ଓ ନାରୀମାନଙ୍କର ସମସ୍ୟା ଥିଲା ; ମାତ୍ର ଯୌତୁକ ପ୍ରଥା ସାରା ସମାଜର ସମସ୍ୟା । ଯୌତୁକ ପ୍ରଥା ଭ୍ରଷ୍ଟାଚାର ଓ ଦୁର୍ନୀତି ଆଦି ଅନିଷ୍ଟକାରୀ କାର୍ଯ୍ୟର ସହାୟକ ହେଉଛି । ତାହାରି ଯୋଗୁଁ ବାଧ୍ୟ ହୋଇ କେତେ ଲୋକଙ୍କୁ ନିନ୍ଦିତ କାର୍ଯ୍ୟ ମଧ୍ୟ କରିବାକୁ ପଡୁଛି । ତଳେଇ କଣ ଦେଖିଲେ, ତାହା ଏକ ସାମାଜିକ ଅପରାଧ ବୋଲି ମନେ ହେବ । ବର୍ତ୍ତମାନ ଯୁଗରେ ମଧ୍ୟ ଏମନ୍ତ ପ୍ରଥାକୁ ଲୋକେ ଗୌରବ ଦେଉଛନ୍ତି । ଧନୀକୁ ଅଧିକ ସମ୍ମାନ ଦେବା ଓ ଦରିଦ୍ରକୁ ଅସମ୍ମାନ ତଥା ତୁଚ୍ଛ ଜ୍ଞାନ କରିବାର ମନୋବୃତ୍ତି ବଢ଼ିଯାଇଛି । ଘରକୁ ଯେଉଁ ବୋହୂ ଆସୁଛି, ସେ ବାପଘରୁ ଆଣିଥିବା ଯୌତୁକ ଅନୁସାରେ ତାକୁ ଓ ତା'ବାପ ଘରକୁ ସମ୍ମାନ ମିଳୁଛି । ଅଭିଭାବକମାନଙ୍କ ବିତ୍ତର ଧାରା ବଦଳାଇବାପାଇଁ ଶାରଦା ଆଇନ୍ ପ୍ରଣୟନ ହୋଇଥିଲା । ଉଚ୍ଚଶିକ୍ଷାପ୍ରାପ୍ତ ତରୁଣ ଓ ତରୁଣୀମାନେ ଦେଶ ତଥା ସମାଜର ବହୁମୁଖୀ ଉନ୍ନତି ତଥା ବିକାଶପାଇଁ ଜ୍ଞାନ ବିଜ୍ଞାନର ଚର୍ଚ୍ଚା କରୁଥିବା ସ୍ଥଳେ ଏହି ହୀନ ପ୍ରଥାଟି ଯେ ମୁଣ୍ଡ ଟେକି ରହିଛି, ଏହା ତରୁଣ ତରୁଣୀମାନଙ୍କ ପରାକ୍ରମରେ ଆଞ୍ଚ ଆଣୁନାହିଁ କି ? ଏହା ସେମାନଙ୍କର ବିଚାର୍ଯ୍ୟର ବିଷୟ ।

ଯୌତୁକ ପ୍ରଥା ବିଷୟରେ ଗାନ୍ଧିଜୀଙ୍କର "ଯୁବ ସମାଜ ପ୍ରତି ଲଢ଼ା" ଶୀର୍ଷକ ଲେଖାର କିଛି ଅଂଶ ଏଥିରେ ଦେଉଛି । ଆଶା କରୁଛି, ଆମର ଉଚ୍ଚଶିକ୍ଷାପ୍ରାପ୍ତ ଚିନ୍ତାଧାରା ଓ ଉଚ୍ଚ ପଦାଧିକାରୀ ତରୁଣ ତରୁଣୀମାନେ ଗାନ୍ଧିଜୀଙ୍କର ଏ ଲେଖା ପଢ଼ି ତାହା ବିଚାରକୁ ଆଣିବେ । ଗାନ୍ଧିଜୀ ଲେଖିଛନ୍ତି— "ଜଣେ ପତ୍ରପ୍ରେରକ ମୋ ପାଖକୁ ଖବର କାଗଜର ଖଣ୍ଡିଏ ଅଂଶ ପଠାଇ ଦେଇଛନ୍ତି । ସେଥିରେ ଲେଖାଥିଲା ଯେ ପିଛୁପ୍ରଦେଶର ଦାଇଜବାଦରେ ବରମାନଙ୍କର ଦାବୀ ଉଚ୍ଚୟଙ୍କର ଉତ୍ତରେ ବଢ଼ି ଚାଲିଛି । ଇମ୍ପରିୟଲ ଟେଲିଗ୍ରାଫ ସର୍ଭିସର ଜଣେ କର୍ମଚାରୀ ତାହାର ବିବାହ ନିର୍ବନ୍ଧ ଦିନ ନଗଦ ଜୋଡ଼ିଏ ହଜାର ଟଙ୍କା ଆଦାୟ କରିଛି ଏବଂ ବିବାହ ଦିନ ଓ ତାହାପରେ ବିଶେଷ ଅବସରଗୁଡ଼ିକରେ ଆହୁରି ଅତିରିକ୍ତ ଟଙ୍କା ପାଇବାର ପ୍ରତିଶ୍ରୁତି ପାଇଛି । ଯେଉଁ ଯୁବକ ଯୌତୁକକୁ ଏକ ସର୍ତ୍ତ ରୂପେ ଧରିବସେ, ସେ ନିଜର ଶିକ୍ଷାର ଅବମାନନା କରେ ତଥା ନାରୀ ଜାତିପ୍ରତି ଅସମ୍ମାନ ପ୍ରଦର୍ଶନ କରେ । ଦେଶରେ ଅନେକ ଯୁବ ଆନ୍ଦୋଳନ ଚାଲିଛି । ମୋର ଆଶା ଯୁବ ଆନ୍ଦୋଳନର ଉଦ୍ଦେଶ୍ୟ ହେବ ଏହି ଧରଣର ସମସ୍ୟା ହାତକୁ ନେବା । ଏହି ହୀନ ଯୌତୁକ ପ୍ରଥାକୁ ନିଜା କରିବା ପାଇଁ ଦୃଢ଼ ଜନମତ ଗଠିତ ହେବା ଦରକାର ।"

ଉଚ୍ଚଶିକ୍ଷାପ୍ରାପ୍ତ ତରୁଣ ତରୁଣୀମାନେ ନିଜ ପିତା ମାତା ବା ଅଭିଭାବକଙ୍କୁ ବୁଝାଇବା ଉଚିତ ହେବ ଯେ, ସନ୍ତାନମାନଙ୍କୁ ଶିକ୍ଷା ଦେଇ ସାରିବା ପରେ, ସନ୍ତାନ ପ୍ରତି ପିତାମାତାଙ୍କର କର୍ତ୍ତବ୍ୟ ଶେଷ ହେଲା ବୋଲି ବୁଝିବା ଉଚିତ । ସନ୍ତାନର ଆଭିଜାତ୍ୟ ଜୀବନ ତଥା ଚଳଣୀକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଧନ ସଂପତ୍ତି ଜମାକରି ରଖିଲେ ତାହା ସନ୍ତାନର ପୁରୁଷାର୍ଥକୁ କ୍ଷୁଣ୍ଣ କରେ, ପରାକ୍ରମରେ ବାଧା ସୃଷ୍ଟି କରେ ।

ଗୋଟିଏ ଭୁଲ ତଥା ଅଶୋଭନୀୟ ବୁଝାମଣା ଆମର ଘରେ ଘରେ ଅଶାନ୍ତି ସୃଷ୍ଟି କରୁଛି । ତାହା ହେଉଛି, କନ୍ୟାର ବାପ ମା ଝିଅକୁ ଘର ସମ୍ଭାଳିବାର ଉପଯୁକ୍ତ କରି ବାହା କରିଦେଇ ଶ୍ୱଶୁର

odishaarchives.nic.in

ଘରକୁ ପଠାଇଲେ । ବର ବାପ ମା କୌଣସି ଶ୍ରମ ବା ପଇସା ଖରଚ ନ କରି ତାଙ୍କ ପୁଅର ଗାର୍ହସ୍ଥ୍ୟ ଜୀବନପାଇଁ ସହଧର୍ମିଣୀ ଅନାୟାସରେ ପାଇଲେ । ଏଥିପାଇଁ ବର ବାପ ମା, କନ୍ୟା ବାପ ମାଙ୍କ ପାଖରେ କୃତଜ୍ଞ ହେବାର କଥା । ମାତ୍ର ହେଉଛି କ'ଣ ? ବର ବାପ ମା, କନ୍ୟା ବାପ ମାଙ୍କୁ ନ୍ୟୂନ ଚକ୍ଷୁରେ ଦେଖନ୍ତି ଏବଂ ଯୌତୁକର ଭଲମନ୍ଦ ବା ଉଣା ଅଧିକ ଉପରେ ସମାଲୋଚନା କରନ୍ତି । ଏହି ଭୁଲ ବୁଝାମଣାକୁ ସଂଶୋଧନ କରିବାର ଦାୟିତ୍ୱ ଅଭିଭାବକମାନେ ନେବା ଉଚିତ । ଏହି ଭୁଲ ବୁଝା-ମଣାର ବିଲୋପ ହେଲେ ପରସ୍ପର ଭିତରେ ବନ୍ଧୁତ୍ୱ ପ୍ରୀତି ବଢ଼ିବ ଓ ଯୌତୁକ ପ୍ରଥା କମିବ ।

ଏସବୁ କଥା ବିସ୍ତର କଲେ ଏକଥା ମନକୁ ଆସେ ଯେ ପ୍ରଚଳିତ ସମାଜ ବ୍ୟବସ୍ଥା ନ ବଦଳିଲେ ପୁରୁଣାକାଳିଆ ପ୍ରଥାଗୁଡ଼ିକ ଛାଡ଼ିବା ସହଜ ନୁହେଁ । ଯେ ପର୍ଯ୍ୟନ୍ତ ବସି ଖାଇବା, ଧନ ସଂପତ୍ତି ଜମା କରି ରଖିବା, ମୂଲ୍ୟବାନ୍ ଲୁଗା ଓ ଗହଣା ପିନ୍ଧିବା ଆଦିକୁ ଗୌରବ ଦିଆଯାଉଥିବ, ସେ ପର୍ଯ୍ୟନ୍ତ ଅସତ୍ ଉପାୟରେ ଧନ ଉପାର୍ଜ୍ଜନ କରିବାର ବୃତ୍ତି ବଢ଼ି ଚାଲିଥିବ । ତେଣୁ, ସମାଜରେ ନୂଆ ମୂଲ୍ୟ-ବୋଧ ଆସିବାପାଇଁ ଜନମତ ସୃଷ୍ଟିହେବା ଦରକାର । ସେଥିରେ ସମ୍ମାନ ତଥା ପ୍ରତିଷ୍ଠା ମଣିଷକୁ ଧନ ଉପରେ ନୁହେଁ, ଗୁଣ ଉପରେ ମିଳିବାର ଚଳନ ହେବ । ଶରୀର ଶ୍ରମକୁ ପ୍ରତିଷ୍ଠା ଦିଆଯିବ । ସମସ୍ତଙ୍କ ମଧ୍ୟରେ ଏକ ଆତ୍ମା, ମୂଳତଃ ସମସ୍ତେ ସମାନ, ତେଣୁ ଭଗବତ୍ ପ୍ରଦତ୍ତ ପଦାର୍ଥରେ ସମସ୍ତଙ୍କର ଅଧିକାର ଅଛି ଇତ୍ୟାଦି ବିସ୍ତର ଚଳାଇବା ଦରକାର ହେଉଛି ।

ସବୁ ଯୁଗରେ ଏବୁକାଳରେ ତରୁଣ ତରୁଣୀମାନେହିଁ ସମାଜକୁ ମନ୍ଦ ପ୍ରଭାବରୁ ରକ୍ଷା କରିଥାନ୍ତି । ଏବେ ସେମାନଙ୍କ ଭିତରେ ଥିବା ମହାନ୍ ଶକ୍ତିକୁ ସମାଜର ମଙ୍ଗଳକର କାମରେ ଲଗାନ୍ତୁ ।

odishaarchives.nic.in

ଓଡ଼ିଶାରେ କୃଷି ଉତ୍ପାଦନ ବୃଦ୍ଧି

ମୁଖ୍ୟମନ୍ତ୍ରୀଙ୍କଦ୍ୱାରା ଓଡ଼ିଶାର ସମସ୍ୟାବଳୀ ଉତ୍ଥାପନ

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ, କୃଷିମନ୍ତ୍ରୀ ଶ୍ରୀ ସି. ସୁବ୍ରମନ୍ୟମ୍ ଓ କେନ୍ଦ୍ର ସରକାରଙ୍କ କେତେକ ଉଚ୍ଚପଦସ୍ଥ ଅଫିସର ଜୁଲାଇ ୧୭ ତାରିଖରେ ଓଡ଼ିଶା ଆଗମନ କରିଥିଲେ । ଓଡ଼ିଶାର କୃଷି ସମସ୍ୟା ଅନୁଧ୍ୟାନ କରିବା ଆଗମନର ଉଦ୍ଦେଶ୍ୟ ଥିଲା । ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇବାକୁ ଯାଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିଭିନ୍ନ କୃଷି ସଂକ୍ରାନ୍ତ ସମସ୍ୟା ଆଲୋଚନା କରିଥିଲେ ମୁଖ୍ୟମନ୍ତ୍ରୀଙ୍କ ଭାଷଣର ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା :

ଓଡ଼ିଶାଭଳି ରାଜ୍ୟ ପକ୍ଷରେ କୃଷି ହେଉଛି, ସର୍ବପ୍ରଧାନ କାର୍ଯ୍ୟକ୍ରମ, କାରଣ ଏ ରାଜ୍ୟର ଅର୍ଥନୀତିରେ କୃଷିର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଆମ ରାଜ୍ୟର ଶ୍ରମଜୀବୀମାନଙ୍କ ମଧ୍ୟରୁ ପ୍ରାୟ ଶତକଡା ୭୦ ଭାଗ କୃଷି କାର୍ଯ୍ୟରେ ନିର୍ଭର କରିଥାନ୍ତି । ତେଣୁ, ଯେଉଁ କାର୍ଯ୍ୟକ୍ରମଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି କରାଯାଇପାରିବ, ସେଭଳି ଏକ କାର୍ଯ୍ୟକ୍ରମ ରାଜ୍ୟର ସର୍ବାଧିକ ଶ୍ରମଜୀବୀଙ୍କର ଆୟବୃଦ୍ଧି କରିବାରେ ମଧ୍ୟ ସହାୟକ ହେବ ।

କୃଷି ସଂପର୍କିତ ବିଭିନ୍ନ ସମସ୍ୟା

କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଦିଗରେ ଯେଉଁସବୁ ସମସ୍ୟା ରହିଛି, ତାହା ଅତ୍ୟନ୍ତ ଜଟିଳ । ଆମର ଅର୍ଥନୀତିରେ କୃଷିର ସ୍ଥାନ ବଡ ବ୍ୟାପକ ଏବଂ କାର୍ଯ୍ୟକ୍ରମର ବ୍ୟାପକତା ଦୃଷ୍ଟିରୁ ଏ ପ୍ରକାର ଜଟିଳତା ରହିଛି । ଅତୀତରେ ଆମ ରାଜ୍ୟରେ ପୁଞ୍ଜି ବିନିଯୋଗ ଭୁଲ ବାଟରେ ହୋଇଛି । ସୁତରାଂ ରାଜ୍ୟର କୃଷି ଉତ୍ପାଦନ ବୃଦ୍ଧି ଦିଗରେ ବିଭିନ୍ନ ସମସ୍ୟା ସୁଧାରିବା ହେଉଛି ବର୍ତ୍ତମାନ ସବୁଠାରୁ ବଡ କାମ ।

odisharchives.nic.in

ସାର ଯୋଗାଣ

ସ୍ୱଳ୍ପ ପରିମାଣରେ ସାର ଯୋଗାଇଦେବା ନିମନ୍ତେ କୃଷି ମନ୍ତ୍ରଣାଳୟ ନିକଟରେ ଦାବୀ ହୋଇ ଆସୁଛି । ଏ କଥା ସତ ଯେ ସାରର ଗ୍ରହିତା ଇତିମଧ୍ୟରେ ବହୁଗୁଣ ବଢ଼ି ଯାଇଛି । ସାର ଯୋଗାଣ ଦିଗରେ କେନ୍ଦ୍ର ସରକାରଙ୍କ ଅସୁବିଧାଗୁଡ଼ିକ ମଧ୍ୟ ଆମେ ଉପଲବ୍ଧି କରୁଛୁଁ । କେନ୍ଦ୍ର ସରକାର ସାର ଯୋଗାଇ ଦେବାପାଇଁ ଯଥାସମ୍ଭବ ଚେଷ୍ଟା କରୁଥିବା ବିଷୟ ହୃଦୟଙ୍ଗମ ନ କରି ତାଙ୍କ ନିକଟରେ ସାରପାଇଁ ଏକ ବଡ଼ଧରଣର ତାଲିକା ଉପସ୍ଥାପିତ କରିବା ଅସମୀଚୀନ ହେବ । ନିଅଣ୍ଟିଆ ସମ୍ବଳ ଭିତରେ ବଣ୍ଟନ କରିବା ହିଁ ଏକ ପ୍ରଶ୍ନ । ମାତ୍ର କୃଷି ମନ୍ତ୍ରଣାଳୟ ଆମର ଆବଶ୍ୟକତାକୁ ବିଚାରକୁ ନେଇ ଜାତୀୟ ନ୍ୟାୟସଙ୍ଗତ ବିଚାର ଓ ବଣ୍ଟନ ଦୃଷ୍ଟିରୁ ଆମକୁ ସାର ଯୋଗାଇ-ଦେବେ । ପ୍ରଧାନମନ୍ତ୍ରୀଙ୍କୁ ମୁଁ ପ୍ରତିଶ୍ରୁତି ଦେଉଛି ଯେ ଯଦି ଆମ ଦେଶକୁ ସାରର ଅଭାବ ମଧ୍ୟରେ ଗତି କରିବାକୁ ପଡ଼େ, ତେବେ ଓଡ଼ିଶା ଏଭଳି କିଛି ଦାବୀ କରିବ ନାହିଁ, ଯାହା ତୁଲ୍ଲଉବା ପାଇଁ କୃଷି ମନ୍ତ୍ରଣାଳୟ ଅସୁବିଧାର ସମ୍ମୁଖୀନ ହେବେ । ଅପର ପକ୍ଷରେ, ଅଳ୍ପ ସାର ବ୍ୟବହାର କରି ଅଧିକ ଉତ୍ପାଦନ ହେବାଭଳି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଦିଗରେ ଆମେ ଚେଷ୍ଟା କରିବୁ ।

ଜଳସେଚନ

ଆମ ରାଜ୍ୟର ଜଳସେଚନ ବ୍ୟବସ୍ଥାର ବିକାଶପାଇଁ ଆମେ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଛୁଁ । ଏହାର କାରଣ ହେଉଛି ରବି ଋତୁରେ ଖାଦ୍ୟଶସ୍ୟ ଉତ୍ପାଦନ ଯଥେଷ୍ଟ ବଢ଼ାଇ-ବାକୁ ପଡ଼ିବ । ଚତୁର୍ଥ ଯୋଜନାର ଶେଷ ବର୍ଷରେ ଖରିଫ ଉତ୍ପାଦନ ୪୨.୪୨ ଲକ୍ଷ ଟନ୍ ହେବ ବୋଲି ଅଟକଳ କରାଯାଇଥିଲା । ପଞ୍ଚମ ଯୋଜନା ଶେଷ ସୁଦ୍ଧା ଏହା ୨୫.୨୩ ଲକ୍ଷ ଟନ୍‌କୁ ବୃଦ୍ଧି କରିବା ଆମର ଲକ୍ଷ୍ୟ । ୧୮.୨୧ ଲକ୍ଷ ଟନ୍ ଅଧିକ ଉତ୍ପାଦନ ମଧ୍ୟରୁ ୮·୨୦ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଯାହା କି ମୋଟ ଅତିରିକ୍ତ ଉତ୍ପାଦନର ପ୍ରାୟ ଶତକଡ଼ା ୪୦ ଭାଗ, ତାହା ରବି ଋତୁରେ ଉତ୍ପାଦିତ ହୋଇପାରିବ । ସେହିପରି ୪ର୍ଥ ଯୋଜନା କାଳରେ ଯେତେ ଗହମ ଉତ୍ପାଦନ ସମ୍ଭବ ହୋଇଛି, ପଞ୍ଚମ ଯୋଜନାରେ ତାହା ଦୁଇଗୁଣରୁ ଅଧିକକୁ ବୃଦ୍ଧି କରାଯାଇ ପାରିବ । ଏହି ଉଭୟ କାର୍ଯ୍ୟକ୍ରମ ପାଇଁ ଜଳସେଚନର ଆବଶ୍ୟକତା ରହିଛି । ରାଜ୍ୟ ଯୋଜନାରେ ଆମେ ଜଳସେଚନ କାର୍ଯ୍ୟକ୍ରମ ପାଇଁ ଯଥେଷ୍ଟ ଗୁରୁତ୍ୱ ଦେଇଛୁ । ମାତ୍ର, ଏଭଳି କେତେକ ନିର୍ଦ୍ଦିଷ୍ଟ ଅଂଚଳ ରହିଛି, ଯେଉଁଠାରେ କି କୃଷି ମନ୍ତ୍ରଣାଳୟଙ୍କ ବିଶେଷ ସାହାଯ୍ୟ ଆବଶ୍ୟକ । ଏହା ଫଳରେ ଜାତୀୟ ସ୍ତରରେ ହାରାହାରି ଜଳସେଚିତ ଅଂଚଳ ସହିତ ଆମ ରାଜ୍ୟର ଜଳସେଚନ ବ୍ୟବସ୍ଥା ତୁଳନୀୟ ହୋଇପାରିବ ।

ଭୂ-ତଳ ଜଳର ଉପଯୋଗ

ଓଡ଼ିଶାରେ ଜଳସେଚନ ନିମନ୍ତେ ଭୂ-ତଳ ଜଳ ସଂପଦର ଉପଯୋଗ ବିଶେଷ ଉତ୍ସାହପ୍ରଦ । ଓଡ଼ିଶା ଉଠା ଜଳସେଚନ କର୍ପୋରେସନ ୨ ହଜାର ଗଭୀର ନଳକୂପ, ୧୦ ହଜାର ଅଗଭୀର ନଳକୂପ ଓ ୧·୨ ଲକ୍ଷ ଖୋଲା କୂପ ଖନନ ନିମନ୍ତେ ୧୦୦ କୋଟି ଟଙ୍କାର ଏକ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ଆମେ ଏଥିପାଇଁ କୃଷି ରିଫାଇନାନ୍ସ କର୍ପୋରେସନ ଓ ବ୍ୟବସାୟୀ ବ୍ୟାଙ୍କଗୁଡ଼ିକରୁ ଯଥେଷ୍ଟ ପରିମାଣରେ ସାହାଯ୍ୟ ପାଇଛୁ । ମାତ୍ର ଏ କାର୍ଯ୍ୟକ୍ରମ ସାଙ୍ଗକୁ ଭୂ-ଗର୍ଭ ଜଳର ସର୍ଭେ ଆବଶ୍ୟକ ମନେ ହୁଏ । ଏ ଦିଗ ପ୍ରତି ଅତୀତରେ ଅବହେଳା କରାଯାଇଛି । ରାଜ୍ୟ ସରକାର ପ୍ରଥମେ

odishaarchives.nic.in

ଏହି ସର୍ତ୍ତେ କାର୍ଯ୍ୟକ୍ରମ ପାଇଁ ୨ କୋଟି ଟଙ୍କା ବଣ୍ଟନ କରିଥିଲେ ; କିନ୍ତୁ ଯୋଜନା କମିଶନ ଏହା ୩.୫ କୋଟି ଟଙ୍କାକୁ ଜମାଇ ଦେଇଛନ୍ତି । ଏହି ନିଅଣ୍ଟ ପୂରଣ କରାଗଲେ ଆମେ ଏ ସର୍ତ୍ତେ କାମ ଆଗେଇ ନେଇ ପାରିବୁ । ଅନ୍ୟ ଏକ ଦୃଷ୍ଟିକୋଣରୁ ମୁଁ ଏ ବିଷୟରେ ଏକ ଯୁକ୍ତି ଦର୍ଶାଇଛି । ଆମେ ବିଭିନ୍ନ ଅର୍ଥଲଗାଣକାରୀ ଅନୁଷ୍ଠାନଗୁଡ଼ିକରୁ ଅର୍ଥ ଆଣି ଅନେକ ଭୂ-ତଳ ଜଳ ଉନ୍ନୟନ କାର୍ଯ୍ୟ-କ୍ରମରେ ବିନିଯୋଗ କରୁଛୁ ; କିନ୍ତୁ ଏ ସଂକ୍ରାନ୍ତ ବିଭିନ୍ନ ପରିକଳ୍ପନାଗୁଡ଼ିକ ପ୍ରସ୍ତୁତ ନ କଲେ ଭବିଷ୍ୟତରେ ଏହା ଏକ ବିଫଳତାରେ ପର୍ଯ୍ୟବସିତ ହେବ । ଆବଶ୍ୟକ ପରିକଳ୍ପନାମାନ ପ୍ରସ୍ତୁତ କରାଗଲେ ରାଜ୍ୟର ବିଭିନ୍ନ ଅଂଚଳର ଭୂ-ତଳ ଜଳ ସଂଯତର ସିଦ୍ଧାନ୍ତ ସାଧନ କରାଯାଇପାରିବ ।

ଉଠା ଜଳସେଚନ ଯୋଜନା

ଉଠା ଜଳସେଚନ କେନ୍ଦ୍ରଗୁଡିକର ଅନ୍ୟାନ୍ୟ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ସେଗୁଡ଼ିକୁ ବିଦ୍ୟୁତ୍‌ଶକ୍ତି ଯୋଗାଇଦେବା ଅନ୍ୟ ଏକ ସମସ୍ୟା ରୂପେ ରହିଛି । ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିମନ୍ତେ ଓଡିଶା ରାଜ୍ୟ ବିଦ୍ୟୁତ୍‌ବୋର୍ଡଙ୍କ ଦାବୀ କାଟ କରିଯାଇଛି । ଉଠା ଜଳସେଚନ କେନ୍ଦ୍ରଗୁଡ଼ିକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦେବା ନିମନ୍ତେ ବୋର୍ଡ଼ ପ୍ରାୟ ଅଧିକା ୩ କୋଟି ଟଙ୍କା ଆବଶ୍ୟକ କରନ୍ତି । ଆଉ ମଧ୍ୟ କଣ୍ଡକ୍‌ଟର ପ୍ରସ୍ତୁତ କରିବା ନିମନ୍ତେ ଆଲୁମିନିୟମର ନିତାନ୍ତ ଅଭାବ ରହିଛି । ଏଥିପାଇଁ ପ୍ରାୟ ୬ ହଜାର ଟନ ଆଲୁମିନିୟମ ଆବଶ୍ୟକ । କେନ୍ଦ୍ର ସରକାର ଏ ଦିଗରେ ସାହାଯ୍ୟ କରିବେ ବୋଲି ମୁଁ ଆଶାକରେ ।

କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ଯୋଜନା

ମଧ୍ୟମ ତଥା କ୍ଷୁଦ୍ର ଜଳସେଚନ ଯୋଜନାଗୁଡିକ ଜରିଆରେ ଜଳସେଚନର ବ୍ୟବସ୍ଥା କରିବା ଦିଗରେ ବିଶେଷ ଉଦ୍ୟମ କରାଯାଉଛି । କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ବିଗତ ଦୁଇବର୍ଷ ଭିତରେ ରାଜ୍ୟ ସରକାର ପ୍ରତିବର୍ଷ ୧ କୋଟି କରି ଟଙ୍କା ଖର୍ଚ୍ଚ କରି ଆସୁଛନ୍ତି । ଏ ବର୍ଷ କାର୍ଯ୍ୟକ୍ରମ କିନ୍ତୁ ୨ କୋଟି ଟଙ୍କାରେ ରହିଛି । ସମ୍ବଳ ଅଭାବ ଏହାର କାରଣ । ୧୯୭୩-୭୪ ମସିହାଭଳି ଯଦି ଆଡଜଷ୍ଟମେଣ୍ଟ ବିଲରେ ୩ କୋଟି ଟଙ୍କା ମିଳିଯାଏ, ତେବେ ଖରିଫ୍ ଫସଲ ନିମନ୍ତେ ପ୍ରାୟ ୧.୫୫ ଲକ୍ଷ ଏକର ଏବଂ ରବି ଫସଲପାଇଁ ୪୯,୦୦୦ ଏକର ଜମିରେ ଜଳସେଚନ କରାଯାଇପାରିବ । ଏହାଛଡ଼ା ଯୋବ୍ରା ଓ ବିରୂପା ଅନିକଟ ପ୍ରଶ୍ନ ରହିଛି । ଏଥିପ୍ରତି ମୁଁ ପ୍ରଧାନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଏଗୁଡିକ ଶହେ ବର୍ଷର ପୁରୁଣା କାମ । ଏହାର ସଂସ୍କାର ତୁରନ୍ତ ଆବଶ୍ୟକ । ଏଥିପାଇଁ ୨୦ କୋଟି ଟଙ୍କା ଆବଶ୍ୟକ । ରାଜ୍ୟ ଯୋଜନା ଅନ୍ତର୍ଭୁକ୍ତ ୨୦ କୋଟି ଟଙ୍କା ମଧ୍ୟରେ ଏହି ବ୍ୟୟ ଅଟଳ ଭରଣା କରିବା ନିମନ୍ତେ ମୁଁ ଅକ୍ଷମ ।

କୃଷି ଶ୍ରମିକ ଓ ଆଦିବାସୀ ଉନ୍ନୟନ ପରିକଳ୍ପନା

ଭାରତ ସରକାର ଏସବୁ ପ୍ରଶ୍ନ ସହାନୁଭୂତିର ସହିତ ବିଚାର କରିବା ମୁଁ ଆଶାକରେ । ଅନେକଗୁଡ଼ିଏ କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥା, ଅତି କ୍ଷୁଦ୍ର କୃଷୀ ଓ କୃଷି ଶ୍ରମିକ ତଥା ଆଦିବାସୀ ଉନ୍ନୟନ ପରିକଳ୍ପନା ମଞ୍ଜୁର ହୋଇଥିବାରୁ ଆମେ କେନ୍ଦ୍ର ସରକାରଙ୍କ ନିକଟରେ କୃତଜ୍ଞ । ଏସବୁ ଯୋଜନାର ଅଗ୍ରଗତି ବିଶେଷ ସନ୍ତୋଷଜନକ ଜଣାପଡ଼ିଛି । ଏହି ସମସ୍ତ ଉଲ୍ଲେଖନୀୟ କାର୍ଯ୍ୟକଳାପ ନିମନ୍ତେ ରାଜ୍ୟ ସରକାରଙ୍କ ସଂପୃକ୍ତ ଅଫିସରମାନଙ୍କୁ ମୁଁ ଧନ୍ୟବାଦ ଜଣାଉଛି । ଏଥି ସଙ୍ଗେ ସଙ୍ଗେ

odishaarchives.com

ତୈଳବୀଜ, ଫଳ ବଗିଚା ଓ ମକା ଉତ୍ପାଦନ ପାଇଁ ମୁଁ ସେମାନଙ୍କୁ ପରାମର୍ଶ ଦେଇଛି । ଏସବୁ ଉତ୍ପାଦନ ଗବେଷଣା ଓ ସଂପ୍ରସାରଣ ଦିଗରେ ଉଦ୍ୟମ ଯଥେଷ୍ଟ ହୋଇନାହିଁ । କେତେକ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟି ହେଉଥିଲେ ହେଁ ବାଜରା, ଡାଲି ଜାତୀୟ ଶସ୍ୟ, ତୈଳବୀଜପାଇଁ ଏହା ପ୍ରତିକୂଳ ନୁହେଁ । ଏହି ଅବସରରେ ଓଡ଼ିଶାରେ ଏକ କେନ୍ଦ୍ରୀୟ ବାଜରା ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ବିଷୟ ଶ୍ରୀ ସୁବ୍ରମନ୍ୟମ ବିଚାର କରିବେ ବୋଲି ମୁଁ ଅନୁରୋଧ କରୁଛି । ଏ ଦିଗରେ ରାଜ୍ୟ ସରକାର ପୂର୍ଣ୍ଣ ସହଯୋଗ କରିବେ ।

ଜିଲ୍ଲା ସ୍ତରରେ ସମନ୍ୱିତ ଉଦ୍ୟମ ଆବଶ୍ୟକ

ଆମର ଫିଲ୍ଡ ଅଫିସରମାନେ ବିଭିନ୍ନ କ୍ଷେତ୍ରରେ ସହଯୋଗ ଓ ସମନ୍ୱୟ ସ୍ଥାପନ କରି କାମ କରିବାକୁ ମୁଁ ସେମାନଙ୍କୁ ପରାମର୍ଶ ଦେଇଛି । କୃଷି ଉତ୍ପାଦନ କାର୍ଯ୍ୟକ୍ରମ କ୍ଷେତ୍ରରେ ଏ ବିଭାଗ ସେ ବିଭାଗ ପ୍ରଶ୍ନ ଉଠୁନାହିଁ । କୌଣସି ବିଭାଗ ଅନ୍ୟ କୌଣସି ବିଭାଗ ନ ଥିବାଭଳି ନିଜ ନିଜ ବିଭାଗର କାମ କେବଳ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବିବା ନିମନ୍ତେ ଅନୁମତି ଦିଆଯିବ ନାହିଁ । ଜିଲ୍ଲା ସ୍ତରରେ କ୍ଷେତ୍ରାଧିକାରୀମାନେ ସମନ୍ୱିତ ଭାବେ କାର୍ଯ୍ୟ କରିବାପାଇଁ ଶିକ୍ଷିତ ଆବଶ୍ୟକ ଏବଂ କୃଷି ଉତ୍ପାଦନ ଉଦ୍ୟମ ବାଧାପ୍ରାପ୍ତ ହେବାଭଳି ବିଭାଗୀୟ ମନୋଭାବ ପୋଷଣ କରିବା ଉଚିତ ନୁହେଁ । କୃଷି ସଂପ୍ରସାରଣ, ଗୋଷ୍ଠୀ ଉନ୍ନୟନ, ଗ୍ରାମ୍ୟ ବିଦ୍ୟୁତ୍‌କରଣ ଏବଂ ଉପଯୋଗୀକରଣ ଆଦି କାମ ଉତ୍ପାଦନ ବୃଦ୍ଧିର ସହାୟକ ଓ ଅଙ୍ଗବିଶେଷ । ମୁଁ ଆଶା କରୁଛି, ଜିଲ୍ଲା ସ୍ତରରେ ଏ ସମସ୍ତ କାର୍ଯ୍ୟ କରୁଥିବା ଅଫିସରମାନେ ପ୍ରଥମେ ଏ କାର୍ଯ୍ୟକ୍ରମ ବିଷୟରେ ଓ ପରେ ନିଜର ବିଭାଗ ସମ୍ପର୍କରେ ଚିନ୍ତା କରିବା ଦରକାର ।

— — —

odishaarchives.nic.in

ଏକ ନୂତନ ଅଧ୍ୟାୟ

ଶ୍ରୀ ଗୋପକୃଷ୍ଣ ଦାସ
ମୁଖ୍ୟମନ୍ତ୍ରୀଙ୍କ ଲୋକସଂପର୍କ ଅଫିସର

ପ୍ରଚୁର ଖଣିଜ ସଂପଦ, ଉର୍ବର ମୃତ୍ତିକା, ସୁଦୀର୍ଘ ଉପକୂଳ ଏବଂ ସର୍ବୋପରି ବିବିଧ ପ୍ରାକୃତିକ ସଂପଦରେ ଭରପୂର ସତ୍ତ୍ୱେ ଆମଘଡ୍ୟ ଅନ୍ୟାନ୍ୟ ଘଡ୍ୟ ତୁଳନାରେ ସର୍ବାପେକ୍ଷା ଅଧିକ ଅନଗ୍ରସର ଅବସ୍ଥାରେ ରହିଛି ; ତେଣୁ ଘଡ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନ କରି ଘଡ୍ୟବାସୀଙ୍କ ଆଶାଆକାଙ୍କ୍ଷା ପୂରଣ ଦିଗରେ ଘଡ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ସଙ୍ଗେ ସଙ୍ଗେ ଅଗ୍ରାଧିକାର ଭିତ୍ତିରେ ସେସବୁକୁ କାର୍ଯ୍ୟକାରୀ କରୁଛନ୍ତି ।

ଭୂମିହୀନଙ୍କୁ ଭୂମିଦାନ

ଘଡ୍ୟର ଅବହେଳିତ ଭୂମିହୀନ ଲୋକଙ୍କ ମଧ୍ୟରେ ଜମିବଣ୍ଟନ ହେଉଛି ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ । ୧୯୭୫ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଦୁଇ ଲକ୍ଷ ଏକର ଜମିବଣ୍ଟନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହି ଯୁଗାନ୍ତକାରୀ କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଭାବରେ ନିଜେ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଚଳିତ ବର୍ଷ ଅପ୍ରେଲ ପହିଲା ଦିନ ପୁରୀ ଜିଲ୍ଲା ପଟିଆ ଗ୍ରାମର କେତେଜଣ ଭୂମିହୀନ ଲୋକଙ୍କ ସ୍ୱହସ୍ତରେ ଜମିପଟା ବାଣ୍ଟିଥିଲେ । ଅତିପର୍ଯ୍ୟାୟ ପର୍ଯ୍ୟାୟକ୍ରମେ ସବୁ ଜିଲ୍ଲାରେ ଭୂମିହୀନଙ୍କୁ ଜମିପଟା ଦିଆଯାଇଛି । ଏହି ଜମି ପଟ୍ଟା ପଛରେ ରହିଛି ଏକ ମହାନ ସତ୍ୟ । ତାହା ହେଲା— "ଅବହେଳିତ ଲୋକଙ୍କ ଭିତରେ ଆତ୍ମ-ପ୍ରତ୍ୟୟ ତଥା ମାନବିକାନାବୋଧ ଜାଗ୍ରତ କରାଇବା ।"

ଭୂ-ସଂସ୍କାର

ଐତିହାସିକ ଭୂ-ସଂସ୍କାର କାର୍ଯ୍ୟକ୍ରମ ଘଡ୍ୟରେ ସମାଜବାଦ ପ୍ରତିଷ୍ଠା ଦିଗରେ ଏକ ନୂତନ ପଦକ୍ଷେପ । ଏଣିକି ଗରୀବ୍ ଚାଷୀମାନଙ୍କର ଜମି ଉପରେ ଦଖଲ ସ୍ୱତ୍ୱ ରହିବ । ଜମିର ସର୍ବୋଚ୍ଚ ସୀମା ଧାର୍ଯ୍ୟ ହେବାଫଳରେ କୌଣସି ବ୍ୟକ୍ତିବିଶେଷ ବେଶି ଜମି ରଖି ପାରିବେ ନାହିଁ ଏବଂ ବଳକା

odishmarchives.nic.in

ଜମି ପ୍ରକୃତ ଭୂମିହୀନ କୃଷୀ ଓ ଶ୍ରମିକମାନଙ୍କ ମଧ୍ୟରେ ବଣ୍ଟାଯାଇ ପାରିବ । ବାସହୀନ କୃଷୀ ମୂଲିଆମାନେ ଘର ତିଆରିପାଇଁ ଘରଡିହ ମଧ୍ୟ ପାଇପାରିବେ ।

ଏଥରଜ ମାଡ୍ରାଲ ପ୍ରଭୃତି ସମସ୍ତ ଟ୍ରଷ୍ଟ ଇଷ୍ଟେଟକୁ ସରକାର ହାତକୁ ନେଇଛନ୍ତି । କୃଷୀଙ୍କୁ ରୟତି ସ୍ୱତ୍ୱ ଦେବା ସଙ୍ଗେ ସଙ୍ଗେ ଠାକୁରଙ୍କ ସେବା ପୂଜାପାଇଁ ବାର୍ଷିକ ସାହାଯ୍ୟର ବ୍ୟବସ୍ଥା କରଯାଉଛି ।

ଶିଳ୍ପ

କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ତାଳଚେରଠାରେ ଏକ ବୃହତ୍ ଧରଣର ସାର କାରଖାନା ପ୍ରତିଷ୍ଠା କରଯାଇଛି ଏବଂ ଏହାର ନିର୍ମାଣ କାର୍ଯ୍ୟ ଯୋରସୋରରେ ଆଗେଇ ଚଲିଛି । ଚଳିତ ବର୍ଷ ଅପ୍ରେଲ ପହିଲାରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ୨୬୮ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟରେ ପାରଦୀପରେ ନିର୍ମିତ ହେଉଥିବା ଆଉ ଏକ ସାର କାରଖାନାର ଭିତ୍ତିସ୍ଥାପନ କରିଛନ୍ତି । ଭୂମିବଣ୍ଟନ ଓ ସାର ଉତ୍ପାଦନ କାର୍ଯ୍ୟକ୍ରମଦ୍ୱାରା ଓଡ଼ିଶାର ସମୃଦ୍ଧି ଦିଗରେ ଏକ ନୂତନ ଯୁଗର ଅଯମାରମ୍ଭ ହେଉଛି । ଏହା ଫଳରେ ଗ୍ରାମାଞ୍ଚଳରେ ସବୁଜବିପ୍ଳବ ବ୍ୟାପକତର ହେବା ସଙ୍ଗେ ସଙ୍ଗେ ଆଶାତୀତ-ଭାବେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇବ ।



ବିପୁଳ ପରିମାଣର ପ୍ରାକୃତିକ ସଂପଦ ଓ ସୁଦୀର୍ଘ ଉପକୂଳ ଥାଇ ମଧ୍ୟ ଆମ ରାଜ୍ୟର ଉନ୍ନତି ଘଟି ପାରୁନାହିଁ ; କିନ୍ତୁ କେନ୍ଦ୍ରରୁ ଅଧିକ ସାହାଯ୍ୟ ଆଣି ଓ ଅଗ୍ରାଧିକାରଭିତ୍ତିକ ଯୋଜନାବଦ୍ଧ କାର୍ଯ୍ୟକ୍ରମଦ୍ୱାରା ଆମ ରାଜ୍ୟକୁ ଭାରତୀୟ ମହାସ୍ରୋତରେ ମିଶାଇ ନେବା ଦିଗରେ ଉଦ୍ୟମ ଆରମ୍ଭ

ହୋଇଛି । ରାଜ୍ୟର ଖଣିଜ ସଂପଦର ବିନିଯୋଗରେ ବିଭିନ୍ନ ସାମଗ୍ରୀ ରାଜ୍ୟରେ ଉତ୍ପାଦନ ହୋଇ-ପାରିବାଭଳି ଶିଳ୍ପକାରଖାନାଗୁଡିକ ଉତ୍ସାହିତ କରିବା ହେଉଛି ରାଜ୍ୟ ସରକାରଙ୍କ ନୀତି ।

କର୍ମ ସଂସ୍ଥାନର ଅଧିକ ସୁଯୋଗ ସୃଷ୍ଟି, ଖାଦ୍ୟଶସ୍ୟ ସମେତ ଅନ୍ୟାନ୍ୟ ଖାଉଟି ଦ୍ରବ୍ୟର ବୃଦ୍ଧି ଏବଂ ଅର୍ଥନୈତିକ ବୈଷମ୍ୟ ହ୍ରାସ ଦିଗରେ ଦୃଢ଼ ପଦକ୍ଷେପ ନିଆଯାଉଛି ।

ପଞ୍ଚମ ଯୋଜନାକାଳରେ ଶିଳ୍ପର ପ୍ରସାର ଘଟି ଓଡ଼ିଶାର ପ୍ରାୟ ୪୦ ଲକ୍ଷ ଲୋକଙ୍କୁ ବିଭିନ୍ନ କାମଧନ୍ଦା ଯୋଗାଇ ଦିଆଯାଇ ପାରିବ । ଅଧିକ କାମଧନ୍ଦା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବହୁ ଛୋଟ ବଡ଼ କଳକାରଖାନା ବସା ଯାଉଛି । ସୁକିନ୍ଦାରେ ନିକେଲ, ସର୍ଗାପାଲିରେ ସୀସା ଓ ମଲାଙ୍ଗଟୋଲିରେ ଲୁହା କାରଖାନାର କାମ ଆଗେଇ ଚାଲିଛି । ଅଚଳ ହୋଇ ପଡିଥିବା ଲୁଗାକଳଗୁଡ଼ିକରେ କାମ ଆରମ୍ଭ ହେଲାଣି । ଛୋଟ ଛୋଟ ଶିଳ୍ପୋଦ୍ୟୋଗୀମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଦିଆ-ଯାଉଛି । ରାଜ୍ୟରେ ବସାଯାଉଥିବା ନୂଆ କାରଖାନାଗୁଡିକ ମଧ୍ୟରେ ଝୋଟ, କଷ୍ଟିକ୍ ସୋଡା, ମାଙ୍ଗାନିଜ, ଡାଇ-ଅକ୍ସାଇଡ୍, ଟେଲିଭିଜନ ଓ ମଟର ଟାୟାର, ମେସିନ୍ ଯନ୍ତ୍ରପାତି, ପତାକଳ, ଚିନି ଓ ବିଦ୍ୟୁତ୍‌ଚାଳିତ ଯନ୍ତ୍ରପାତି ଅନ୍ତର୍ଭୁକ୍ତ । ଶିଳ୍ପ କାରଖାନା ପ୍ରତିଷ୍ଠା ଦିଗରେ ଶିଳ୍ପୋଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ୨୫ ଲକ୍ଷ ଟଙ୍କା ବା ତାହାଠାରୁ କମ୍ ପୁଞ୍ଜି ବିନିଯୋଗ କରା-ଯାଇଥିବା ଶିଳ୍ପକୁ ବିଦ୍ୟୁତ୍ ଖର୍ଚ୍ଚ ବାବଦ ଶତକଡା ସାଢ଼େ ବାର ଛାଗ ରିଆତି ଦେବାପାଇଁ ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି ।

ଜଳସେଚନ

ଆମ ରାଜ୍ୟରେ ବନ୍ୟାଦ୍ୱାରା ପ୍ରତିବର୍ଷ ବହୁ ପରିମାଣର ଫସଲ ନଷ୍ଟ ହେଉଛି । ବନ୍ୟା ନିରୋଧ ପାଇଁ ହୀରାକୁଦ ବନ୍ଧ ପରେ ରେଙ୍ଗାଲି ବହୁମୁଖୀ ଯୋଜନାର ନିର୍ମାଣ କାର୍ଯ୍ୟ ନିକଟରେ ହାତକୁ

ନିଆଯାଇଛି । ପଞ୍ଚମ ଯୋଜନାକାଳରେ ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ଜଳସେଚନର ସୁବିଧା ଯୋଗାଇ ଦିଆଯିବା ଦିଗରେ ଉଦ୍ୟମ ହେଉଛି । ଏହି ଉଦ୍ଦେଶ୍ୟରେ ଗଠିତ "ଉଠା ଜଳସେଚନ କର୍ପୋରେସନ" ୧୯୭୪-୭୫ ମଧ୍ୟରେ ୫୪ ହଜାର ଏକର ଜମିରେ ଜଳସେଚନପାଇଁ ୫ କୋଟି ଟଙ୍କାର ଏକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏ ପର୍ଯ୍ୟନ୍ତ ୨୦ ହଜାରରୁ ଅଧିକ କୂଅ ଖୋଳା-ସରିଛି । ଆସନ୍ତା ବର୍ଷ ଶେଷ ସୁଦ୍ଧା ୮ କୋଟି ଟଙ୍କା ଖର୍ଚ୍ଚରେ ୩୫ ହଜାର କୂଅ ଖୋଳାଯିବ । ମରୁଡିଗ୍ରସ୍ତ ତଥା ଅନଗ୍ରସର ଅଞ୍ଚଳରେ ଯଥେଷ୍ଟ ପରିମାଣରେ ପାଣି ଯୋଗାଇ ଦେବାପାଇଁ ଏକ ମାଷ୍ଟର ଯୋଜନା ପ୍ରସ୍ତୁତ ହୋଇଛି । ପଞ୍ଚମ ଯୋଜନାକାଳରେ ଆହୁରି ପ୍ରାୟ ୧୧ ଲକ୍ଷ ହେକ୍‌ଟର ଜମିକୁ ଜଳସେଚନର ସୁବିଧା ମିଳିପାରିବ ।

ଚିକିତ୍ସା ସୁବିଧା

ଗ୍ରାମାଞ୍ଚଳରେ ପ୍ରତ୍ୟେକ ପରିବାର ଯେପରି ଚିକିତ୍ସାର ସୁବିଧା ପାଇବେ, ସେ ଦିଗରେ ପଦ କ୍ଷେପ ନିଆଯାଇଛି । ଲୋକଙ୍କ ସୁବିଧାଲାଗି ଅଧିକସଂଖ୍ୟକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ସଙ୍ଗେ ସଙ୍ଗେ ହଇଜା ଆଦି ସଂକ୍ରାମକ ରୋଗର ପ୍ରତିକାର ଲାଗି ବିହିତ ବ୍ୟବସ୍ଥା ଗ୍ରହଣ କରା-ଯାଉଛି । ରାଜ୍ୟର ସମସ୍ତ ବଡ ବଡ ଡାକ୍ତରଖାନାରେ ଅତ୍ୟାବଶ୍ୟକୀୟ ଔଷଧ ଓ ଇଞ୍ଜେକ୍‌ସନ ଆଦି ମହଜୁଦ ରଖାଯାଉଛି । ପ୍ରତି ଜିଲ୍ଲା ସଦର ମହକୁମାରେ ବିଶେଷଜ୍ଞ ଡାକ୍ତରମାନଙ୍କୁ ଅବସ୍ଥାପିତ କରାଯାଇଛି । କଟକରେ କର୍କଟ ରୋଗର ଚିକିତ୍ସାପାଇଁ ସ୍ୱତନ୍ତ୍ର ପ୍ରତିଷ୍ଠାନ ଆରମ୍ଭ କରାଯାଇଛି ।

ଦୁର୍ବଳ ଶ୍ରେଣୀଙ୍କ ଉନ୍ନତି

ପଞ୍ଚମ ଯୋଜନା କାଳରେ ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ଉନ୍ନତି ପ୍ରତି ସବୁଠାରୁ ବେଶି ଗୁରୁତ୍ୱ ଦିଆଯାଇଛି । ଏହା ଫଳରେ ପ୍ରଥମେ ଭୂମିହୀନ ଆଦିବାସୀ ଓ ହରିଜନମାନଙ୍କୁ ବଳକା ଜମି ଦିଆଯିବ । ସରକାରୀ ଖତିୟାନରେ ସେମାନଙ୍କପାଇଁ ସ୍ଥାନ ସଂରକ୍ଷିତ ହୋଇଛି । ସେମାନଙ୍କ ସରଳତାର ସୁଯୋଗ ନେଇ କେହି ଯେପରି ତାଙ୍କୁ ଶୋଷଣ କରିପାରିବେ ନାହିଁ ସେ ଦିଗରେ ବି ଉଦ୍ୟମ ହେଉଛି । ମହାଜନ ଓ ସାହୁକାରମାନଙ୍କ କବଳରୁ ସେମାନଙ୍କୁ ରକ୍ଷା କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ବର୍ତ୍ତମାନସୁଦ୍ଧା କୋରାପୁଟ ଜିଲ୍ଲାର ଗୁଣୁପୁର-ରୟଗଡା ଓ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିରେ ଥିବା ଆଦିବାସୀ ଉନ୍ନୟନ ସଂସ୍ଥାଦ୍ୱାରା ୩୦ ହଜାରରୁ ଅଧିକ ଭୂମିହୀନ ଆଦିବାସୀ ପରିବାର ଉପକୃତ ହୋଇଛନ୍ତି । ଆଦିବାସୀ ଅଞ୍ଚଳରେ କୃଷି ଓ ଜଙ୍ଗଲଭିତ୍ତିକ ଶିଳ୍ପ ବସାଯାଇ ସେମାନଙ୍କୁ କାମଧନ୍ଦା ଯୋଗାଇ ଦିଆଯିବ । ଉପରୋକ୍ତ ଦୁଇଟି ଆଦିବାସୀ ଉନ୍ନୟନ ସଂସ୍ଥା ସାଙ୍ଗକୁ ଆହୁରି ୧୫ଟି ଉନ୍ନୟନ ସଂସ୍ଥା କାର୍ଯ୍ୟକାରୀ କରିଯିବ । ଏହା ବ୍ୟତୀତ ରାଜ୍ୟର ୭୫ଟି ଆଦିବାସୀ ଉନ୍ନୟନ ବ୍ଲକ ଜରିଆରେ ଆଦିବାସୀ ଅଞ୍ଚଳର ବିକାଶ ଦିଗରେ ଉଦ୍ୟମ କରିଯାଉଛି । ଯାତାୟାତର ସୁବିଧା ନିମନ୍ତେ ରାସ୍ତାଘାଟ ନିର୍ମାଣ କରିଯିବା ସଙ୍ଗେ ସଙ୍ଗେ ପାନୀୟ ଜଳ ଯୋଗାଣପାଇଁ କୂଅ ଓ ନଳକୂଅ ଆଦି ଖୋଳାଯାଉଛି । ଆଦିବାସୀମାନଙ୍କୁ ବିହନ ଓ ସାର ଯୋଗାଇ ଦିଆଯାଉଛି ।

odishaarchives.nic.in

ଏହା ବ୍ୟତୀତ ସର୍ବନିମ୍ନ ଆବଶ୍ୟକତା ପୂରଣ କାର୍ଯ୍ୟକ୍ରମ ଅନୁଯାୟୀ ଗାଁ ଗହଳରେ ଘରଡ଼ିହ, ସଡ଼କ ଓ ପ୍ରାଥମିକ ଶିକ୍ଷାର ବ୍ୟବସ୍ଥା କରଯାଇଛି । ପଞ୍ଚମ ଯୋଜନାକାଳରେ କାର୍ଯ୍ୟକାରୀ କରଯାଉଥିବା ଏକ ବିସ୍ତୃତ କାର୍ଯ୍ୟକ୍ରମଦ୍ୱାରା ଗାଁ ଗହଳିର ଲୋକେ ଅଧିକ ଉପକୃତ ହେବେ । ଚଳିତ ବର୍ଷ ଏ ବାବଦରେ ପ୍ରାୟ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ ।

ବର୍ତ୍ତମାନ ରାଜ୍ୟର ଏକତୃତୀୟାଂଶ ଗ୍ରାମକୁ ବିଦ୍ୟୁତଶକ୍ତି ଯୋଗାଇ ଦିଆଗଲାଣି । ଏଣିକି ପ୍ରତିବର୍ଷ ୩ ହଜାର ଗ୍ରାମକୁ ବିଦ୍ୟୁତ ଶକ୍ତି ଯୋଗାଇ ଦିଆଯିବା ନିମନ୍ତେ କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ଆଦିବାସୀ ଏବଂ ହରିଜନ ଗ୍ରାମଗୁଡ଼ିକୁ ଅଗ୍ରାଧିକାର ଦିଆଯିବ ।

ଜରୁରୀ ସମସ୍ୟାର ସମାଧାନ

ନିରନ୍ତରିନ ଉଦ୍ୟମ ଫଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଲଗି ଉଦ୍ୟମ ହେଉଛି । ରାଜ୍ୟର ଘୋର ସଙ୍କଟଜନକ ଆର୍ଥିକ ଅନଟନ ସତ୍ତ୍ୱେ ଶିକ୍ଷକ ଓ ଡାକ୍ତରମାନେ ଉପକୃତ ହୋଇପାରିବାଭଳି ସେମାନଙ୍କ ଦରମା ଓ ଚାକିରୀ ସର୍ତ୍ତାବଳୀ ସଂଶୋଧନ କରଯାଇଛି । ପ୍ରାଥମିକ ଶିକ୍ଷକମାନଙ୍କୁ ପ୍ରଦତ୍ତ ଅଧିକ ସୁବିଧାସୁଯୋଗ ବାବଦରେ ସରକାରଙ୍କୁ ପୂର୍ବାପେକ୍ଷା ବାର୍ଷିକ ଏକକୋଟି ବାଷ୍ଟରି ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡିବ । ବେସରକାରୀ ପ୍ରାଥମିକ ଶିକ୍ଷକମାନଙ୍କ ଦରମା ଓ ମହଙ୍ଗାଭତ୍ତା ସରକାରୀ ପ୍ରାଥମିକ ଶିକ୍ଷକମାନଙ୍କ ସହିତ ସମାନ କରଯାଇଛି ।

୧୯୭୪-୭୫ ମସିହା ମଧ୍ୟରେ ସମସ୍ତ ବେସରକାରୀ ସ୍କୁଲ କଲେଜର ଶିକ୍ଷକମାନଙ୍କ ଦରମା ଆଦି ପ୍ରାପ୍ୟ ସିଧାସଳଖ ସେମାନଙ୍କୁ ଦିଆଯିବା ନିମନ୍ତେ ବ୍ୟବସ୍ଥା ହୋଇଛି । କୌଣସି ଶିକ୍ଷକଙ୍କୁ ଅନ୍ୟାୟ ଭାବେ ଚାକିରୀରୁ ଯେପରି ବରଖାସ୍ତ ଭଳି ନ ଯାଏ, ସେ ଦିଗରେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିଯାଇଛି ।

ଜୁନିୟର ଡାକ୍ତରମାନଙ୍କର ଷ୍ଟାଇପେଣ୍ଡ ହାର ବୃଦ୍ଧି କରଯାଇଛି । ପ୍ରଥମ ଥର ପାଇଁ ବେସରକାରୀ ମ୍ୟାଟକୋତ୍ତର ଡାକ୍ତରୀ ଛାତ୍ରମାନେ ମାସିକ ୨୫୦ ଟଙ୍କା କରି ଷ୍ଟାଇପେଣ୍ଡ ପାଇପାରିବେ । ପୂର୍ବରୁ ଏଭଳି ବେସରକାରୀ ମ୍ୟାଟକୋତ୍ତର ଡାକ୍ତରୀ ଛାତ୍ରମାନେ ଆଦୌ ଷ୍ଟାଇପେଣ୍ଡ ପାଉ ନ ଥିଲେ । ଏ ଦିଗରେ ସରକାରଙ୍କୁ ବାର୍ଷିକ ୬ ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡିବ ।

ଚତୁର୍ଥ ଦରମା କମିଟିର ସୁପାରିଶଗୁଡିକୁ ଗ୍ରହଣ କରିବା ଫଳରେ ରାଜ୍ୟ ସରକାରଙ୍କୁ ବାର୍ଷିକ ୧୧ କୋଟି ୫୦ ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡିବ । ରାଜ୍ୟ ସରକାରଙ୍କ ନିଅର୍ଣ୍ଣଆ ସମ୍ବଳ ମଧ୍ୟରେ ଏହି ନିଷ୍ପତ୍ତି ଗ୍ରହଣ କରଯାଇଛି । ଏହି ଦରମା କମିଟି ସୁପାରିଶଗୁଡିକର ଦୁଇଟି ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ହେଲା—(୧) ସର୍ବନିମ୍ନ ଓ ସର୍ବୋଚ୍ଚ ଦରମାରେ ଆନୁପାତିକ ହାର ପୂର୍ବରୁ ୧ : ୪୨. ୨ ରହିଥିବା ସ୍ଥଳେ ବର୍ତ୍ତମାନ ତାହାକୁ ୧ : ୧୨. ୫ (ଟିକସ ପୂର୍ବବର୍ତ୍ତୀ)ରେ ଧାର୍ଯ୍ୟ କରଯାଇଛି । (୨) ସ୍ୱଳ୍ପ ବେତନଭୋଗୀ କର୍ମଚାରୀମାନେ ସର୍ବାଧିକ ଉପକାର ପାଇଛନ୍ତି ।

odishaarchives.nic.in

ଚିଲିକା ହ୍ରଦର ବିକାଶ

ଆମ ଦେଶର ବୃହତ୍ତମ ହ୍ରଦ ଚିଲିକାଠାରେ ଏକ ବିରାଟ ନୌ-ତାଲିମ କେନ୍ଦ୍ର ଗଢ଼ି ଉଠୁଛି । ତା' ସଙ୍ଗେ ସଙ୍ଗେ ଚିଲିକାର ପୂର୍ଣ୍ଣାଙ୍ଗ ବିକାଶପାଇଁ ନାନା ଯୋଜନା କରାଯାଉଛି । ଏହା ଫଳରେ ଏ ଅଞ୍ଚଳରେ ବହୁମୁଖୀ ବିକାଶ ହେବା ସଙ୍ଗେ ସଙ୍ଗେ ରାଜ୍ୟର ରାଜସ୍ୱ ମଧ୍ୟ ବୃଦ୍ଧି ପାଇବ । ବିଶେଷ କରି ମତ୍ସ୍ୟଜୀବୀମାନଙ୍କର ରୋଜଗାର ବଢ଼ାଇବା ଦିଗରେ ଯୋଜନାମାନ ତୁରନ୍ତ କାର୍ଯ୍ୟକାରୀ ହେଉଛି ।

ଜନସହଯୋଗ

ବହୁକାଳର ପୁଞ୍ଜିଭୂତ ଦାରିଦ୍ର୍ୟ ଓ ଅନଗ୍ରସରତା ଦୂରୀକରଣ ଆମ ସମସ୍ତଙ୍କ ପକ୍ଷରେ ଏକ ବିରାଟ ସମସ୍ୟା । ତଥାପି ରାଜ୍ୟବାସୀଙ୍କ ଜଗ୍ୟ ପରିବର୍ତ୍ତନ ଦିଗରେ ନିରବଚ୍ଛିନ୍ନ, ଐକାନ୍ତିକ ଉଦ୍ୟମ ଆରମ୍ଭ ହୋଇଛି ; କିନ୍ତୁ ଏହି ଉଦ୍ୟମକୁ ସଫଳ କରିବାକୁ ହେଲେ ଜନସାଧାରଣଙ୍କର ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ଆବଶ୍ୟକ ଏବଂ ଏହି ଜନସହଯୋଗ ମିଳିଲେ ଯେ ଅଦୂର ଭବିଷ୍ୟତରେ ଓଡିଶାକୁ ଦେଶର ଏକ ସମୃଦ୍ଧ, ପ୍ରଗତିଶୀଳ ରାଜ୍ୟରୂପେ ପ୍ରତିଷ୍ଠା କରିବା ସମ୍ଭବ ହେବ, ଏଥିରେ ସନ୍ଦେହ ନାହିଁ ।

ORISSA STATE ARCHIVES
Date.....
No.....

odishaarchives.nic.in

ସାମାଜିକ ବ୍ୟାଧି : ଯୌତୁକ

ଶ୍ରୀମତୀ ନନ୍ଦିନୀ ଶତପଥୀ
ମୁଖ୍ୟମନ୍ତ୍ରୀ

ଯୌତୁକ ପ୍ରଥା ସମ୍ବନ୍ଧରେ ଓଡ଼ିଶାର ଭଉଣୀଙ୍କୁ ମୋର କେତୋଟି କଥା କହିବାର ଅଛି । ଅବଶ୍ୟ ଜଣେ ମୁଖ୍ୟମନ୍ତ୍ରୀ ଗୋଟିଏ ପ୍ରଚଳିତ ସାମାଜିକ ବ୍ୟବସ୍ଥା ଉପରେ ନିଜର ମତାମତ ଦେବା ଆମର ପରିସ୍ଥିତିରେ ସ୍ୱାଭାବିକ ନୁହେଁ । କୌଣସି ଯୋଜନା ବା ସରକାରୀ କାର୍ଯ୍ୟକ୍ରମର ଗୁରୁତ୍ୱ ଲୋକଙ୍କୁ ବୁଝାଇବା ଏବଂ ସେଥିପ୍ରତି ସେମାନଙ୍କର ସହଯୋଗ ଲୋଡ଼ିବା ଜଣେ ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ପକ୍ଷରେ ସ୍ୱାଭାବିକ ; କିନ୍ତୁ କେତୋଟି କାରଣ ଯୋଗୁଁ ମୁଁ ଏ ପରଂପରର ସାମାନ୍ୟ ବ୍ୟତିକ୍ରମ କରିବା ଉଚିତ ମନେକଲି । ପ୍ରଥମରୁ ସେଗୁଡ଼ିକ କହିରଖେ ।

(୧) ରାଜନୀତି ବା ଶାସନ-ବ୍ୟବସ୍ଥା ଆମ ସାମାଜିକ ଜୀବନର ଏକ ଅଂଶ ମାତ୍ର । ପ୍ରକୃତ ପକ୍ଷରେ ଏକ ସୁସ୍ଥ ଓ ସମୃଦ୍ଧ ସାମାଜିକ ଜୀବନ ପ୍ରତିଷ୍ଠା ହିଁ ଶାସନର ଅସଲ ଲକ୍ଷ୍ୟ ଏବଂ ଯେଉଁଠି ଅସଲ ଲକ୍ଷ୍ୟଟି ଗୌଣ ହୋଇ ଲକ୍ଷ୍ୟ ସାଧନର ଉପାୟ ମୁଖ୍ୟ ହୋଇପଡେ ସେଠାରେ କେବଳ ଅଯଥା ପରିଶ୍ରମ ହିଁ ସାର ହୁଏ । ଯେଉଁମାନେ ଶାସନର କର୍ତ୍ତୃତ୍ୱ ହାତକୁ ନିଅନ୍ତି ସେମାନେ ସାମାଜିକ ଜୀବନର କ୍ରମୋନ୍ନତି ପ୍ରତି ଉଦାସୀନ ରହିଲେ ନିଜର ଦାୟିତ୍ୱ ପ୍ରତି ଅନ୍ୟାୟ କରୁଛନ୍ତି ବୋଲି ମୋର ଧାରଣା ।

(୨) କୌଣସି ଅର୍ଥନୈତିକ ବା ଉତ୍ପାଦନାଭିମୁଖୀ କାର୍ଯ୍ୟକ୍ରମ ଏକ ତଦୁପଯୋଗୀ ସାମାଜିକ ବ୍ୟବସ୍ଥା ବ୍ୟତିରେକେ ସଫଳ ହେବ ନାହିଁ । ଗୋଟିଏ ଆଧୁନିକ କାରଖାନାରେ ସବୁ ଶ୍ରମିକ ଗୋଟିଏ ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇପଡ଼ନ୍ତି । ସେମାନଙ୍କୁ ସେମାନଙ୍କର ଜାତି ଅନୁଯାୟୀ ବିଭକ୍ତ କରିବା ଏବଂ ପ୍ରତ୍ୟେକ ଜାତିର ଶ୍ରମିକଙ୍କୁ ଅଲଗା ଅଲଗା ଜାଗାରେ ରଖିବା ଅର୍ଥ ଉତ୍ପାଦନକୁ ବ୍ୟାହତ କରିବା । ଏହା ଗୋଟିଏ ଉଦାହରଣ ମାତ୍ର ଏବଂ ଏପରି ଅନେକ ଉଦାହରଣ ଦେଇ ହେବ । ଯେଉଁ ସାମାଜିକ ବ୍ୟବସ୍ଥା କିଛିକାଳ ପୂର୍ବେ ହୁଏତ ବିଶେଷ କିଛି ଅସୁବିଧା କରୁ ନଥିଲା ଏକ ପରିବର୍ତ୍ତିତ ପରିସ୍ଥିତିରେ ତାହା ସମୃଦ୍ଧ ଗୋଷ୍ଠୀ-ଜୀବନର ଅନ୍ତରାୟ ହୋଇପାରେ ।

odishaarchives.nic.in

(୩) ଅନେକ ସମୟରେ ଆମେ ଅତି ଛୋଟ କଥା ଉପରେ ଆମର ଶକ୍ତି ଓ ସମୟର ଅପଚୟ କରିଥାଉଁ । ଅଧିକାଂଶ ଲୋକଙ୍କର ପ୍ରକୃତ ସମସ୍ୟା କଣ ଏବଂ ତାର ନିରାକରଣ ପାଇଁ କଣ ବ୍ୟବସ୍ଥା କରଯାଇ ପାରିବ ସେ ଦିଗରେ ଯଥେଷ୍ଟ ହୋଇଥିବା ପରି ମନେ ହୁଏନାହିଁ । ଫଳତଃ ବର୍ଷ ପରେ ବର୍ଷ ଗଡ଼ି ଯାଉଥିଲେ ମଧ୍ୟ ଲୋକମାନଙ୍କର ମୌଳିକ ଅଭାବ ଅସୁବିଧା ଉପରେ ଯଥେଷ୍ଟ ଦୃଷ୍ଟି ପଡୁନାହିଁ । ଏ ସମସ୍ୟାଗୁଡ଼ିକର ଦଳୀୟ ରାଜନୀତି ସହିତ କୌଣସି ସଂପର୍କ ନାହିଁ ଏବଂ ଦଳମତ ନିର୍ବିଶେଷରେ ଅଧିକାଂଶ କ୍ଷେତ୍ରରେ ଆମେ ଏକ ନିର୍ବିବାଦ କାର୍ଯ୍ୟକ୍ରମ ଗ୍ରହଣ କରିପାରିବା । ଏ ସମସ୍ୟାଗୁଡ଼ିକ ଏଡ଼ିଦେଇ କୌଣସି ରାଜନୈତିକ ନେତୃତ୍ୱ ଛୋଟ କଥାରେ ବାହାବା ନେବାକୁ ଚେଷ୍ଟା କରିବା ଜନସାଧାରଣଙ୍କ ପ୍ରତି ପ୍ରବଂଚନା ନୁହେଁ ତ ଆଉ କଣ ?

ଯୌତୁକ ପ୍ରଥା ଏହିପରି ଏକ ମୁଖ୍ୟ ସମସ୍ୟା ଯାହା ଓଡ଼ିଶାର ଗରିବ ଓ ମଧ୍ୟବିତ୍ତ ପରିବାରମାନଂକ ପକ୍ଷରେ ଅସହ୍ୟ ହେଉଥିଲେ ହେଁ ତା ଉପରେ ସାମାଜିକ ବା ରାଜନୈତିକ ନେତୃତ୍ୱ ବିବ୍ରତ ହେବାର କୌଣସି ଲକ୍ଷଣ ମୁଁ ଦେଖିପାରୁ ନାହିଁ । କାହାକୁ ଦୋଷ ଦେବା ମୋର ଉଦ୍ଦେଶ୍ୟ ନୁହେଁ, କିନ୍ତୁ ଛୋଟ ଛୋଟ ସ୍ଥାନୀୟ ଘଟଣା ଉପରେ ଆମେ ଯେତେ ଆଲୋଚନା, ପ୍ରତିବାଦ, ଆନ୍ଦୋଳନ କରିବାକୁ ପ୍ରସ୍ତୁତ ଯୌତୁକ ପ୍ରଥା ପରି ଏକ ସାମାଜିକ ଅପରାଧ ବିରୁଦ୍ଧରେ ଜନମତ ସୃଷ୍ଟି କରିବା-ପାଇଁ ସେତିକି ପରିଶ୍ରମ କରିବାକୁ ପ୍ରସ୍ତୁତ କି ? ମୌଳିକ ସମସ୍ୟାଗୁଡ଼ିକରୁ ଆମେ ନିଜକୁ ଅଲଗା ରଖିବା ଫଳରେ କ୍ରମଶଃ ଲୋକଂକ ସହିତ ନେତୃତ୍ୱର କୌଣସି ସଂପର୍କ ରହୁନାହିଁ । ଟିକିଏ ବିସ୍ତର କରି ଦେଖିଲେ ଜଣାଯିବ ଯେ ଏତଦ୍ଦ୍ୱାରା ଏକ ବିପଜ୍ଜନକ ପରିସ୍ଥିତି ଆପେ ଆପେ ତିଆରି ହୋଇ ଯାଉଛି । ଲୋକମାନଂକର ହତାଶା ଓ ଦୁର୍ଭିକ୍ଷାକୁ ଆଳ କରି ଏକ ଦାୟିତ୍ୱହୀନ ଓ ସ୍ଲୋଗାନ୍-ସର୍ବସ୍ୱ ନେତୃତ୍ୱ ଧୂମକେତୁ ପରି ଆବିର୍ଭୂତ ହେବ ଏବଂ ତାହା ତିରେହିତ ହେବା ପୂର୍ବରୁ ଅତ୍ୟାଚାର, ବ୍ୟକ୍ତି-ସ୍ୱାଧୀନତାର ବିଲୋପ, ରାଜକୋଷର ବିନିର୍ବ୍ୟୟ ଚରମ ସୀମା ଲଂଘନ କରିଥିବ । ଏକ ଦାୟିତ୍ୱସଂପନ୍ନ ନେତୃତ୍ୱ ସାମାଜିକ ଜୀବନରୁ ପ୍ରାଚୀନପନ୍ଥୀ, ସୁବିଧାବାଦୀ ଓ କୁସଂସ୍କାରମୂଳକ ବ୍ୟବସ୍ଥାଗୁଡ଼ିକୁ ଉଚ୍ଛେଦ କରି ବିକଳ୍ପ ବ୍ୟବସ୍ଥା ପ୍ରବର୍ତ୍ତିତ କରିବାକୁ ଯତ୍ନବାନ୍ ହେବ । ଏ ବ୍ୟବସ୍ଥାଗୁଡ଼ିକ ଯୁଗୋପ-ଯୋଗୀ ଓ ସାମାଜିକ ନ୍ୟାୟ ଉପରେ ପ୍ରତିଷ୍ଠିତ ହୋଇଥିବ ।

ଯୌତୁକ ଯୋଗୁଁ କେତେ ପରିବାର ତଳିତଳାନ୍ତ ହୋଇ ଯାଇଛନ୍ତି, କେତେ ପିତାମାତା ମନର ପ୍ରଫୁଲ୍ଲତା ଆଜୀବନ ହରାଇଛନ୍ତି, କେତେ ଝିଅ ନିଜକୁ ଦିନରାତି ଅଭିଶାପ ଦେଇଛନ୍ତି ସେ କଥା ଆପଣମାନଂକୁ ଅବିଦିତ ନୁହେଁ । ଯେଉଁ ସମାଜର ବାୟୁମଣ୍ଡଳ ଦୀର୍ଘଶ୍ୱାସରେ ଭାରାକ୍ରାନ୍ତ ସେ ସମାଜ ନେଇ ଆମେ ଗର୍ବ କରି ପାରିବା କି ? ଯଦି ଆମର ସମାଜ ଆମ ପକ୍ଷରେ ଲଜ୍ଜାର କାରଣ ହୁଏ ଆମର କଣ କିଛି କରିବା ଉଚିତ ନୁହେଁ ?

ଯେଉଁ ସମାଜରେ ପାତ୍ରପାତ୍ରୀଂକର ଗୁଣ ବିସ୍ତର କରା ନ ଯାଇ କନ୍ୟାପକ୍ଷର ଅର୍ଥବଳ ବିସ୍ତର କରଯାଏ ଆମେ ସେ ସମାଜର ସଦସ୍ୟ ବୋଲି କହିଲା ବେଳେ ଲାଜରେ ମୁଣ୍ଡ ତଳକୁ ହୋଇଯାଏ ନାହିଁକି ? ଟଂକାପଇସାର ଦେଣନେଣ ବ୍ୟବସାୟ-କ୍ଷେତ୍ରରେ ତାତ୍ପର୍ଯ୍ୟପୂର୍ଣ୍ଣ ; କିନ୍ତୁ ଯେଉଁଠି ତାହା ବ୍ୟକ୍ତିଗତ ଜୀବନକୁ ନିୟନ୍ତ୍ରଣ କରେ ସେଠାରେ ବ୍ୟକ୍ତିର ଆତ୍ମସମ୍ମାନ ଅଛି ବୋଲି କହିବା ସମ୍ଭବ

odishaarchives.nic.in

କି ? ଯେଉଁ ସମାଜରେ ଆତ୍ମସମ୍ମାନ ନ ଥାଇ ମଧ୍ୟ ଲୋକେ ଚଳିପାରନ୍ତି ତାକୁ ଏକ ସଭ୍ୟ ସମାଜ ବୋଲି କହିବା ସମ୍ଭବ କି ?

ଯୌତୁକ ପ୍ରଥାକୁ ମୁଁ ଦୁଇଟି ପ୍ରଧାନ କାରଣ ଯୋଗୁଁ ବିରୋଧ କରୁଛି ଏବଂ ସେ କାରଣ ଦୁଇଟି ଉପରେ ସୂଚିତ ହୋଇଛି । ପ୍ରଥମ କାରଣ ହେଲା ଏ ପ୍ରଥା ଯୋଗୁଁ ଲୋକଙ୍କୁ ଅପରିସୀମ ମାନସିକ ଓ ଅର୍ଥନୈତିକ ନିର୍ଯ୍ୟାତନା ଭୋଗ କରିବାକୁ ପଡୁଛି । ନିଜ ଝିଅକୁ ତାର ବିବାହ ବେଳେ କିଛି ଦେବାକୁ କିଏ ନ ଚାହେଁ ? ବିବାହ ସାଂଗ ସାଂଗେ ଝିଅ ସ୍ୱାମୀର ପରିବାରର ଅନ୍ତର୍ଭୁକ୍ତ ହୋଇପଡେ ଏବଂ ସେ ପରିବାର ସହିତ ତାର ସଂପର୍କ ତାର ବାପମାଆଂକ ପରିବାର ସହିତ ସଂପର୍କଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହୋଇପଡେ । ତାର ନୂତନ ଜୀବନ ଆରମ୍ଭ ବେଳେ ବାପମାଆଂକର ଶୁଭେଚ୍ଛା ଓ ଆଶୀର୍ବାଦ କେତେ ବିପୁଳ ତାହା ବର୍ଣ୍ଣନା କରି ହେବ ନାହିଁ ; କିନ୍ତୁ ଯେତେବେଳେ ଏ ସଂପର୍କର ଆରମ୍ଭରୁ ବାପମାଆଂକର ଆର୍ଥିକ ଦୁର୍ଗତି ଘଟେ, ଯେତେବେଳେ ଝିଅକୁ ବିଭ କରିବାପାଇଁ ସେମାନେ ସର୍ବସ୍ୱାନ୍ତ ହୋଇପଡନ୍ତି ସେତେବେଳେ ଝିଅ ପ୍ରତି ଶୁଭେଚ୍ଛା ସତ୍ତ୍ୱ କେତେ ମାନସିକ ସନ୍ତାପ ମିଶିଥିବ ତାହା ଅନୁମେୟ । **ଝିଅର ବିବାହ ଏକ ଉତ୍ସବ ବଦଳରେ ଅତ୍ୟାଚାର ହୋଇପଡେ ।** ତାର ବିଭଘର ପରେ ବାପମାଆ ଦରିଦ୍ର ହୋଇ ପଡନ୍ତି, ଅନ୍ୟାନ୍ୟ ପୁଅଝିଅଂକର ଭବିଷ୍ୟତ ପାଇଁ ସମ୍ବଳ ସଂଗ୍ରହ କରିବା ତାଂକ ପକ୍ଷରେ କଷ୍ଟକର ହୁଏ ଏବଂ କେତେକ କ୍ଷେତ୍ରରେ ସେମାନେ ପିଲାମାନଙ୍କୁ ଯେତିକି ପାଠ ପଢାଇ ପାରିଥାନ୍ତେ ବା ପୁଅର ଅସୁସ୍ଥତା ବେଳେ ଯେତିକି ଚିକିତ୍ସା କରି ପାରିଥାନ୍ତେ ସେତିକି କରିପାରନ୍ତି ନାହିଁ । ଯଦି ସେ ଝିଅଟି ତଳେ ଆଉ ଝିଅ ଥାଆନ୍ତି ସେମାନେ ଅର୍ଥାଭାବରୁ ଉପଯୁକ୍ତ ସମୟରେ ବିଭ ହୋଇ ପାରନ୍ତି ନାହିଁ କିମ୍ବା ସେମାନଂକ ପାଇଁ ଉପଯୁକ୍ତ ପାତ୍ର ମିଳନ୍ତି ନାହିଁ । ଖୋଟିଏ ବିଭଘରର ପରିଣାମରେ ସେ ପରିବାର ଚିରନ୍ତନ ଦାରିଦ୍ର୍ୟ ଦ୍ୱାରା ଅଭିଶପ୍ତ ହୁଏ ଏବଂ ପରିବାରର ଅନ୍ୟ ସନ୍ତାନମାନଂକର ଭବିଷ୍ୟତ ଅଂଧକାରଚ୍ଛନ୍ନ ହୋଇପଡେ ।

ଯୌତୁକ ବିରୁଦ୍ଧରେ ମୋର ଦ୍ୱିତୀୟ ଆପତ୍ତି ଏହା ଯେ ତଦ୍ଦ୍ୱାରା ଆମର ଆତ୍ମସମ୍ମାନକୁ ଢଳାଂଜଳି ଦିଆଯାଏ । ବରପକ୍ଷ ଓ କନ୍ୟାପକ୍ଷ ଉଭୟେ ଏ ବ୍ୟବସ୍ଥାରେ ନ୍ୟୂନ ହୋଇ ପଡନ୍ତି । ପ୍ରଥମେ ବର କଥା ବିଚାର କରଯାଉ । ଯୌତୁକ ଦାବୀ କରିବାଦ୍ୱାରା ସେ ପ୍ରମାଣ କରୁଛି ଯେ ତାର ବ୍ୟକ୍ତିତ୍ୱ ଅନ୍ୟାନ୍ୟ କୌଣସି ପଣ୍ୟଦ୍ରବ୍ୟ ପରି କ୍ରୟବିକ୍ରୟ କରାଯାଇ ପାରିବ । ଯେଉଁଠି ବରପକ୍ଷ ପାଂଚ ହଜାର ଟଂକା ଦାବୀ କରୁଛନ୍ତି ସେଠାରେ ବରର ବ୍ୟକ୍ତିତ୍ୱର ମୂଲ୍ୟ ମାତ୍ର ପାଂଚ ହଜାର ଟଂକା । ଯେଉଁଠି ସ୍କୁଟର ଦାବୀ ହେଉଛି ସେଠାରେ ଖୋଟିଏ ସ୍କୁଟରର ମୂଲ୍ୟ ଯାହା ବରର ମୂଲ୍ୟ ତାହା । ସେ ମୂଲ୍ୟ ଯେଉଁ କନ୍ୟାପକ୍ଷ ଦେଇପାରିବେ ସେମାନେ ସେ ବରପରି ଏକାଧିକ ପ୍ରାର୍ଥୀ ପାଇପାରିବେ ଏବଂ ସେ ପ୍ରାର୍ଥୀମାନଙ୍କ ଭିତରୁ ଯାହାକୁ ସେ ମୂଲ୍ୟର ଉପଯୁକ୍ତ ଭାବିବେ ତାକୁ ସେ ବାଛିବେ । ପାଂଚ ହଜାର ଟଙ୍କା ହେଉ ବା ପଚାଶ ହଜାର ଟଂକା ହେଉ କୌଣସି ଯୁବକର ବ୍ୟକ୍ତିତ୍ୱର ମୂଲ୍ୟ ଟଙ୍କାରେ ହେଇ ହେବ ନାହିଁ ଏବଂ ଯେଉଁଠି ବ୍ୟକ୍ତିତ୍ୱର ମୂଲ୍ୟ ଏପରି ଭାବେ ନିରୂପିତ ହୁଏ ସେଠାରେ ସେ ବ୍ୟକ୍ତିତ୍ୱର କୌଣସି ଖାତିର ରହେ ନାହିଁ । କନ୍ୟା ପକ୍ଷରେ ମଧ୍ୟ ସେହି ଯୁକ୍ତି ପ୍ରଯୁଜ୍ୟ । ଯୌତୁକ ଦାବୀ କଲାବେଳେ ବରପକ୍ଷ ପ୍ରକାରାନ୍ତରେ କହୁଛନ୍ତି, "ତମ ଝିଅର ଯେତେ ଗୁଣ ଥାଉ ପଛକେ, ସେ ଗୁଣଗୁଡ଼ିକ ସହିତ ପାଞ୍ଚ ହଜାର ବା ଦଶ ହଜାର ଟଙ୍କା ମିଶିଲେ ତମ ଝିଅ ଆମ ପୁଅର ସମକକ୍ଷ ହେବ ।" କୌଣସି ଝିଅ ନିର୍ଜର ଆତ୍ମସମ୍ମାନ ବଢାଯ଼ ରଖି ଏପରି ବିବାହରେ ସମ୍ମତ ହେବ କି ?

odishaarchives.nic.in

କିନ୍ତୁ ସବୁଠାରୁ ବଡ଼ କ୍ଷତି ହେଉଛି ଦାମ୍ପତ୍ୟ ଜୀବନ ଉପରେ ଯୌତୁକର କୁପରିଣାମ । ମନୁଷ୍ୟ ସମାଜର ଆରମ୍ଭରୁ ପୁରୁଷ ଓ ସ୍ତ୍ରୀର ସମ୍ପର୍କ ପାରମ୍ପରିକ ସ୍ନେହ ଉପରେ ପ୍ରତିଷ୍ଠିତ । ଏହି ସ୍ନେହସମ୍ବନ୍ଧ ହିଁ ପରିବାରର ଭିତ୍ତି । ଯଦି ଏ ସମ୍ବନ୍ଧ ମୂଳରୁ ଟଙ୍କା ପଇସା ଉପରେ ପ୍ରତିଷ୍ଠିତ ପରବର୍ତ୍ତୀ ଦାମ୍ପତ୍ୟ ଜୀବନରେ ସ୍ୱାମୀ ଓ ସ୍ତ୍ରୀ ଭିତରେ ଅନାବିଳ ଓ ନିଃସ୍ୱାର୍ଥପର ସ୍ନେହ ଆଶା କରିବା ଠିକ୍ ହେବ ନାହିଁ । ଆମ ସମାଜରେ ବିବାହ ପୂର୍ବରୁ ବର ଓ କନ୍ୟା ଭିତରେ ପରିଚୟ ସାଧାରଣତଃ ନ ଥାଏ, ତା ସତ୍ତ୍ୱେ ସେମାନଙ୍କର ବୈବାହିକ ଜୀବନରେ ସ୍ନେହ ଓ ଘନିଷ୍ଠତା ବ୍ୟାହତ ହେବ ନାହିଁ ଏବଂ ବିବାହ ଦିନଠାରୁ ସେମାନେ ପରସ୍ପର ନିକଟରେ ଆଦରଣୀୟ ହେବେ ଯଦି ବିବାହ ସ୍ୱାଭାବିକ ପରିସ୍ଥିତିରେ ଘଟେ ଏବଂ କୌଣସି ପ୍ରକାର ତିକ୍ତତା ଦ୍ୱାରା ଆକ୍ରାନ୍ତ ହୋଇ ନ ଥାଏ । ବହୁକାଳ ଧରି ଭାରତୀୟ ସମାଜରେ ଏପ୍ରକାର ବିବାହ ଚଳି ଆସିଛି ଏବଂ ଯେତେ ଦିନଯାଏଁ ଏ ବିବାହ ଅଭିଜ୍ଞ ଓ ହିତାକାଂକ୍ଷୀ ଅଭିଭାବକମାନଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଥିଲା ସେତେଦିନଯାଏଁ ଏଥିରେ କୌଣସି ଅସ୍ୱାଭାବିକ ତ୍ରୁଟି ପରିଲକ୍ଷିତ ହେଉନଥିଲା । କାଳକ୍ରମେ ସମ୍ଭବତଃ ସମାଜରେ ନାରୀର ସ୍ଥାନ ନ୍ୟୂନ ହେଉଯୋଗୁଁ — ଏ ନିଷ୍ପତ୍ତିଗୁଡ଼ିକରେ ପୂର୍ବର ବିବେଚନା ରହିଲା ନାହିଁ ଏବଂ କନ୍ୟାପକ୍ଷର ଆର୍ଥିକ ସଂଗତି ଏ ନିଷ୍ପତ୍ତିକୁ ପ୍ରଭାବିତ କଲା ।

ଦାମ୍ପତ୍ୟ ଜୀବନରୁ ସ୍ନେହ ବାଦ ଦେଲେ ଯେଉଁ କ୍ଷତି ହୁଏ ତାକୁ କୌଣସି ପରିମାଣର ଯୌତୁକ ପୂରଣ କରିପାରିବ ନାହିଁ । ଯୌତୁକ ଦେବା ଫଳରେ ଝିଅର ବାପମାଆ ଯେଉଁ ଆର୍ଥିକ ଦୁର୍ଗତି ଭୋଗ କରନ୍ତି ତାହା ବିବାହ ପରେ ଝିଅଟି ଭୁଲିଯିବ ବୋଲି ଆଶା କରିବା ଭୁଲ । ସ୍ୱାମୀ ଏବଂ ସ୍ୱାମୀର ପରିବାର ସହିତ ତାର ସଂପର୍କ ଏ ସ୍ମୃତିଦ୍ୱାରା ନିଶ୍ଚୟ ପ୍ରଭାବିତ ହେବ ଏବଂ ସେ ସ୍ୱାମୀକୁ ସବୁବେଳେ ତାର ବାପମାଆଙ୍କର ଦୁରବସ୍ଥା ପାଇଁ ମନ ଭିତରେ ଦାୟୀ କରିବ । ଯଦି ସେମାନେ କରଜରେ ବୁଡ଼ିଯାନ୍ତି, ଯଦି କରଜ ଶୁଝିବାପାଇଁ ସେମାନେ ନିଜର ସଂପତ୍ତି ବିକ୍ରି କରନ୍ତି ବା ସବୁବେଳେ ମନସ୍ତାପରେ ରହନ୍ତି, ଯଦି ତାର ଭାଇମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହୁଅନ୍ତି ବା ଯଦି ତାର ସାନ ଭଉଣୀର ବିବାହ ଅର୍ଥାଭାବରୁ ସ୍ଥଗିତ ରହେ ସେ ଏସବୁ ସତ୍ତ୍ୱେ ସୁଖୀ ରହିବ ଏବଂ ସ୍ୱାମୀ ସହିତ ସ୍ୱାଭାବିକ ସଂପର୍କ ଓ ସ୍ନେହ ରଖିବ ବୋଲି ଆଶା କରିବା ବୃଥା । ସ୍ୱାମୀ ସ୍ତ୍ରୀଠାରୁ ଯେତେ ସ୍ନେହ ଓ ଘନିଷ୍ଠତା । ପଇଟାରିଥାନ୍ତା ସାମାନ୍ୟ କିଛି ଯୌତୁକ ଗ୍ରହଣ କରି ସେତକ ହରଉ ବସେ । ସ୍ତ୍ରୀ ମନର ଏହି ତିକ୍ତତା ବିବାହର କେତେବର୍ଷ ପରେ ଅନ୍ୟ ରୂପରେ ପ୍ରକାଶିତ ହୁଏ । ତାର ସଚେତନ ମନର କର୍ତ୍ତବ୍ୟବୋଧ, ସାମାଜିକ ଆଚାର ପ୍ରତି ସମ୍ମାନ, ସ୍ୱାମୀ ସହିତ ସଂ-ପର୍କରେ ଅପ୍ରୀତିକର ଅବସ୍ଥା ଏଡାଇବାର ଇଚ୍ଛା କାଳକ୍ରମେ ତାର ଅବଚେତନ ମନର ହତାଶା ଓ ପ୍ରତିଶୋଧପରାୟଣତାର କ୍ରମବର୍ଦ୍ଧିଷ୍ଣୁ ଆବେଗ ବିରୁଦ୍ଧରେ ପ୍ରତିବନ୍ଧକ ହୋଇପାରନ୍ତି ନାହିଁ ଏବଂ ଏହି ଆବେଗ ଏପରି ଭାବେ ପ୍ରକାଶିତ ହୁଏ ଯେ ଦାଂପତ୍ୟ ଜୀବନ ସବୁଦିନପାଇଁ ତିକ୍ତ ହୋଇଯାଏ । ଏ ତିକ୍ତତାର ପ୍ରଭାବ ସେମାନଙ୍କ ପିଲାମାନଙ୍କ ଉପରେ ମଧ୍ୟ ପଡ଼େ । ଗୋଟିଏ ସୁଖୀ-ପରିବାରର ସନ୍ତାନ ହୋଇଥିଲେ ସେମାନଙ୍କର ମାନସିକ ବିକାଶ ଯେପରି ସୁସ୍ଥ ଓ ସୁନ୍ଦର ହୋଇଥାନ୍ତା ସେପରି ନ ହେବାରୁ ସେମାନଙ୍କର ନିଜ ପରିବାର ପ୍ରତି ଅନୁରକ୍ତି ବା ବାପମାଆଙ୍କ-ପ୍ରତି ସମ୍ମାନ ରହେ ନାହିଁ । ଏପରି ପିଲାମାନେ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେବା ଅତି ସହଜ ।

odisharchives.nic.in

ଏ କ୍ଷତିକୁ କେତେ ଯୌତୁକଦ୍ୱାରା ପୂରଣ କରାଯାଇ ପାରିବ ? ଏ ପ୍ରଶ୍ନର ଉତ୍ତର ସମସ୍ତେ ଜାଣନ୍ତି । ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଯୌତୁକ ପ୍ରଥା ଯୋଗୁଁ ଯେତେ କ୍ଷତି ହୁଏ ତାହା ଅପୂରଣୀୟ ।

ଯୌତୁକ ପ୍ରଥା ଉପରେ ଆହୁରି ବହୁତ କଥା କୁହାଯାଇ ପାରିବ । ଆମ ସମାଜରେ ଯେଉଁମାନେ ବେଶି କହନ୍ତି ସେମାନେ ବେଶି କାମ କରନ୍ତି ବୋଲି ସାଧାରଣତଃ ଧରି ନିଆଯାଏ । ଫଳତଃ ଅନେକ ସ୍ଥଳରେ ଆମର ନେତୃତ୍ୱ ବକ୍ତୃତା-ସର୍ବସ୍ୱ ଏବଂ କାମ କରିବାର କୌଣସି ଦାୟିତ୍ୱ ନ ଥିବାରୁ ଅନେକ ଦାୟିତ୍ୱହୀନ ମନ୍ତବ୍ୟ ଦେଇ ମାନ୍ୟଗଣ୍ୟ ଲୋକେ ନିଜକୁ ବିପ୍ଳବୀ ବୋଲି କହନ୍ତି । ସେ ପ୍ରକାର ବିପ୍ଳବରେ ମୁଁ ଆସ୍ଥାହୀ ନୁହେଁ ଏବଂ ଯେଉଁମାନେ ସେପରି ବିପ୍ଳବଦ୍ୱାରା ନିଜକୁ ନେତା ବୋଲି ପ୍ରତିଷ୍ଠିତ କରାଇବାକୁ ଚାହାନ୍ତି ସେମାନେ ନିଜ ବାଟରେ ଯାଆନ୍ତୁ । ଆମର ଏପରି ବିପ୍ଳବ ଦରକାର ଯାହା ଜନସାଧାରଣଙ୍କର ଦୈନନ୍ଦିନ ଜୀବନର ଦୁଃଖ ଓ ଅଭାବ ଦୂର କରିବାପାଇଁ ବାଟ ଦେଖାଇ ପାରିବ ।

ଯୌତୁକର ବିରୋଧ ଏପରି ଏକ ବିପ୍ଳବ ଏବଂ ସେଥିରେ ପୂର୍ଣ୍ଣପ୍ରାଣରେ ଯୋଗ ଦେବାପାଇଁ ମୁଁ ଓଡିଶାର ଯୁବଗୋଷ୍ଠୀକୁ ଆହ୍ୱାନ କରୁଛି । ଏ ବିପ୍ଳବ ସଫଳ ହେଲେ ଆମେ ଏକ ଆଧୁନିକ ସମାଜର ମୂଳଦୁଆ ପକାଇ ପାରିବା । ସେ ସମାଜରେ ପାରିବାରିକ ସଂପର୍କ, ସ୍ନେହ ଓ ବୁଝାମଣା ଉପରେ ପ୍ରତିଷ୍ଠିତ ହେବ ଏବଂ **ବିବାହ ପରି ଏକ ପବିତ୍ର ସମ୍ପର୍କକୁ ଟଙ୍କା ପଇସାଦ୍ୱାରା କଳୁଷିତ କରାଯିବ ନାହିଁ ।** ସେ ସମାଜରେ ପୁରୁଷ ଓ ସ୍ତ୍ରୀ ଉଭୟେ ସମାନ ବୋଲି ବିବେଚିତ ହେବେ ଏବଂ ପୁରୁଷକୁ ଟଙ୍କାଦ୍ୱାରା କିଣାଯାଇ ତାର ଆତ୍ମସମ୍ମାନକୁ ବଳି ଦିଆଯିବ ନାହିଁ କି ସ୍ତ୍ରୀକୁ ତାର ପିତାଙ୍କର ଅର୍ଥବଳ ଯୋଗୁଁ ସମ୍ମାନ ଦେଇ ତାର ନିଜର ବ୍ୟକ୍ତିତ୍ୱକୁ ଅପମାନିତ କରାଯିବ ନାହିଁ । ସେ ସମାଜରେ ବିବାହ ପ୍ରକୃତରେ ଏକ ଆନନ୍ଦମୟ ଉତ୍ସବ ହେବ ଏବଂ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କ ପକ୍ଷରେ ତାହା ସବୁଦିନପାଇଁ ଏକ ମୂଲ୍ୟବାନ ସ୍ମୃତି ହୋଇ ରହିବ । ସେ ସମାଜରେ କିଶୋର କିଶୋରୀମାନେ ପାରିବାରିକ ସ୍ନେହରୁ ବଂଚିତ ହୋଇ ବିପଥଗାମୀ ହେବେ ନାହିଁ । ଯଦି ଏପରି ସମାଜ ଗଢିବା ଆମ ପକ୍ଷରେ ସମ୍ଭବ, ଯୌତୁକ ଗ୍ରହଣ କରି ଆମେ ନିଜର ମସ୍ତକ ଶକ୍ତି ହରାଇ ବସିବା କାହିଁକି ?

---

odisharchives.nic.in

"ଯଉତୁକ କାହିଁ ପାଇଁ ?"

ପୋଖରୀ କୂଳରେ ଗ ଉଣା ବାଜଣା
ଦୁଲୁକି ଉଠୁଛି ମହୀ,
ବେଙ୍ଗ ବେଙ୍ଗୁଲୀଙ୍କ ବାହାଘର ଆଜି
ଖିରୀପିଠା ଯାଏ ବୋହି ।
ଅଳତା ସିନ୍ଦୂର ନାଇଛି ବେଙ୍ଗୁଲୀ
ବସିଛି ଓଢ଼ଣା ଟାଣି,
ବର ବାପ କହେ, "ବାହାଘର ବନ୍ଦ
ଯଉତୁକ ଥୁଅ ଆଣି" ।

ମୁଣ୍ଡେ ହାତ ଦେଇ ବସିଛି ଦୁଆରେ
ବେଙ୍ଗୁଲୀ ନାନୀର ବାପ,
"କେତେ ଧନ ଦେବି ଝିଅଟିଏ ହେଲା
କରିଥିଲି କେଉଁ ପାପ" ?
"କାଳି ଝିଅ ବୋଲି ସବୁଠିକ ଦେଲି
ଗଣିଲି ତିରିଶ ଭରି,
ମାଗୁଅଛ ଏବେ ଦି ହଜାର ଟଙ୍କା
କେଉଁଠୁ କରିବି ଓ୍ୱରି ?"

ବର ବାପ କହେ, "ଟଙ୍କା ନ ଥୋଇଲେ
ଫେରାଇ ନେବି ମୁଁ ବର",
ବେଙ୍ଗୁଲୀ ନାନୀର ବାପ କହେ, 'ଆଉ
ଉପାୟ ବା କିସ ମୋର ?'
ବଡ଼ ପୋଖରୀକି ଝାସ ଦେଇ ଏବେ
ହରାଇବି ମୋ ଜୀବନ,
ଯଉତୁକ ଲାଗି ବର ଫେରିଯିବ
ନ ସହିବି ଅପମାନ ।

odishaarchives.nic.in

ବାପ କଥା ଶୁଣି ବେଙ୍ଗୁଲୀ ନାନୀଟି
କହେ, 'ଆଉ ବାହାଘର,
ଯଉତୁକ ଦେଇ କାଙ୍ଗାଳ ଜାହିଁକି
ହେବେ ବାପମାଆ ମୋର' ?
ଶୁଭ ବେଳାଟାରେ ଗୋଳମାଳ ଦେଖି
ବେଙ୍ଗ ପୁଅ କଲା ଘଘ,
"ଶ୍ୱଶୁରେ ନ ଥିଲେ ଯଉତୁକ ନେଲେ
ହେବ କି ତା ଭେବେ ଲୋଗ ?"

"ଯାହା ସାଥେ ମୁହିଁ କରିବି ସଂସାର
ସେହି ଯଦି ହେଲା ଭଲ,
ତା ସାଥିରେ ଟଙ୍କା ଯାନି ଯଉତୁକ
ହୋଇପାରିବ କି ମୂଲ ?"
ଏହା କହି ବେଙ୍ଗ ବେଙ୍ଗୁଲୀକି ଧରି
ନାଚିଲା ଥେଇକି ଥେଇ,
ବୁଢା ବେଙ୍ଗ କହେ, 'ପୁଅ ଯଦି ଖୁସି,
ଯଉତୁକ ଜାହିଁ ପାଇଁ ?''

odishaarchives.nic.in

ଓଡ଼ିଶାରେ ଖଣିଜସଂପଦ ଉତ୍ତୋଳନର ନୂତନ ଆଭିମୁଖ୍ୟ

ଓଡ଼ିଶା ଖଣି କର୍ପୋରେସନଙ୍କ ଜରିଆରେ ଭୂ-ଗର୍ଭସ୍ଥ ଖଣିଜସଂପଦର ବିକାଶ କରିବା ନିମନ୍ତେ ଓଡ଼ିଶା ସରକାର ଦୃଢ଼ପରିକର । ଓଡ଼ିଶା ଖଣି କର୍ପୋରେସନ ପକ୍ଷରେ ୧୯୭୩-୭୪ ମସିହା ଏକ ଉଲ୍ଲେଖଯୋଗ୍ୟ ସମୟ । ଉକ୍ତ ସମୟ ମଧ୍ୟରେ କର୍ପୋରେସନ ୧·୧୦ କୋଟି ଟଙ୍କା ଲାଭ କରିଥିଲେ । କର୍ପୋରେସନକୁ ଆଉ କ୍ଷତି ସହିବାକୁ ପଡୁନାହିଁ ଏବଂ ଉକ୍ତ ବର୍ଷକୁ ମିଶାଇ ଲଗାଏତ ୩ ବର୍ଷ ଧରି କର୍ପୋରେସନ ଲାଭକରି ଆସୁଅଛି । ୧୯୭୧·୭୨ ମସିହାରେ କର୍ପୋରେସନର ୧୭·୭୯ ଲକ୍ଷ ଟଙ୍କା ଏବଂ ୧୯୭୨·୭୩ ମସିହାରେ ୭୩·୫୮ ଲକ୍ଷ ଟଙ୍କା ବଳକା ହୋଇଥିଲା । ଏହି ବଳକା ଟଙ୍କା ସାହାଯ୍ୟରେ ତା ୩୧-୩-୧୯୭୧ ପୂର୍ବରୁ ଗଡ଼ିଆସୁଥିବା କ୍ଷତି ଭରଣା କରଯାଇପାରିଲା ।

ରାଜ୍ୟରେ ଥିବା ଖଣିଜସଂପଦ ତଥା ଖଣିଜ ଭିତ୍ତିକ ଶିଳ୍ପର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି କର୍ପୋରେସନ ୧୯୭୪-୭୫ ବର୍ଷପାଇଁ ଏକ କାର୍ଯ୍ୟସୂଚୀ ସ୍ଥିର କରିଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ୧୩·୫୬ ଲକ୍ଷ ମେଟ୍ରିକ୍ ଟନ୍ ଲୁହା ପଥର, ୦·୬୦ ଲକ୍ଷ ଟନ୍ ମାଙ୍ଗାନିଜ ଏବଂ ୧·୨୦ ଲକ୍ଷ ଟନ୍ ବିଭିନ୍ନ କିସମର କ୍ରୋମାଇଟ୍ ଉତ୍ତୋଳନ କରିବାକୁ ଲକ୍ଷ୍ୟ ରଖାଯାଇଛି । ୧୯୭୦-୭୧ ବର୍ଷର ହିସାବ ଅନୁଯାୟୀ ଲକ୍ଷ୍ୟ କଲେ ଦେଖାଯିବ ଯେ ଉତ୍ପାଦନ ହାର ଖୁବ୍ ଭଲ ହୋଇଛି ଏବଂ ୧୯୭୪-୭୫ରେ ଏହି ଉତ୍ପାଦନର ବର୍ଦ୍ଧିତ ଲକ୍ଷ୍ୟ ନିମ୍ନରେ ପ୍ରଦତ୍ତ ହେଲା ।

	୧୯୭୦-୭୧ (ଟନ୍ ଆକାରରେ)	୧୯୭୪-୭୫ (ଟନ୍ ଆକାରରେ)	ଶତକଡ଼ା ବୃଦ୍ଧିର ହାର
ଲୁହାପଥର	୮୦୯୮୫୦	୧୩, ୫୬, ୦୦୦	୬୭·୪୪%
ମାଙ୍ଗାନିଜ	୪୯୯	୬୦, ୦୦୦	୧୧୦୨ ୪୦%
କ୍ରୋମାଇଟ୍	୬୪୮୬୦	୧, ୬୦, ୦୦୦	୧୧୩ ୬୪%
ମୋଟ ହାରାହାରି ପରିମାଣ	୮, ୮୫, ୧୯୯	୧୫, ୬୬, ୦୦୦	୬୮·୦୪%

odishaarchives.nic.in

ଆର୍ଥିକ ଦୃଷ୍ଟିରୁ ବିଚାର କରି କର୍ପୋରେସନ ଆଶାକରନ୍ତି ଯେ, ଅର୍ଥାଗମ ମଧ୍ୟ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇବ । ୧୯୭୦-୭୧ ମସିହା ତୁଳନାରେ ୧୯୭୪-୭୫ ମସିହାରେ ଯେଉଁ ପରିମାଣର ଲାଭ ହେବ, ତାହା ନିମ୍ନରେ ପ୍ରଦତ୍ତ ହେଲା ।

ଲୁହା ପଥର	୭୫·୭୦%
ମାଙ୍ଗାନିଜ	୫୧·୧୧%
କ୍ରୋମାଇଟ୍	୪୯·୭୭%
ହାରହାରି ବର୍ଦ୍ଧିତ ହାର	୭୫·୧୬%

୧୯୭୪-୭୫ ବର୍ଷରେ କର୍ପୋରେସନର ୧·୮୪ କୋଟି ଟଙ୍କା ବଳକା ହେବ ବୋଲି ଅନୁମାନ କରଯାଏ । କର୍ପୋରେସନଙ୍କର ଏ ପ୍ରକାର ପଦକ୍ଷେପ ପ୍ରଶଂସନୀୟ ଏବଂ ବଳକା ଟଙ୍କା ବିନିଯୋଗ କରି ନୂଆ ନୂଆ ଖଣିରେ କାମ ଆରମ୍ଭ କରି ରାଜ୍ୟରେ ଖଣିଜ ବିକାଶକୁ ଆଗେଇ ନେବା ନିମନ୍ତେ କର୍ପୋରେସନ ଆଜି ସମର୍ଥ ।

୧୯୭୨ ମସିହାରେ ଭାରତ ସରକାରଙ୍କ ଦ୍ୱାରା ୩ ଗୋଟି ନୂତନ ପରିକଳ୍ପନା ଖୋଲାଯାଇଥିଲା । ଏଗୁଡ଼ିକ ହେଲା ସୁକିନ୍ଦା ନିକେଲ ପରିକଳ୍ପନା, ସଜିପାଲି ସୀସା ପରିକଳ୍ପନା ଏବଂ ମଲ୍ଲାଙ୍ଗଟୋଲି ଲୁହାପଥର ପରିକଳ୍ପନା । କେଉଁଝର ଜିଲାରେ ଗନ୍ଧମାର୍ଦ୍ଦନ ଲୁହାଖଣି ସଂପର୍କରେ ଅନୁସନ୍ଧାନ ତଥା ପୁଙ୍ଖାନୁପୁଙ୍ଖ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରିବା ନିମନ୍ତେ କର୍ପୋରେସନ ଏକ କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି । ଲୁହା ପଥର ଭଙ୍ଗିବା ଏବଂ ସ୍ପଞ୍ଜ ଲୁହା କାରଖାନା ବସାଇବା ଦିଗରେ ଏତଦ୍ଦ୍ୱାରା କ୍ଷେତ୍ର ପ୍ରସ୍ତୁତ କରଯିବ । ୧୯୭୪-୭୫ ମସିହାରେ ଗନ୍ଧମାର୍ଦ୍ଦନ ଖଣି ଅଂଚଳରୁ ୧·୮୦ଲକ୍ଷ ମେଟ୍ରିକ୍ଟନ ଉଚ୍ଚକୋଟୀର ଲୁହାପଥର ଯୋଗାଇବା ନିମନ୍ତେ ଭାରତୀୟ ଖଣିଜ, ଧାତବ ଟ୍ରେଡିଂ କର୍ପୋରେସନ (ଏମ୍. ଏମ୍. ଟି. ସି.) ଙ୍କ ସହ ଚୁକ୍ତିନାମା ହୋଇଛି । କୋରପୁଟ ଭଳି ଅନୁନ୍ନତ ଜିଲାରେ ବକ୍ସାଇଟ ଆଲୁମିନିୟମ୍ ପ୍ରୋଜେକ୍ଟପାଇଁ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କାର୍ଯ୍ୟ କରଯିବା ନିମନ୍ତେ ଭାରତ ସରକାରଙ୍କ ସହ କଥାବାର୍ତ୍ତା ଚାଲିଛି । ପଟାଙ୍ଗୀ ଅଂଚଳରେ ୫୦ ନିୟୁତ ମେଟ୍ରିକ ଟନ୍ ବକ୍ସାଇଟ୍ ମହଜୁଦ୍ ଥିବାର କଳନା ଉପରେ ଭିତ୍ତିକରି ଏହି କଥାବାର୍ତ୍ତା ଚାଲିଛି । କର୍ପୋରେସନ ଅଧୀନରେ ଥିବା ଲୁହା, ମାଙ୍ଗାନିଜ ଓ କ୍ରୋମାଇଟ ପ୍ରଭୃତି ୧୫ଟି ଖଣିର କାର୍ଯ୍ୟକୁ ଆହୁରି ସକ୍ରିୟ କରଯାଇଛି । ଉତ୍ପାଦନ ଅଭିବୃଦ୍ଧିକୁ ଆଖି ଆଗରେ ରଖି ୧୯୭୪-୭୫ ମସିହାରେ ଉତ୍ପାଦିତ ଖଣିଜ ଦ୍ରବ୍ୟର ବିକ୍ରିବଟା ନିମନ୍ତେ ଚୁକ୍ତିନାମାଗୁଡ଼ିକର ସାମ୍ବିକ କାର୍ଯ୍ୟ ଚୂଡାନ୍ତ ହୋଇସାରିଛି ।

ଆମ ରାଜ୍ୟର ଖଣିଜସଂପଦ ହେଉଛି ପ୍ରକୃତିର ଅତୁଳନୀୟ ଅବଦାନ । ଗନ୍ଧମାର୍ଦ୍ଦନ ପର୍ବତରେ ଥିବା ଲୁହା ପଥର ଅନୁସନ୍ଧାନ କାର୍ଯ୍ୟ ସାଙ୍ଗକୁ କର୍ପୋରେସନ କଟକ, ଢେଙ୍କାନାଳ ଓ କେଉଁଝର ଜିଲାରେ କ୍ରୋମାଇଟ୍‌ପାଇଁ ଏବଂ କେଉଁଝର ଓ କୋରପୁଟ ଜିଲାରେ ମାଙ୍ଗାନିଜପାଇଁ ଖନନ କାର୍ଯ୍ୟ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି ।

odisharchives.nic.in

ରାଜ୍ୟରେ ଖଣିଜ ସଂପଦର ବିକାଶ ନିମନ୍ତେ ନୂତନ ଯୋଗାଯୋଗ ବ୍ୟବସ୍ଥା ଅତୀବ ଗୁରୁତ୍ୱପୂର୍ଣ୍ଣ ଏ ଦିଗରେ ଆମର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କର ନେତୃତ୍ୱ ପ୍ରଶଂସନୀୟ । ରେକବାଇ ମନ୍ତ୍ରଣାଳୟ, ପ୍ରସ୍ତାବିତ ଜଖପୁର, ଦଇତାରି, ବାଂଶପାଣି ରେଳପଥ ନିର୍ମାଣ ନିମନ୍ତେ ସମ୍ମତ ହୋଇଛନ୍ତି । ପ୍ରାଥମିକ ସର୍ଭେ କାର୍ଯ୍ୟ ରେଳବାଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆରମ୍ଭ କରାଯାଇଛି । ୧୮୦ କିଲୋମିଟର ଦୀର୍ଘ ଏହି ଗୁରୁତ୍ୱପୂର୍ଣ୍ଣ ରେଳପଥ ନିର୍ମାଣରେ ପ୍ରାୟ ୪୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଏହା ଫଳରେ କଟକ, କେଉଁଝର ଏବଂ ସୁନ୍ଦରଗଡ ଜିଲ୍ଲାରେ ଥିବା ଖଣି ଅଂଚଳ ଏବଂ ପାରାଦୀପ ବନ୍ଦର ମଧ୍ୟରେ ସିଧାସଳଖ ଯୋଗାଯୋଗ ସ୍ଥାପନ କରାଯାଇପାରିବ ।

ଦଇତାରିସ୍ଥ ଖଣିଜ ଉତ୍ତୋଳନ ପ୍ଲାଣ୍ଟ ରାଜ୍ୟପାଳ ଶ୍ରୀ ବି. ଡ଼ି. ଜାଣ୍ଟିଙ୍କ ଦ୍ୱାରା ୧୯୭୪ ମସିହା ଜାନୁଆରୀ ୨୦ ତାରିଖ ଦିନ ଉଦ୍‌ଘାଟିତ ହୋଇଥିଲା । ଏହା ଫଳରେ ୧୯୭୪-୭୫ ରେ ୯.୫ ଲକ୍ଷ ମେଟ୍ରିକ୍ ଟନ୍ ଲୁହା ପଥର ଦଇତାରି ପ୍ରୋଜେକ୍‌ଟରୁ ଉତ୍ତୋଳନ କରାଯିବାର କଳ୍ପନା କରାଯାଇଛି । ଉକ୍ତ ଯାନ୍ତ୍ରିକ ଉତ୍ତୋଳନ ବ୍ୟବସ୍ଥାର ସଂପ୍ରସାରଣ କାର୍ଯ୍ୟର ୨ୟ ପର୍ଯ୍ୟାୟ ୧୯୭୬ ମସିହା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶେଷ ହୋଇଯିବ । ଉକ୍ତ ୨ୟ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଯିବା ପରେ ଦଇତାରି ପ୍ରୋଜେକ୍‌ଟରୁ ପୂର୍ଣ୍ଣମାତ୍ରାରେ ଉତ୍ପାଦନ ହୋଇପାରିବ ଏବଂ କର୍ପୋରେସନ ବାର୍ଷିକ ୧୦୬ ନିୟୁତ ମେଟ୍ରିକ୍ ଟନ୍ ଲୁହା ପଥର ଉତ୍ତୋଳନ କରିପାରିବେ ।

ପଞ୍ଚମ ଯୋଜନା କାଳରେ ଓଡ଼ିଶା ଖଣି କର୍ପୋରେସନ ରାଜ୍ୟରେ ଥିବା ଖଣିଜ ସମ୍ପଦର ବିକାଶ ନିମନ୍ତେ ଦୃଢ଼ ଆଶା ପୋଷଣ କରିଛନ୍ତି । ତନ୍ମଧ୍ୟରୁ କେତେକ ମୁଖ୍ୟ କାର୍ଯ୍ୟକ୍ରମ ନିମ୍ନରେ ଉଲ୍ଲେଖ କରାଯାଉଛି ।

କ) ଦଇତାରି ପ୍ରୋଜେକ୍ଟ ବାର୍ଷିକ ୧୦୬ ନିୟୁତ ମେଟ୍ରିକ ଟନ୍ ମୁଣ୍ଡା ଲୁହାପଥର (Lumpy ore) ଉତ୍ପାଦନ ଏବଂ ସେଥିରୁ ବାହାରୁଥିବା ଗୁଣ୍ଡର ଉପଯୋଗ ନିମନ୍ତେ ବ୍ୟବସ୍ଥା ।

ଖ) ଟମକା ଲୁହା ଖଣିରୁ ବାର୍ଷିକ ୯୦୫ ନିୟୁତ ଟନ୍ ଲୁହା ପଥର ଉତ୍ପାଦନ (ଏଥି ନିମନ୍ତେ କର୍ପୋରେସନ ଆବଶ୍ୟକୀୟ ପଟ୍ଟାପାଇଁ ଆବେଦନ କରିସାରିଛନ୍ତି ।

ଗ) ବାଂଶପାଣି, ଖଣ୍ଡବନ୍ଧ, ପଣ୍ଡାଳପୋଷି ସମେତ ବାଂଶପାଣି ଖଣି ଅଂଚଳର ବିକାଶ ସାଧନ;

ଘ) ଖଣ୍ଡାଧାର/କୁରମିତର ଲୁହାଖଣି କାମ ଖୁଲୁ କରିବା ;

ଙ) ସକ୍ରାଡ଼ିହି ଲୁହାଖଣିର ଉନ୍ନୟନ;

ଚ) ଗନ୍ଧମାର୍ଦ୍ଦନ ଅଂଚଳରେ ଲୁହାଖଣିର ବିକାଶ ସାଧନ ;

ଛ) କାଳିଆପାଣି, କଲରଙ୍ଗି, ସୁକରଙ୍ଗି, କାଠ ପାଳ, ଭେଳାଙ୍ଗି ଏବଂ ବଉଳା କ୍ରୋମାଇଟ୍ ଖଣିର ବିକାଶ ସାଧନ ;

odishaarchives.nic.in

ଜ) କାଦଡିହି, ଭୁବନା ଏବଂ ନିଶିଖାଲ ମାଙ୍ଗାନିଜ୍ ଖଣିର ଉନ୍ନତି ବିଧାନ;

ଝ) କୋରପୁଟ ଜିଲ୍ଲା ପଟାଙ୍ଗୀ ଏବଂ ତତ୍ସମ୍ପର୍କିତ ଲକ୍ସାଇଟ୍ ଖଣିର ବିକାଶ;

ଞ) ରତ୍ନଗିରି ଏବଂ ସମଲପୁର ଜିଲ୍ଲାରେ ଥିବା ଗ୍ରାଫାଇଟ୍ ଖଣିଗୁଡ଼ିକୁ ଠାବ କରିବା ଏବଂ ସେ ଗୁଡ଼ିକର ବିକାଶ;

ଟ) ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଥିବା ଚିନାମାଟି ଏବଂ ଅଗ୍ନିବାରଣ (Fire-clay) ମୃତ୍ତିକା ଖଣିଗୁଡ଼ିକର ବିକାଶ ସାଧନ;

ଠ) ସିମେଣ୍ଟ କାରଖାନା ପ୍ରଭୃତି ବସାଇବାପାଇଁ ଚୂନ ପଥର ବିକ୍ରି ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି କୋରପୁଟ ଜିଲ୍ଲାର ଚୂନ ପଥର ଖଣିଗୁଡ଼ିକର ବିକାଶ ସାଧନ।

ଖଣିଜସଂପଦର ସଦୁପଯୋଗ ତଥା ଖଣିଜ ଭିତ୍ତିକ କାରଖାନା ପ୍ରତିଷ୍ଠାଦ୍ୱାରା ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ସରକାରଙ୍କ ଉଦ୍ୟମକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ରାଜ୍ୟର ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବାପାଇଁ କର୍ପୋରେସନ ପ୍ରଶାକରେ।

ଓଡ଼ିଶାରେ ପର୍ଯ୍ୟଟନର ବିକାଶ

ପଞ୍ଚମ ଯୋଜନା କାଳରେ ରାଜ୍ୟରେ ପର୍ଯ୍ୟଟନର ବିକାଶ ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ତଦନୁସାରେ ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରର ବିକାଶ ସାଧନ କରାଯିବ। ସଙ୍ଗେ ସଙ୍ଗେ ୭·୫ ଲକ୍ଷ ଟଙ୍କା ବ୍ୟୟରେ ସମଲପୁରଠାରେ ଏକ ପାଇଁ ନିବାସ ଓ ୫-୫୧ ଲକ୍ଷ ଟଙ୍କା ବ୍ୟୟରେ ଏକ ଯୁବ ହଷ୍ଟେଲ ନିର୍ମିତ ହେବ। ଏହି ଦୁଇଟିର ନିର୍ମାଣକାର୍ଯ୍ୟ ୧୯୭୪-୭୫ ରେ ସଂପୂର୍ଣ୍ଣ ହେବ। ଏହା ବ୍ୟତୀତ ପର୍ଯ୍ୟଟକମାନଙ୍କ ଆକୃଷ୍ଟ କରୁଥିବା ପୁରୀ-କୋଣାର୍କ ବେଳାଭୂମି ଏବଂ ଚିଲିକାହ୍ରଦର ବିକାଶ ନିମନ୍ତେ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବା ପାଇଁ ସ୍ଥିର ହୋଇଛି।

ମୟୂରଭଞ୍ଜ ଜିଲ୍ଲାର ସଶୀପୁରଠାରେ ପର୍ଯ୍ୟଟକମାନଙ୍କ ନିମନ୍ତେ ଏକ ଚିତ୍ରାମାଗାର ତଥା ଭୋଜନାଳୟ ନିର୍ମିତ ହେବ। କେନ୍ଦ୍ରୀୟ ଉଦ୍ୟମରେ ନିର୍ମିତ ଏହି ପରିକଳ୍ପନାକୁ କେନ୍ଦ୍ର କରି ଅନୁମୋଦନ କରିଛନ୍ତି।

OSA archives.nic.in



ଫେରୋକ୍ରୋମ କାରଖାନା, ଯାଜପୁର

ସମୃଦ୍ଧିପଥେ ଓଡ଼ିଶା

ଜଳ ବିଦ୍ୟୁତ୍ ଯୋଜନା, ଡୁଡୁମା





ସିମେଣ୍ଟ କାରଖାନା, ବରଗଡ

ସମୃଦ୍ଧିପଥେ ଓଡ଼ିଶା

ସିମେଣ୍ଟ କାରଖାନା, ରାଜଗାଙ୍ଗପୁର





ORISSA STATE ARCHIVES

ହୀରାକୁଦ ଯୋଜନା

ସମୃଦ୍ଧିପଥେ ଓଡ଼ିଶା

ଉଠା ଜଳସେଚନ ଯୋଜନା

archives.



ତାପଜ ବିଦ୍ୟୁତ୍ କେନ୍ଦ୍ର, ତାଳଚେର

ତାପଜ ବିଦ୍ୟୁତ୍ କେନ୍ଦ୍ର, ଚଉଦୁଆର



ଯୌତୁକ ପ୍ରଥାର ଅପକାରତା

ମୁଖ୍ୟ ଅଧ୍ୟାପକ ଡକଟର ମନୁଥନାଥ ଦାସ
ଇତିହାସ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

ବିଗତ ଶତାବ୍ଦୀର ମଧ୍ୟଭାଗରେ ବ୍ରିଟିଶ ସରକାର ଉତ୍ତର ଭାରତ ଓ ପଞ୍ଜାବ ଅଞ୍ଚଳରେ ପ୍ରଚଳିତ ଏକ ସାମାଜିକ ପ୍ରଥା ଦୃଢ ହସ୍ତରେ ଦମନ କରିବାକୁ ଚେଷ୍ଟା କରିଥିଲେ । ସେହି ପ୍ରଥା ଥିଲା **Female Infanticide** ବା ଶିଶୁକନ୍ୟା ହତ୍ୟା । ଉକ୍ତ ଜାତୀୟ ରାଜପୁତ୍, ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କ ମଧ୍ୟରେ ପୁରୁଷାନୁକ୍ରମେ ସେହି ପ୍ରଥା ପ୍ରଚଳିତ ଥାଏ ଏବଂ ବର୍ଷ ବର୍ଷ ବ୍ୟାପୀ ଅସଂଖ୍ୟ ସଦ୍ୟଜାତ କନ୍ୟାଙ୍କୁ ଅକୁଣ୍ଠିତ ଚିତ୍ତରେ ନିଜର ଜନକ ଜନନୀ ଓ ଆତ୍ମୀୟସ୍ୱଜନମାନେ ମାଟିତଳେ ପୋତିଦେଇ ନିଜର କର୍ତ୍ତବ୍ୟ ପାଳନ କରୁଥାଆନ୍ତି । ଅନୁସନ୍ଧାନ ଗୁଲିଲା, କାହିଁକି ସେପରି ଏକ ଅସ୍ୱାଭାବିକ, ଅପ୍ରାକୃତିକ ଓ ନିର୍ମମ ପ୍ରଥା ସମାଜରେ ଉତ୍ପତ୍ତି ଲାଭକଲା ।

ଅନୁସନ୍ଧାନ ମଧ୍ୟରୁ ଜଣାପଡିଲା, ମୂଖ୍ୟତଃ ଯୌତୁକ ପ୍ରଥା ହେଉଛି ସେହି ନୃଶଂସ ଅମାନୁଷିକ ସାମାଜିକ ପ୍ରଥାର ଉତ୍ପତ୍ତି-କାରଣ ।

ଉକ୍ତସ୍ଥାନୀୟ ରାଜପୁତ ଓ କ୍ଷତ୍ରିୟମାନଙ୍କ ମଧ୍ୟରେ ଗୋଟିଏ ବିଶ୍ୱାସ ବଦ୍ଧମୂଳ ଥିଲା ଯେ, କନ୍ୟାର ଦଶ ବର୍ଷ ବୟସ ପୂରଣ ହେବା ପୂର୍ବରୁ ନିଶ୍ଚୟ ତାହାର ବିବାହ କାର୍ଯ୍ୟ ସଂପାଦନ କରିବା ଉଚିତ । ସୁତରାଂ କନ୍ୟାପିତାମାନେ ଯଥାସମୟରେ ବର ସନ୍ଧାନପାଇଁ ବ୍ୟାକୁଳ ହୋଇ ଉଠୁଥିଲେ । ବରପିତାମାନଙ୍କ ପକ୍ଷରେ ତାହା ଥିଲା ଏକ ସୁବର୍ଣ୍ଣ ସୁଯୋଗ । ସେମାନେ ବିବାହ ପ୍ରସ୍ତାବରେ ରାଜି ହେବାପାଇଁ ଅପରିଯାପ୍ତ ଅର୍ଥ ଦାବୀ କରୁଥିଲେ । କନ୍ୟାପିତା ଯେ ଦାବୀ ପୂରଣ କରି-ପାରିଲେ ବିବାହ ହେଉଥିଲା । ଦାବୀ ପୂରଣ ନ ହେଲେ, କନ୍ୟାର ବୟସ ଦଶ ବର୍ଷରୁ ଊର୍ଦ୍ଧ୍ୱ ହୋଇ ଯାଉଥିଲା ଏବଂ ବୟସ୍କା କନ୍ୟା ଅଭିଭାବକଙ୍କ ଚକ୍ଷୁରେ ପିତାଙ୍କର ବଂଶମର୍ଯ୍ୟାଦା ବିରଜିନ ଯାଇ ଲୋପ ପାଉଥିଲା । ତେଣୁ, ଯେ କୌଣସି ପ୍ରକାରେ ସର୍ବସ୍ୱାନ୍ତ ହୋଇ ସୁଦ୍ଧା କନ୍ୟାପିତାମାନେ ଯଥା-ପୂର୍ବରୁ କନ୍ୟା ସମର୍ପଣ କରୁଥିଲେ ।

odisharchives.nic.in

କ୍ରମେ ବରପିତାମାନେ ଏତେଦୂର ଯୌତୁକ ଦାବୀ କରିପାରିଲେ ଯେ, ବହୁ କ୍ଷେତ୍ରରେ କନ୍ୟା ପିତାଙ୍କ ପକ୍ଷରେ ଦାବୀ ପୂରଣ ଅସମ୍ଭବ ହୋଇ ଉଠିଥିଲା । ଫଳରେ ସମାଜ ମଧ୍ୟରେ ସେହି ଅଦ୍ଭୁତ ପ୍ରଥାର ଉତ୍ପତ୍ତି ଲାଭ ହେଲା—ଶିଶୁକନ୍ୟା ଜାତ ହେଲା ମାତ୍ରେ ତାହାର ଜୀବନ ନାଶ କରଗଲା । ଏଡଉଆର୍ଡ ନାମକ ଅନୁସନ୍ଧାନରତ ଜନୈକ ଇଂରେଜ କର୍ମକର୍ତ୍ତାଙ୍କ ଭାଷାରେ:—"ପିତାର ସଂପଦ ଓ କନ୍ୟାର ଜୀବନ, ଏ ଦୁଇଟି ମଧ୍ୟରୁ ଗୋଟିଏ ତ୍ୟାଗ କରିବାକୁ ପଡୁଥିଲା । ଯେହେତୁ ପିତାଙ୍କ ହାତରେ ସିଦ୍ଧାନ୍ତ ଗ୍ରହଣର କ୍ଷମତା ଥାଏ, ସେ ନିଜର ସଂପତ୍ତି ଓ ବଂଶମର୍ଯ୍ୟାଦା ରକ୍ଷା କରିବା ଶ୍ରେୟସ୍କର ମନେ କରୁଥିଲେ ଏବଂ ଶିଶୁକନ୍ୟାକୁ ବଳିଦାନ ଦେଉଥିଲେ ।"

କନ୍ୟାହତ୍ୟା ନିବାରଣପାଇଁ ବିଚକ୍ଷଣ ବ୍ରିଟିଶ ଶାସକମାନେ ଯୌତୁକ ପ୍ରଥା ବିରୁଦ୍ଧରେ ଦୃଢ଼ ଅଭିଯାନ ଆରମ୍ଭ କରିଥିଲେ । ପଞ୍ଜାବର ଶାସନକର୍ତ୍ତା ଜନ୍ ଲରେନ୍ସ ଯୌତୁକର ପରିମାଣ ବିଷୟ ଜାଣିବାକୁ ପାଲ୍ ଆଶ୍ଚର୍ଯ୍ୟାନ୍ୱିତ ଓ ହୋଇ ଯାଇଥିଲେ । ଜୀବନବ୍ୟାପୀ ସଂଚୟମାନ କେବଳ ଗୋଟିଏ ଗୋଟିଏ କନ୍ୟା ବିବାହରେ ନିଃଶେଷ କରି ପିତାମାନେ ସର୍ବସ୍ୱାନ୍ତ ହୋଇ ପଡୁଥିଲେ । ଅସମର୍ଥ କନ୍ୟାପିତାମାନେ ଦୁଃଖ ଓ ଲଜ୍ଜାରେ ସୁଖ ଦେଖାଇ ପାରୁନଥିଲେ । ପଞ୍ଜାବର ଆତା ନାମକ ସ୍ଥାନର ଜଣେ ଜମିଦାର ତାଙ୍କ କନ୍ୟା ବିବାହରେ ୧୬ ଲକ୍ଷ ଟଙ୍କା ବ୍ୟୟ କରିବାକୁ ବାଧ୍ୟ ହୋଇଥିଲେ । ତେଜ୍‌ସିଂହ ନାମକ ଜଣେ ବ୍ୟକ୍ତି ଏକ ଗରିବ ବ୍ରାହ୍ମଣ ସନ୍ତାନକୁ କନ୍ୟା ଦାନକରି ବଂଶମର୍ଯ୍ୟାଦା ବୃଦ୍ଧି କରିବାପାଇଁ ଏକ ଲକ୍ଷ ଟଙ୍କା ବ୍ୟୟ କରିଥିଲେ । ସରକାର ଯୌତୁକ ପ୍ରଥା ବିରୁଦ୍ଧରେ ତୁମୁଳ ଜନମତ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଉତ୍ତର ଭାରତ ଓ ପଞ୍ଜାବର ଝରିଆଡ଼େ ଗ୍ରାମପଞ୍ଚାୟତମାନଙ୍କ ମାଧ୍ୟମରେ ଯୌତୁକର ସୀମା ନିର୍ଦ୍ଧାରଣ କରିଦେବା ପାଇଁ ଜିଲ୍ଲା କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇ-ଥିଲେ । ବ୍ରିଟିଶ ସରକାରଙ୍କ ପ୍ରତି ଲୋକଙ୍କର ଏତେଦୂର ଭୟ ଥିଲା ଯେ, ଯୌତୁକ ବିରୁଦ୍ଧରେ ସରକାରୀ ନୀତି ଘୋଷଣା କରିବାର ଅବ୍ୟବହିତ ପୂର୍ବରୁ ଦେୱାନ ହରି ସିଂହ ନାମକ ବ୍ୟକ୍ତି ତାଙ୍କ ପ୍ରଥମାକନ୍ୟାଙ୍କ ବିବାହରେ ୧୫ ହଜାର ଟଙ୍କା ବ୍ୟୟ କରିଥିବା ସ୍ଥଳେ, ନୀତି ଘୋଷଣା ପରେ ପରେ ତାଙ୍କ ଦ୍ୱିତୀୟା କନ୍ୟାଙ୍କ ବିବାହରେ ମାତ୍ର ଏକ ହଜାର ଟଙ୍କା ବ୍ୟୟ କରିଥିଲେ । ବ୍ରିଟିଶ ସରକାର ଯୌତୁକ ବିରୁଦ୍ଧରେ ଆଇନ ପ୍ରଣୟନ କରି ନ ଥିଲେ, କେବଳ ନୀତି ଘୋଷଣା କରିଥିଲେ ; କିନ୍ତୁ ଶିଶୁ ହତ୍ୟାକୁ ନରହତ୍ୟା ରୂପେ ବର୍ଣ୍ଣନା କରି ତାହାର ବିଲୋପ ସାଧନ କରିଥିଲେ । ୧୮୫୩ ମସିହା ଅଗଷ୍ଟ ୮ ତାରିଖ ଦିନ ତତ୍କାଳୀନ ବ୍ରିଟିଶ ବଉଲଟ ନିମ୍ନଲିଖିତ ଆଦେଶନାମା ଘୋଷଣା କରିଥିଲେ :—

"ଶିଶୁକନ୍ୟା ହତ୍ୟାର ଦୁଇଟି କାରଣ ରହିଛି ; ଗୋଟିଏ ହେଉଛି କୌଣସି କୌଣସି ଜାତିର ଅଦ୍ଭୁତ ବିଶ୍ୱାସ କିମ୍ବା ଧାରଣା ଉପରେ ପ୍ରତିଷ୍ଠିତ ଧର୍ମଗତ କାରଣ ; ଅନ୍ୟଟି ହେଉଛି ଆର୍ଥିକ କାରଣ, ଯାହାର ଉତ୍ପତ୍ତି ହେଉଛି ଗତାନୁଗତିକ ବିବାହ ଉତ୍ସବଜନିତ ବିପୁଳ ଅର୍ଥବ୍ୟୟ ମଧ୍ୟରୁ ।

"ଉଭୟ କାରଣ ଉପରେ ସରକାରଙ୍କର କ୍ଷମତା ପ୍ରୟୋଗର ଅଧିକାର ରହିଛି ଯେହେତୁ କାରଣ ଯାହା ଥାଉନା କାହିଁକି ଶିଶୁକନ୍ୟା ହତ୍ୟା ହେଉଛି ନରହତ୍ୟା ଏବଂ ସେହି ଅପରାଧ ପ୍ରତି ନରହତ୍ୟାପାଇଁ ଯେଉଁ ଦଣ୍ଡ ବ୍ୟବସ୍ଥା ରହିଛି ତାହାହିଁ ପ୍ରୟୋଗ କରଯିବ ।"

ଶିଶୁକନ୍ୟା ହତ୍ୟା ଚିରଦିନପାଇଁ ଲୋପ ପାଇଲା । ଯୌତୁକ ପ୍ରଥା ମଧ୍ୟ ଅନେକ ମାତ୍ରାରେ ହ୍ରାସ ପାଇଗଲା ।

ORISSA STATE ARCHIVES
Dated

ସେ କାଳର ସେହି ମଧ୍ୟଯୁଗୀୟ ଅବସ୍ଥା ପରେ ସୁଦୀର୍ଘ ୧୨୦ ବର୍ଷ ସମୟ ବିତିଗଲାଣି । ଶିକ୍ଷା, ସଂସ୍କୃତି, ପ୍ରଗତି ଓ ଉନ୍ନତି ପଥରେ ଆଧୁନିକ ସମାଜ ଅନେକ ଦୂର ଆଗେଇ ଗଲାଣି ; କିନ୍ତୁ ଅପରିବର୍ତ୍ତନୀୟ ଭାରତୀୟ ମନୁଷ୍ୟଚରିତ୍ର ଆଜି ମଧ୍ୟ ଯୌତୁକ ପ୍ରଥାକୁ ସମାଜର ଏକ ଜଳିଷ୍ଠ ତଥା ଅପରିହାର୍ଯ୍ୟ ରୀତି ରୂପେ ଧରି ରଖିଛି । ତତ୍‌ସଂଲଗ୍ନ ନାନାବିଧ ଅପରାଧ ପ୍ରତି ସମାଜର ଭ୍ରୂକ୍ଷେପ ମଧ୍ୟ ନାହିଁ । ହୁଏତ ଶିଶୁକନ୍ୟା ହତ୍ୟା ଆଜି ଆଉ ନାହିଁ ; କିନ୍ତୁ ଯୌତୁକ ଦେଇ ନ ପାରି କନ୍ୟା, କନ୍ୟାପିତା ଏପରିକି ସମଗ୍ର ପରିବାରର ମିଳିତ ଆତ୍ମହତ୍ୟା ମଧ୍ୟେ ମଧ୍ୟେ ସଂଘଟିତ ହେଉଛି ବୋଲି ସମାଜ ତତ୍ତ୍ୱବିତ୍‌ମାନେ ହିସାବ ଦିଅନ୍ତି ।

ଆଶ୍ଚର୍ଯ୍ୟର ବିଷୟ, ଆଧୁନିକ ଭାରତରେ ଉଚ୍ଚ ଶିକ୍ଷାର ପ୍ରସାର ସଙ୍ଗେ ଯୌତୁକର ପରିମାଣ ଅସ୍ୱାଭାବିକ ରୂପେ ବୃଦ୍ଧି ପାଇ ଚାଲିଛି । * ଉଚ୍ଚ ଶିକ୍ଷିତମାନଙ୍କ ମଧ୍ୟରେ ଉଚ୍ଚପଦସ୍ଥମାନଙ୍କର ଦାବୀ ଅଧିକତର ଅସ୍ୱାଭାବିକ । ପ୍ରାୟ ୧୫ବର୍ଷ ତଳେ ଉତ୍ତର ପ୍ରଦେଶ ବିଧାନ ପରିଷଦରେ ଯୌତୁକ ପ୍ରଥା ଉପରେ ଆଲୋଚନା ଚାଲିଥିଲା ବେଳେ ସଂଗୃହୀତ ଏକ ହିସାବରେ ଜଣାଯାଇଥିଲା ଯେ, 'ଆଇ.ଏ.ଏସ. ଅଫିସରମାନଙ୍କ ଯୌତୁକ ପରିମାଣ ୩୦ ହଜାରରୁ ୪୦ ହଜାର; ପ୍ରାଦେଶିକ ଚାକିରୀରେ ଥିବା ଅଫିସରମାନଙ୍କର ୨୦ ହଜାରରୁ ୨୫ ହଜାର, ଇଞ୍ଜିନିୟରିଂ ଏବଂ ଡାକ୍ତରୀ ପାଶ୍ କରିଥିବା ବ୍ୟକ୍ତିମାନଙ୍କର ୧୦ ହଜାରରୁ ୧୫ ହଜାର ଏବଂ ଅଧ୍ୟାପକମାନଙ୍କର ୪ ହଜାରରୁ ୫ ହଜାର ।'** ବିଗତ ୧୫ବର୍ଷ ମଧ୍ୟରେ ଏହି ପରିମାଣ ଯେ ଅନେକ ମାତ୍ରାରେ ବଢ଼ି ଯାଇଥିବ ଏଥିରେ ସନ୍ଦେହ ନାହିଁ । ଆଜି ଜଣେ ଆଇ.ଏ ଏସ୍. ଯୁବକପାଇଁ ; ଅମ୍ବାସାଡର ଗାଡ଼ିର ଦାମ ଟ ୨୫,୦୦୦, ୫୦ ଭରି ସୁନାର ମୂଲ୍ୟ ଟ ୨୫,୦୦୦ ଏବଂ ଅନ୍ୟାନ୍ୟ ଆସବାବପତ୍ର ଇତ୍ୟାଦି ଟ ୨୫,୦୦୦ ଏବଂ ବିବାହ ଉତ୍ସବର ପ୍ରୀତିଭୋଜନ ଇତ୍ୟାଦି ପାଇଁ ଟ ୨୫,୦୦୦, ସର୍ବମୋଟ ଏକ ଲକ୍ଷ ଟଙ୍କା ଆବଶ୍ୟକ । ସମାଜର ଶ୍ରେଷ୍ଠପଦସ୍ଥ ବ୍ୟକ୍ତିମାନେ ଏକ ଲକ୍ଷ ଟଙ୍କା ବ୍ୟୟ କରି ଉପଯୁକ୍ତ ପାତ୍ର ହସ୍ତରେ କନ୍ୟାଦାନ ପୂର୍ବକ ଆତ୍ମସନ୍ତୋଷ ଲାଭ କରି ପାରୁଛନ୍ତି, ସେମାନେ ଯେ ସବୁ କ୍ଷେତ୍ରରେ ସତ୍ ଉପାୟରେ ଅର୍ଥ ଉପାର୍ଜନ କରୁଥିବେ, ସେଥିରେ ଗଭୀର ସନ୍ଦେହ ପ୍ରକାଶ କରିବାର ଅବକାଶ ରହିଛି ।

ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଯୌତୁକ ପ୍ରଥାର ଅପକାରିତା ଓ ପରିମାଣ ନିମ୍ନଲିଖିତ ରୂପେ କାର୍ଯ୍ୟ କରିଥାଏ ।

ପ୍ରଥମତଃ, ହିନ୍ଦୁ ବିବାହର ମୌଳିକ ତାତ୍ପର୍ଯ୍ୟ ଓ ଦର୍ଶନ ଉପରେ ଯୌତୁକ ପ୍ରଥା କଠୋର ବ୍ୟତିକ୍ରମ ଆଣିଥାଏ । ଶାସ୍ତ୍ର ମତରେ ହିନ୍ଦୁ ସ୍ତ୍ରୀ ହେଉଛନ୍ତି ସ୍ୱାମୀଙ୍କର ସହଧର୍ମିଣୀ, ସମସ୍ତ ପ୍ରକାର ପୁଣ୍ୟ କାର୍ଯ୍ୟରେ ସ୍ୱାମୀଙ୍କର ସହକର୍ମିଣୀ ; ତେଣୁ ବିବାହ ମୂଳରେ ଏକ ଆଧ୍ୟାତ୍ମିକ ଅର୍ଥ ନିହିତ ଥାଏ । ଯେତେବେଳେ ଧନସଂପତ୍ତି ଆହରଣ ଉଦ୍ଦେଶ୍ୟରେ ସେହି ବିବାହ ଆୟୋଜିତ ହୁଏ, ସେତେବେଳେ ବିବାହର ମୂଳଭିତ୍ତି ପବିତ୍ର ନ ହୋଇ ଅପବିତ୍ର ହୋଇଥାଏ । ପ୍ରକାରନ୍ତରେ, ବୈବାହିକ ସମ୍ପର୍କ ଏକ ପ୍ରକାର ଅର୍ଥନୈତିକ ସମ୍ପର୍କରେ ପରିଣତ ହୁଏ ।

---

* Vide K. M. Kapadia , *Marriage and Family in India*, P. 137.

** Vide Aileen D. Ross, *The Hindu Family and itsurban setting*, P. 261.

odishaarchives.nic.in

ଦ୍ୱିତୀୟତଃ, ଯେଉଁମାନେ ଯୌତୁକ ଉପରେ ଲକ୍ଷ୍ୟରଖି ବିବାହପାଇଁ ପ୍ରସ୍ତୁତ ହୁଅନ୍ତି ସେମାନେ ନାରୀର ପ୍ରକୃତ ଶିକ୍ଷା ଦୀକ୍ଷା ପ୍ରତି ମର୍ଯ୍ୟାଦା ଦେବାକୁ ଶିଖନ୍ତି ନାହିଁ ; ତେଣୁ ସମାଜରେ କନ୍ୟାର ଗୁଣ ଅପେକ୍ଷା କନ୍ୟାପିତାର ସମ୍ପତ୍ତି ଅଧିକତର ଆକର୍ଷଣୀୟବୋଧ ହୋଇଥାଏ । ନାରୀର ଉଚ୍ଚାଙ୍ଗ ଗୁଣାବଳୀ ଓ ପ୍ରତିଭା ଆଦରଣୀୟ ନ ହେବାଦ୍ୱାରା ନାରୀ ଜାତିର ସାମୂହିକ ବିକାଶ ବାଧାପ୍ରାପ୍ତ ହୁଏ । ତେଣୁ ନାରୀ ଜାତିର ଯୋଗ୍ୟତା ପ୍ରତି ଯୌତୁକ ପ୍ରଥା ହେଉଛି ଏକ ପରିହାସ ।

ତୃତୀୟତଃ, କନ୍ୟାର ବ୍ୟକ୍ତିତ୍ୱ ପ୍ରତି କୌଣସି ପ୍ରକାର ସମ୍ବେଦନା ନ ରଖି ଯେତେବେଳେ କନ୍ୟା ପିତାଙ୍କୁ ଯୌତୁକ ଦେବାପାଇଁ ବାଧ୍ୟ କରଯାଏ, ସେତେବେଳେ କନ୍ୟାପିତାର ଆର୍ଥିକ ଅବସ୍ଥାପ୍ରତି ବରକର୍ତ୍ତାମାନେ କୌଣସି ବିଚାର ରଖନ୍ତି ନାହିଁ । ଫଳରେ ସମ୍ପତ୍ତି ବନ୍ଧକ ରଖି କିମ୍ବା ବିକ୍ରୟ କରି, ପରିବାରର ଅଳଙ୍କାର ବିକ୍ରୟ କରି ବା ବନ୍ଧକ ଛଡି, କନ୍ୟା ପିତାଙ୍କୁ ଅର୍ଥ ସଂଗ୍ରହ କରିବାକୁ ହୁଏ । ମଧ୍ୟବିତ୍ତ ସଂପ୍ରଦାୟର ଅନେକ ବ୍ୟକ୍ତିଙ୍କର ଋଣଗ୍ରସ୍ତ ଜୀବନଯାପନ ଯୌତୁକ ପ୍ରଥାର ଏକ ଅବଶ୍ୟ-ମ୍ଭାବୀ ପରିଣାମ ରୂପେ ଦେଖାଯାଇଛି ।

ଚତୁର୍ଥତଃ, ଯେଉଁ କନ୍ୟାପିତାମାନେ ନିଜର କନ୍ୟାଦାନ ବେଳେ ଯୌତୁକ ଦାନପାଇଁ ବାଧ୍ୟ ହୋଇଥାଆନ୍ତି କିମ୍ବା ସାମାଜିକ ସମ୍ମାନ ରକ୍ଷାପାଇଁ ସ୍ୱଇଚ୍ଛାରେ ମଧ୍ୟ ଯୌତୁକ ଦେଇଥାଆନ୍ତି, ସେମାନେ ନିଜର ପୁତ୍ରପାଇଁ କନ୍ୟା ନିର୍ବାଚନ କଲାବେଳେ ଅଧିକତର ଯୌତୁକଲାଭ ଆଶାରେ ଲାଳାୟିତ ହୋଇ ପଡନ୍ତି । 'ମୁଁ ଯାହା ଦେଇଛି ତାହା ନେବି', ଏହି ପ୍ରକାର ମନସ୍ତାତ୍ତ୍ୱିକ ପ୍ରେରଣା ଅନେକ ବ୍ୟକ୍ତିଙ୍କ ନିକଟରେ ଦେଖିବାକୁ ମିଳିଥାଏ । ଆଶ୍ଚର୍ଯ୍ୟର ବିଷୟ, ପୁତ୍ରମାତାମାନେ ଯୌତୁକ ପାଇଁ ଅଧିକତର ଲୋଭ ପ୍ରକାଶ କରିଥାଆନ୍ତି ।

ପଞ୍ଚମତଃ, ଜଣେ ସୁଯୋଗ୍ୟା କନ୍ୟାପାଇଁ ସୁଯୋଗ୍ୟ ବର ସନ୍ଧାନ କରିବା ପ୍ରତ୍ୟେକ କନ୍ୟା-ପିତାର କର୍ତ୍ତବ୍ୟ, କିନ୍ତୁ ସୁଯୋଗ୍ୟ ବରମାନଙ୍କର ଦାବୀ ଜାଣିଲା ପରେ ନିଜର ସୁଯୋଗ୍ୟା କନ୍ୟାକୁ ଅଯୋଗ୍ୟ ପାତ୍ର ହାତରେ ସମର୍ପଣ କରିବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ । ଅନେକ ସମୟରେ ଅଶିକ୍ଷିତ ସ୍ୱାମୀ ଏବଂ ଶିକ୍ଷିତା ସ୍ତ୍ରୀ କିମ୍ବା ଅର୍ଦ୍ଧଶିକ୍ଷିତ ସ୍ୱାମୀ ଓ ଉଚ୍ଚଶିକ୍ଷିତା ସ୍ତ୍ରୀ ପ୍ରଭୃତିଙ୍କର ବୈବାହିକ ଜୀବନ ଶାନ୍ତିମୟ ନଥାଏ । ଯୋଗ୍ୟତା, ସାମର୍ଥ୍ୟ, ଶିକ୍ଷା ଓ ଉପାର୍ଜନ ପ୍ରଭୃତି ବିଭିନ୍ନ ବିଷୟକୁ କେନ୍ଦ୍ର କରି ବୈବାହିକ ଜୀବନରେ ଯେଉଁ ଗରସାମ୍ୟ ଆବଶ୍ୟକ ସ୍ତରରେ ବ୍ୟତିକ୍ରମ ଘଟିଲେ ଜୀବନ ଅଶାନ୍ତିମୟ ହେବା ସ୍ୱାଭାବିକ ।

ଅନେକ ସମୟରେ ଯୌତୁକ ଉପରୁ ରକ୍ଷା ପାଇବାପାଇଁ କନ୍ୟାପିତାମାନେ ଅଳ୍ପ ବୟସ୍କା ବାଳିକାମାନଙ୍କୁ ପ୍ରୌଢ, ମଧ୍ୟବୟସ୍କ ଏବଂ ଏପରିକି ବୃଦ୍ଧ ବର ହାତରେ ସମର୍ପଣ କରିବାକୁ ବାଧ୍ୟ ହୋଇଥାଆନ୍ତି । ବୟସ୍କ ବରମାନେ ଅଳ୍ପ ଯୌତୁକ ଦାବୀ କରିବା ସ୍ୱାଭାବିକ ; କିନ୍ତୁ ଅଳ୍ପ-ବୟସ୍କା କନ୍ୟା ବୃଦ୍ଧ ସ୍ୱାମୀଙ୍କ ପରିବାରରେ ଯେପରି ଅଶାନ୍ତି ଭୋଗ କରନ୍ତି ତାହା ସହଜରେ ଅନୁମେୟ । ଅନେକ ସମୟରେ ଆତ୍ମହତ୍ୟାଦ୍ୱାରା ସାଂସାରିକ ଦୁଃଖରୁ ମୁକ୍ତିଲାଭ କରିବାପାଇଁ ଅନେକ ବାଧ୍ୟକୁ ହୁଅନ୍ତି । ଯେଉଁମାନେ ଅଳ୍ପ ବୟସରେ ବିଧବା ହୁଅନ୍ତି ସେମାନଙ୍କ ଦୁଃଖ ମଧ୍ୟ ଅନୁମେୟ ।

OdishaArchives.nic.in

ଅନେକ କ୍ଷେତ୍ରରେ ସୁଯୋଗ୍ୟ, ସୁଶିକ୍ଷିତ ଓ ସୁପ୍ରତିଷ୍ଠିତ ଯୁବକପାଇଁ ଅନେକ ପ୍ରତିଷ୍ଠିତ କନ୍ୟାପିତା ନିଜ ନିଜ କନ୍ୟାଦାନପାଇଁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଥାଆନ୍ତି । ଫଳରେ, ବର ନିଜେ ଦାବୀର ମାତ୍ରା ଅଧିକରୁ ଅଧିକତର ବୃଦ୍ଧି କରି ଶେଷରେ ସର୍ବୋଚ୍ଚ ଦାତାଙ୍କୁ ନିଜର ଶ୍ୱଶୁର ରୂପେ ଗ୍ରହଣ କରନ୍ତି । ପରାଜିତ କନ୍ୟା ପିତାମାନେ ଅପମାନିତ ହୁଅନ୍ତି । ବିବାହ-ବଜାରରେ ନିଲାମପ୍ରଥା ରୂପେ ଯିଏ ବେଶିଦେଲା ସେ ବରକ୍ରୟ କରିପାରିଲା, ଏପରି ଅର୍ଥନୀତି ବିବାହର ଆଦର୍ଶକୁ କଳୁଷିତ କରିଥାଏ । ପ୍ରଚୁର ଯୌତୁକ ସତ୍ତ୍ୱ ଅସିତିତା ଧର୍ମପତ୍ନୀମାନେ ନିଜ ସ୍ୱାମୀମାନଙ୍କୁ ହେୟଜ୍ଞାନ କରିବା ଅସ୍ୱାଭାବିକ ନୁହେଁ । ଫଳରେ ଯୌତୁକ ଗ୍ରହଣକାରୀ ପୁରୁଷ ନିଜର ବ୍ୟକ୍ତିତ୍ୱ ନିଜ ସ୍ତ୍ରୀ ଆଗରେ ହ୍ରାସ କରିଥାଆନ୍ତି । ଅନେକ ଉଚ୍ଚପଦସ୍ଥ ଓ ସୁଦକ୍ଷ ବ୍ୟକ୍ତିଙ୍କୁ ନିଜ ଗୃହ ମଧ୍ୟରେ ଏକ ପ୍ରକାର ଦୟନୀୟ ଅବସ୍ଥାରେ ରହିବା ଦେଖାଯାଇଥାଏ । ଯୌତୁକ ଗ୍ରହଣର ତାହା ହେଉଛି ଏକ ପରୋକ୍ଷ ପରିଣାମ ।

ପିତାଙ୍କର ଆର୍ଥିକ ଦୁର୍ଗତିପାଇଁ ଯେଉଁ କନ୍ୟାମାନଙ୍କର ବିବାହ କରିବାକୁ ବିଳମ୍ବ ହୋଇଯାଏ ସେମାନେ ନିଜର ଜ୍ଞାତି କୁଟୁମ୍ବ ଓ ପ୍ରତିବେଶୀମାନଙ୍କ ଆଗରେ ଅତ୍ୟନ୍ତ ଲଜ୍ଜିତ ବୋଧ କରନ୍ତି । ଜୀବନ ଦୁଃସହ ହୋଇପଡେ । ସେମାନେ ନିଜର ପିତାମାତାଙ୍କ ଆଗରେ ଛିଡା ହେବାକୁ ସାହସ କରନ୍ତି ନାହିଁ ଏବଂ ପିତାମାତା ମଧ୍ୟ କନ୍ୟା ଆଗରେ ଲଜ୍ଜିତ ଜୀବନଯାପନ କରନ୍ତି । ଶେଷରେ ଅବଶ୍ୟ ବିବାହ ଦିନେ ହୁଏ ; କିନ୍ତୁ ଅନ୍ଧ ଯୌତୁକ ନେଇ ସ୍ୱାମୀ ଘରକୁ ଆସିଲା ପରେ ସମସ୍ତଙ୍କର ଘୃଣା ଓ ବିରକ୍ତିର ପାତ୍ରରୂପେ ଦିନ କଟାଇବାକୁ ପଡେ । ଶାଶୁମାନଙ୍କର ଅସହ୍ୟ ଉକ୍ତି ଦିନ ପରେ ଦିନ ସହ୍ୟ କରି ବାଳିକା ବଧୂର ଜୀବନ କଟେ । ତେଣେ ହତଭାଗ୍ୟ କନ୍ୟା ପିତା ଶ୍ୱାଶୁ ଘରେ ନିଜ କନ୍ୟାର ମାନସିକ ନିର୍ଯ୍ୟାତନା ଅନୁଭବ କରି ଅଖି ଲୁହ ଆଖିରେ ରଖି ଦୀର୍ଘଶ୍ୱାସ ତ୍ୟାଗ କରନ୍ତି । ନିଜ ଜାମାତା ଆଗରେ ମଧ୍ୟ ତାଙ୍କର ଆତ୍ମସମ୍ମାନ ରହିପାରେନା ।

ନବମତଃ, ଅନେକ କ୍ଷେତ୍ରରେ ବୁଦ୍ଧିମାନ ଧନୀ କନ୍ୟା ପିତାମାନେ ଅଳ୍ପବୟସ୍କ, ଅଥଚ ପ୍ରତିଶ୍ରୁତିଶାଳୀ ବାଳକମାନଙ୍କୁ ନାନା ପ୍ରକାର ଯୌତୁକ କିମ୍ବା ଉଚ୍ଚଶିକ୍ଷା ପାଇଁ ଅର୍ଥ ସାହାଯ୍ୟ ଇତ୍ୟାଦିର ପ୍ରଲୋଭନ ବା ଇଙ୍ଗିତ ଦେଇ ପ୍ରଥମେ କନ୍ୟାଦାନ କାର୍ଯ୍ୟ ସଂପାଦନ କରିନିଅନ୍ତି । ସେମାନଙ୍କ ମଧ୍ୟରୁ ଅନେକେ ହୁଏତ ପ୍ରତିଜ୍ଞା ପାଳନ କରନ୍ତି କିମ୍ବା କର୍ତ୍ତବ୍ୟ ଦୃଷ୍ଟିରୁ ସାହାଯ୍ୟ କରନ୍ତି । କେହି କେହି ଚରମ ପ୍ରତାରଣାର ଆଶ୍ରୟ ନିଅନ୍ତି । ଶେଷୋକ୍ତ କାର୍ଯ୍ୟପାଇଁ ଶ୍ୱଶୁର ଜାମାତା ସମ୍ପର୍କ ତିକ୍ତ ହେବା ସଙ୍ଗେ ସଙ୍ଗେ ସ୍ୱାମୀ-ସ୍ତ୍ରୀ ସମ୍ପର୍କ ମଧ୍ୟ ତିକ୍ତ ହୋଇଥାଏ ।

ପରିଶେଷରେ, କନ୍ୟାପିତାମାନେ ଯୌତୁକପାଇଁ ଅର୍ଥ ସଞ୍ଚୟ କରିବାକୁ ଯାଇ କନ୍ୟାର ଶିକ୍ଷା-ପାଇଁ ଅର୍ଥବ୍ୟୟ କରିବାକୁ କାତର ହୁଅନ୍ତି । ତେଣେ ଅନେକ ବ୍ୟକ୍ତି ଯୌତୁକ ପାଆନ୍ତି ସତ୍ୟ, କିନ୍ତୁ ବିବାହ ପରେ କନ୍ୟାର ଯୋଗ୍ୟତା ଦେଖିବାକୁ ନ ପାଇ ଅନୁତାପ କରନ୍ତି । କେହି କେହି ବ୍ୟକ୍ତି ବିବାହ-ବଜାରରେ ନିଜର ମୂଲ୍ୟବୃଦ୍ଧିପାଇଁ ପ୍ରତିଷ୍ଠିତ ହେଲା ପର୍ଯ୍ୟନ୍ତ ବିବାହ ନ କରି ଅପେକ୍ଷା କରନ୍ତି ଏବଂ ଉଚ୍ଚତ ଯୌତୁକ ଦାବୀ କରି ବସନ୍ତି । କେହି କେହି ବା ନିଜର ମୂଲ୍ୟ ବୃଦ୍ଧିପାଇଁ ମିଥ୍ୟାର ଆଶ୍ରୟ ନିଅନ୍ତି । ଅନେକ ସମୟରେ ବର କିମ୍ବା ବରକର୍ତ୍ତାମାନେ ବିବାହ ପୂର୍ବରୁ କୌଣସି

odishaarchives.nic.in

ଦାବୀ ନ କରି ଠିକ୍ ନିର୍ବନ୍ଧ ପରେ ଜିମ୍ମା ବେଦି ଉପରେ ଅସ୍ୱାଭାବିକ ଦାବୀମାନ ଉପସ୍ଥାପିତ କରି ବିବାହ-ବିଚ୍ଛାଟ ସୃଷ୍ଟି କରନ୍ତି ।

ସ୍ୱାଧୀନତା ପରେ ବର୍ଷ ପରେ ବର୍ଷ ତିଡି ଯାଉଛି ; କିନ୍ତୁ କେତେକ କ୍ଷେତ୍ରରେ ଭାରତୀୟ ଜୀବନର ପ୍ରତିଷ୍ଠିତ ସାମାଜିକ କଳଙ୍କମାନ ଲୋପ ପାଇବା ପରିବର୍ତ୍ତେ ଅଧିକତର ପ୍ରତିଷ୍ଠାଲାଭ କରୁଥିବାର ଦେଖାଯାଉଛି । ଏହାହିଁ ହେଉଛି ଏ ଦେଶର ଦୁର୍ଭାଗ୍ୟ । ଅପରିବର୍ତ୍ତନୀୟ ଭାରତୀୟ ସମାଜରେ ଯେତିକି ଧୀର ମନ୍ଥର ପରିବର୍ତ୍ତନ ଦେଖିବାକୁ ମିଳୁଛି ସେଥିରେ ଆତ୍ମସନ୍ତୋଷ ପ୍ରକାଶ କରିବା ଉଚିତ ନୁହେଁ । ବୃହତ୍ତର ପରିବର୍ତ୍ତନପାଇଁ ଜନମତ ସୃଷ୍ଟି କରିବା ଜାଗ୍ରତ ଦେଶବାସୀଙ୍କର କର୍ତ୍ତବ୍ୟ । ଦେଶର କ୍ରମବର୍ଦ୍ଧମାନ ଦାରିଦ୍ର୍ୟ ଓ ଆର୍ଥିକ ଅବନତିର ପରିପ୍ରେକ୍ଷୀରେ ଆଡମ୍ବର-ପୂର୍ଣ୍ଣ ବିବାହ ତଥା ଯୌତୁକ ପ୍ରଥା ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ ହେବା ଏକ ସୁଫଳପ୍ରଦ ପଦକ୍ଷେପ ରୂପେ ବିବେଚିତ ହେବା ଉଚିତ ।

ମ୍ୟୁନିସିପାଲିଟି ଓ ନୋଟିଫାଏଡ୍ ଏରିଆ କାଉନ୍‌ସିଲ୍ ଅଂଚଳରେ ଶିଶୁ କଲ୍ୟାଣ କେନ୍ଦ୍ର

ଗୋଷ୍ଠୀ ଉନ୍ନୟନ ଓ ପଂଚାୟତିରାଜ ବିଭାଗ ଚଳିତ ବର୍ଷ ରାଜ୍ୟର ବିଭିନ୍ନ ମ୍ୟୁନିସିପାଲିଟି ଓ ନୋଟିଫାଏଡ୍ ଏରିଆ କାଉନ୍‌ସିଲ୍ ଅଂଚଳରେ ୮୦ ଟି ଶିଶୁ କଲ୍ୟାଣ କେନ୍ଦ୍ର ଖୋଲିବାପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି କେନ୍ଦ୍ରଗୁଡ଼ିକ ମୁଖ୍ୟତଃ ହରିଜନ ବସ୍ତି ଅଂଚଳରେ ଖୋଲାଯିବ । ପ୍ରତ୍ୟେକ କେନ୍ଦ୍ରପାଇଁ ପ୍ରଥମ ବର୍ଷ ୨ ହଜାର ଟଙ୍କା ଏବଂ ପରବର୍ତ୍ତୀ ବର୍ଷମାନଙ୍କରେ ୪ ହଜାର ଟଙ୍କା ଖର୍ଚ୍ଚ କରାଯିବ । ମ୍ୟୁନିସିପାଲିଟି ଓ ଏନ୍. ଏ. ସି. କର୍ତ୍ତୃପକ୍ଷ ଏହି କେନ୍ଦ୍ରଗୁଡ଼ିକ ପରିଚାଳନା କରିବେ ଏବଂ ଏଥିପାଇଁ ଆବଶ୍ୟକୀୟ ଗୃହ ମଧ୍ୟ ଯୋଗାଇଦେବେ । ଆଗାମୀ ସ୍ୱାଧୀନତା ଦିବସଠାରୁ ଏହି ଯୋଜନା କାର୍ଯ୍ୟକାରୀ ହେବ ।

ସାଧାରଣତଃ, ମ୍ୟୁନିସିପାଲିଟି ଓ ଏନ୍. ଏ. ସି. ରେ ନିଯୁକ୍ତ ହରିଜନ ଓ ଅନ୍ୟାନ୍ୟ ଶ୍ରମିକ ଶ୍ରେଣୀର ମା'ମାନେ ସେମାନଂକ ଶିଶୁ ସନ୍ତାନମାନଙ୍କୁ ଘରେ ଛାଡ଼ି କାମରେ ବାହାରକୁ ଚାଲିଯାନ୍ତି । ମା'ମାନଙ୍କ ଅନୁପସ୍ଥିତିରେ ଏହି ଛୋଟ ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନେବା ସମ୍ଭବପର ହୁଏ ନାହିଁ । ବର୍ତ୍ତମାନ ଏମାନେ ଶିଶୁକଲ୍ୟାଣ କେନ୍ଦ୍ରରେ ନିଜ ନିଜର ଶିଶୁ ସନ୍ତାନମାନଙ୍କୁ ଛାଡ଼ି ଦୈନନ୍ଦିନ କାମରେ ଯାଇ ପାରିବେ । ଏଦ୍ୱାରା ଏହି ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଇପାରିବ । ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଜିଲା ସଦର ମହକୁମା, ବ୍ରହ୍ମପୁର ଓ ଭୁବନେଶ୍ୱରରେ ଏଭଳି ଶିଶୁକଲ୍ୟାଣ କେନ୍ଦ୍ର କାର୍ଯ୍ୟକାରୀ ହେବ ।

odishaarchives.nic.in

ଓଡିଶାରେ ସବୁଜ ବିପ୍ଳବର କେତୋଟି ଦିଗ

ଶ୍ରୀ କମଳଲୋଚନ ମହାନ୍ତି
ଉପ କୃଷି ନିର୍ଦ୍ଦେଶକ (କୃଷି ସମ୍ବାଦ ସରବରାହ)

odishararchives.nic.in

ଆମ ରାଜ୍ୟରେ କୃଷୀ ଖାଦ୍ୟ ଫସଲ ଏକର ପ୍ରତି କମ୍ ଅମଳ କରେ ବୋଲି ଆମର ଭ୍ରମ ଧାରଣା ରହି ଆସିଅଛି ; କିନ୍ତୁ ସର୍ବଭାରତୀୟ ସ୍ତରରେ ଏକର ପ୍ରତି ଅମଳ ହେଉଥିବା ବିଭିନ୍ନ ଖାଦ୍ୟ ଫସଲ ବିଷୟ ବିଶ୍ଳେଷଣ କଲେ ଏହା ଅନେକ ପରିମାଣରେ ଠିକ୍ ନୁହେଁ ବୋଲି ପ୍ରତିପାଦିତ କରିହେବ ।

ଜାତୀୟ କୃଷି କମିଶନଙ୍କର ସର୍ଭେ ରିପୋର୍ଟ ନିମ୍ନରେ ଦିଆଗଲା—

ସର୍ବଭାରତୀୟ ସ୍ତରରେ ଉତ୍ପାଦିତ ହେଉଥିବା ବିଭିନ୍ନ ଫସଲର ପରିମାଣ (୧୦୦ ୟୁନିଟ୍‌ରେ)	ଆମ ରାଜ୍ୟରେ ଉତ୍ପାଦିତ ହେଉଥିବା ଫସଲର ପରିମାଣ (୧୦୦ ୟୁନିଟ୍‌ରେ)
ଖାଦ୍ୟ ଫସଲର ନାମ—	
ଖରିଫ୍ ଧାନ — ୧୦୭ ୟୁନିଟ୍	୮୬
ମାଣ୍ଡିଆ — ୧୦୦	୧୧୦
ଆଖୁ — ୧୦୦	୧୦୬
ଡିନା, କୋଦଜାତୀୟ ଫସଲ — ୧୦୦	୧୦୫
ମକା — ୧୦୦	୬୬
ଡାଲିଜାତୀୟ ଫସଲ ୧୦୦	୧୦୭

ଏହି ସର୍ଭେ ରିପୋର୍ଟରୁ ପ୍ରତିପାଦିତ ହେଉଛି ଯେ ଧାନ, ମକା ଫସଲକୁ ଛାଡ଼ିଦେଲେ ଆମ ରାଜ୍ୟରେ ଏକର ପ୍ରତି ଅନ୍ୟାନ୍ୟ ଫସଲର ଉତ୍ପାଦନ କୌଣସିମତେ କମ୍ ନୁହେଁ ।

କିନ୍ତୁ ଆମ ରାଜ୍ୟରେ ଧାନ ହେଉଛି ପ୍ରଧାନ ଫସଲ ; କିନ୍ତୁ ଏକର ପ୍ରତି ଅମଳ ପରିମାଣ କମ୍ ହେଉଥିବାରୁ ଆମର କୃଷି ଅର୍ଥନୀତିର କ୍ଷିପ୍ର ଉନ୍ନତି ଘଟି ପାରୁନାହିଁ ।

ବର୍ଷାବିରଳ ଅଞ୍ଚଳରେ ଢିପ ଓ ମଝିଆଳି ଜମି ଯାହାକି ଧାନଫସଲପାଇଁ ଆଦୌ ଅନୁକୂଳ ନୁହେଁ, ସେ ଜମିରେ ପରମ୍ପରାକ୍ରମେ ଆମେ କୃଷୀ ଧାନ ଫସଲ ଛାଡ଼ି ଅନ୍ୟ ଫସଲ କରିବା ପାଇଁ ଆଗଭର ହେଉ ନାହାନ୍ତି । ଢିପ ଜମିରେ ବିଆଳି ଧାନ କୃଷ କରଯାଇ ଏକର ପ୍ରତି ହାରହାରି ୫।୬ ମଣ୍ଡଳ ଅମଳ ବି ମିଳୁନାହିଁ । ମଝିଆଳି ଜମିରେ ଲଘୁ ଶାରଦ ଧାନ କୃଷ କରଯାଇ ୭।୮ ମଣ୍ଡଳ ଧାନ ଅମଳ ମିଳିବା କଷ୍ଟକର । ତେଣୁ ଏସବୁ ଜମିରେ ଧାନ ପରିବର୍ତ୍ତେ ଅନ୍ୟ ପାଣି ଦରକାର କରୁଥିବା ଓ ମରୁଡ଼ିସହନି ଫସଲ ଯଥା—ତିନାବାଦାମ, କୁସୁମ, ସୂର୍ଯ୍ୟମୁଖୀ ପ୍ରଭୃତି ତୈଳବୀଜ, ମାଣ୍ଡିଆ, ଜୁଆର, ମକା ପ୍ରଭୃତି ଫସଲ କରଗଲେ ଏକ ଏକର ଜମିରେ ଧାନକୃଷ କରି ଯେଉଁ ପରିମାଣରେ ଅଧିକ ଲାଭ ମିଳୁଛି ବା ଯେତେ ପରିମାଣରେ ଫସଲ ମିଳୁଛି ତାର ଦୁଇ ତିନିଗୁଣ ଫସଲ ଅମଳ ମିଳିପାରିବ । ଦ୍ୱିତୀୟ ସମସ୍ୟା ହେଲା ଖରିଫ ଋତୁରେ ଧାନକୃଷ ହେଉଥିବା ଜମିର ପରିମାଣ କମାଇ ସେ ଜମିରେ ତୈଳବୀଜ, ପନିପରିବା ଆଦି ଫସଲ କରଗଲେ ଆଂଶିକ ଭାବରେ ଧାନ ଅମଳ କମିଯିବ ; କିନ୍ତୁ ଏହାକୁ ଭରଣା କରିବାପାଇଁ ଖରିଫ ଋତୁରେ କୃଷ ହେଉଥିବା ଏକର ପିନ୍ଧା ଧାନ ଅମଳ ପରିମାଣ ବଢ଼ାଇବା ଏକାନ୍ତ ଜରୁରୀ ହୋଇପଡ଼ିବ ।

ଅଧିକ ଅମଳକ୍ଷମ ଧାନକୃଷର ପ୍ରସାର ରବି ଋତୁରେ ଘଟୁଥିଲେ ହେଁ ଖରିଫ ଋତୁରେ ଏହାର ପ୍ରସାର ଘଟୁନାହିଁ । ପୁନଶ୍ଚ ରବି ଋତୁରେ, ମିଳୁଥିବା ସୀମିତ କେନାଲ ପାଣିର ସଦୁପଯୋଗ କରି ଚେଷ୍ଟା ଜମିରେ ରବି ଫସଲ କରୁବାପାଇଁ ଉଦ୍ୟମ କରଯାଉଛି । ଏକରେ ଧାନଫସଲ ଜଳେ ଯେତେ ପାଣି ଆବଶ୍ୟକ ସେତିକି ପାଣିରେ ୪ ଏକର ଗହମ ଓ ୧୦ ଏକର ମକା ବା ରାଗ୍ରୀ କୃଷ କରଯାଇ ପାରିବ । ଫଳତଃ ରବି ଋତୁରେ ସୀମିତ ଜଳସେଚନକୁ ନିୟନ୍ତ୍ରିତ କରି ଢିପ ଓ ମଝିଆଳି ଜମିରେ ଗହମ, ଆଳୁ ପ୍ରଭୃତି ଖାଦ୍ୟ ଫସଲ କରଗଲେ ଧାନ ଜମି ପରିମାଣରେ ହ୍ରାସ ଘଟିବ । ତେଣୁ ଧାନ ଉତ୍ପାଦନ କେତେକ ପରିମାଣରେ ରବି ଋତୁରେ ମଧ୍ୟ କମିଯିବ ।

ତେଣୁ ରବି ଋତୁରେ ବଳିତ ବର୍ଷ ୫ ଲକ୍ଷ ହେକ୍‌ଟର ଜମିରେ ଅଧିକ ଅମଳକ୍ଷମ ଧାନକୃଷ କରିବାପାଇଁ ଉଦ୍ୟମ କରଯାଇଛି ।

ଖରିଫ ଋତୁରେ ଅଧିକ ଅମଳକ୍ଷମ ଧାନକୃଷ ପ୍ରତି କୃଷୀ ଆଗ୍ରହୀ ନ ହେବାର ଦୁଇଟି ବିଶେଷ କାରଣ ଅଛି । ପ୍ରଥମେ, ଖରିଫ ଋତୁରେ ଅଧିକ ଅମଳକ୍ଷମ ଧାନକୃଷ କଲେ ବଙ୍ଗା, କାଣ୍ଡବିନ୍ଧା ପୋକ ଲାଗିବାର ସମ୍ଭାବନା ରହିଛି । ବେଳେ ବେଳେ କ୍ରମାଗତ ବର୍ଷାଯୋଗୁଁ ଫସଲ ସଂରକ୍ଷଣ ବ୍ୟବସ୍ଥା ସଫଳତା ସହ କରିହେଉ ନାହିଁ । ଦ୍ୱିତୀୟରେ ଜଳନିୟନ୍ତ୍ରଣର ସୁବିଧା ନ ଥିବାରୁ ଅଳ୍ପନକ ଅଥବା କ୍ରମାଗତ ବର୍ଷା ଲାଗି ରହିଲେ ସାର ପ୍ରୟୋଗର ସୁବିଧା ଘଟୁନାହିଁ । ଅଧିକାଂଶ ସମୟରେ ବର୍ଷା ପାଣିରେ ସାର ଧୋଇ ହୋଇ ବହିଯିବାର ଆଶଙ୍କା ରହୁଛି । ତେଣୁ କୃଷୀ ଆଶାଜନକ ରୂପେ

odisharchives.nic.in

ଅମଳ ପାଇବା ପାଇଁ ଆଶାୟୀ ହୋଇନଥିବାରୁ ଅଧିକ ଅମଳକ୍ଷମ ଧାନଗୁଣ୍ଡର ପ୍ରସାର ଖରିଫ ଋତୁରେ ହୋଇପାରୁନାହିଁ ।

ଏହି ପରିପ୍ରେକ୍ଷୀରେ ଜାତୀୟ କ୍ଷେତ୍ର ପ୍ରଦର୍ଶନ ଫଳାଫଳ ବିଶେଷ ପ୍ରଣିଧାନଯୋଗ୍ୟ ।

ଗତ କେତେ ବର୍ଷ ହେଲା ଖରିଫ ଋତୁରେ ବହୁ ଆଗୁଆ ଗୁଣ୍ଡୀଙ୍କ ଜମିରେ ଅଧିକ ଅମଳକ୍ଷମ ଧାନଗୁଣ୍ଡ ପ୍ରଦର୍ଶନ କରାଯାଇଛି ଏବଂ ଏଥିରୁ ଦେଖାଯାଇଛି ଯେ ସାଧାରଣ ଧାନ ଖରିଫ ଋତୁରେ ଏକର ପ୍ରତି ଯେତିକି ଅମଳ ମିଳୁଛି, ଅଧିକ ଅମଳକ୍ଷମ ଧାନଗୁଣ୍ଡ ଦ୍ୱାରା ଖରିଫ ଋତୁରେ ମଧ୍ୟ ଏକର ପ୍ରତି ଦୁଇ ତିନିଗୁଣ ଅଧିକା ମିଳୁଛି ।

ତେଣୁ ୫ ଲକ୍ଷ ହେକ୍‌ଟର ଜମିରେ ଚଳିତ ଖରିଫ ଋତୁରେ ଅଧିକ ଅମଳକ୍ଷମ ଧାନଗୁଣ୍ଡ ପାଇଁ ଲକ୍ଷ୍ୟ ସ୍ଥିର କରାଯାଇଛି । ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଖରିଫ ଋତୁରେ ରୋଗପୋକ ପ୍ରାଦୁର୍ଭାବରୁ ଅଧିକ ଅମଳକ୍ଷମ ଧାନକୁ ବହୁ ପରିମାଣରେ ରକ୍ଷା କରାଯାଇପାରିବ ।

ପ୍ରାୟ ବିଭିନ୍ନ ଫସଲରେ କେତେକ ପୋକ ନିର୍ଦ୍ଦିଷ୍ଟ ସମୟରେ କ୍ଷତି କରିଥାନ୍ତି । ତେଣୁ ବିଶେଷଜ୍ଞମାନଙ୍କ ମତରେ ବର୍ଷାଋତୁ ଆରମ୍ଭ ହେବା ପୂର୍ବରୁ ପାଣି ସୁବିଧା ଦେଖି ତଳି ପକାଇବାକୁ ହେବ । ବର୍ଷା ଆରମ୍ଭ ହେବା ସଙ୍ଗେ ସଙ୍ଗେ କାଦୁଅ କରି ରୋଇଲେ ଅଧିକ ଅମଳକ୍ଷମ ଧାନରେ ରୋଗ ପୋକ ପ୍ରକୋପ ଅନେକ ପରିମାଣରେ କମିଯିବ । ଦ୍ୱିତୀୟରେ ଅଧିକ ଅମଳକ୍ଷମ ଧାନରେ ପିଲ ଦେବାବେଳେ ୧୫ ସେ: ମି: ରୁ ଅଧିକ ପାଣିହେଲେ ଅସୁବିଧା ହୋଇଥାଏ । ସବୁଳ ଧାନ ରୋଇଲେ ପିଲ ଦେବାବେଳେ ପାଣି ରହିବାର ସୁଯୋଗ ରହିବ ନାହିଁ । ପିଲ ବାହାରିଗଲା ପରେ ପାଣି ଜମିଲେ କିଛି କ୍ଷତି ହେବ ନାହିଁ ।

ତେଣୁ ରୋଗପୋକ ଆକ୍ରମଣରୁ ରକ୍ଷା କରିବାପାଇଁ ଖରିଫ ଫସଲ ପ୍ରାକ୍‌କାଳରୁ ତଳି ଉତ୍ତାରି ସବୁଳ ରୋଇବା ଦରକାର ।

ଖରିଫ ଧାନ ଫସଲରେ ଖତସାର ସୁବିଧାରେ ପ୍ରୟୋଗ କରିବାପାଇଁ ବିଶେଷଜ୍ଞମାନେ ମତ ଦେଇଛନ୍ତି । ଖରିଫ ଋତୁରେ ଅତ୍ୟଧିକ ବର୍ଷା ହେତୁ ଧାନ ଫସଲରେ ପ୍ରୟୋଗ ହେଉଥିବା କେତେକ ପରିମାଣର ଖତସାର ପାଣିରେ ମିଶି ତଳକୁ ଗୁଲିଯାଏ । ଆଉ କେତେକ ପରିମାଣର ଖତସାର ଧୋଇ ହୋଇ ଅନ୍ୟ ଜମିକୁ ଗୁଲିଯାଏ । ତେଣୁ ଧାନ ବୁଣିଲାବେଳେ ବା ରୋଇବାବେଳେ ଏକ ଦଫାରେ ଅଳ୍ପ ପରିମାଣର ଯବକ୍ଷାର ସାର ପ୍ରୟୋଗ ନ କରି ଦୁଇ ତିନି ଦଫାରେ ସାର ପ୍ରୟୋଗ କରିବା ଦରକାର ।

ଜମି ପ୍ରସ୍ତୁତ ବେଳେ ବା କାଦୁଅ କଲାବେଳେ ଏକର ପ୍ରତି ୧୨ କେ.ଜି. ଫସ୍‌ଫରସ୍ ଓ ୧୨ କେ.ଜି. ପଟାସ୍ ପ୍ରୟୋଗ କରିବାପାଇଁ ସେମାନେ ମତ ଦେଇଛନ୍ତି । ରୁଆଧାନ ଫସଲକୁ ଖେଳୁଆ ଓ ଚଟା-ବନ୍ଧି କରିବା ପୂର୍ବରୁ ପ୍ରଥମ ଦଫାରେ ଏକର ପିଛା ୧୦ କେ.ଜି. ଯବକ୍ଷାରଜାନ ୩ ସପ୍ତାହ ପରେ ୨ୟ ଦଫାରେ ଏବଂ ଥୋଡ଼ ବାହାରିବା ସମୟରେ ୩ୟ ଦଫାରେ ୫ କେ.ଜି. କରି ଯବକ୍ଷାରଜାନ ସାର ପ୍ରୟୋଗ କରିବା ଆବଶ୍ୟକ । ଧାଡ଼ିବୁଣା ଧାନ ଫସଲରେ ବୁଣିବା ପୂର୍ବରୁ ଧାଡ଼ିରେ ଏକର ପିଛା ୧୨ କେ.ଜି. ଫସ୍‌ଫରସ୍, ୧୨ କେ.ଜି. ପଟାସ୍, ୫ କେ.ଜି. ଯବକ୍ଷାରଜାନ ପ୍ରୟୋଗ କରିବାପାଇଁ

odishaarchives.nic.in

ପରାମର୍ଶ ଦିଆଯାଇଛି । ପୁଣି ବଛାବଛି ପୂର୍ବରୁ ଏକର ପିଛା ୧୦ କେ.ଜି. ଯବକ୍ଷାରଜାନ ସାର ୨ୟ ଦଫାରେ ଏବଂ ଥୋଡ଼ ବାହାରିବା ସମୟରେ ୩ୟ ଦଫାରେ ୫ କେ.ଜି. ଯବକ୍ଷାରଜାନ ସାର ଉପଯୋଗ କରିବା ଦରକାର ।

ରୁଆଧାନ ଫସଲରେ ୧୨ କେ.ଜି. ଫସ୍‌ଫରସ୍, ୧୨ କେ.ଜି. ପଟାସ୍, ୫ କେ.ଜି. ଯବକ୍ଷାରଜାନ ସାର କାଦୁଅ କଲ୍‌ବେଳେ ଉପଯୋଗ କରିବାପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ଧାନ ତଳି ରୋଇବାର ୩ୟ ସପ୍ତାହରେ ଘାସ ବଛାବଛି କରିବା ପୂର୍ବରୁ ଜମିରେ ଛୁପୁଛୁପୁକିଆ ପାଣି ରଖି ୧୦ କେ.ଜି. ଯବକ୍ଷାରଜାନ ସାର ଓ ଚଛ ଥୋଡ ବାହାରିବା ସମୟରେ ୫ କେ.ଜି. ସାର ପ୍ରୟୋଗ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଅଢେଇ ଜମିରେ ଜଳନିଷ୍କାସନ କରିବା ସମ୍ଭବପର ନୁହେଁ ସେ ଜମିରେ କାଦୁଅ କଲ୍‌ବେଳେ ଆବଶ୍ୟକ ହେଉଥିବା ସମୁଦାୟ ସାର ପ୍ରୟୋଗ କରିବା ଉଚିତ ।

ସଫଳ ରୁଆ ଓ ଆବଶ୍ୟକ ଫସଲ ସଂକ୍ଷେଣ ବ୍ୟବସ୍ଥା ଗ୍ରହଣ କରି ବିଶେଷଜ୍ଞମାନଙ୍କର ନିର୍ଦ୍ଦେଶ ମତେ ସୁଷମ ସାର ପ୍ରୟୋଗ କଲେ ଓଟିଫ ଋତୁରେ ଅଟକ ଅମଳକ୍ଷମ ଧାନଗୁଣ୍ଡର ପ୍ରସାର ଘଟି-ପାରିବ । ଆହୁରିମଧ୍ୟ ଢିପ ଓ ମଝିଆଳି ଜମିରେ ଅନ୍ୟାନ୍ୟ ଅର୍ଥକରୀ ଫସଲ କରିହେବ । ରବି ଋତୁରେ ଅଧିକ ଜମିରେ ଡାହୁଅ ଧାନ ପରିବର୍ତ୍ତେ ଗହମ, ମକା, ଆଳୁ ପ୍ରଭୃତି ଫସଲ କରିବା ସଙ୍ଗେ ସଙ୍ଗେ ସୀମିତ ଜଳସେଚନକୁ ଅଧିକ ଜମିରେ ଉପଯୋଗ କରିପାରିଲେ ସବୁଜ ବିପ୍ଳବକୁ ଆମେ ଅଧିକ ବ୍ୟାପକ ଓ ଉତ୍ପାଦିତ କରିପାରିବା ।

ଖଣିଜ ଦ୍ରବ୍ୟ ଉତ୍ତୋଳନ

ସଂପ୍ରତି ଆମ ଦେଶରେ ଖଣିଜ ଦ୍ରବ୍ୟର ଉତ୍ପାଦନ ଆନ୍ତର୍ଜାତୀୟଭାବେ ବୃଦ୍ଧି ପାଇଛି । ଆଣବିକ ଖଣିଜ ଦ୍ରବ୍ୟ ଓ ଖଣିଜ ଲବଣ ବ୍ୟତୀତ ୧୯୬୯ ମସିହାରେ ମୋଟରେ ୪୬୬ କୋଟି ଟଙ୍କା ମୂଲ୍ୟରେ ଖଣିଜ ପଦାର୍ଥ ଉତ୍ପାଦିତ ହୋଇଥିବାସ୍ଥଳେ ୧୯୭୩ ମସିହାରେ ଏହା ୫୨୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

ଆମ ଦେଶ ପ୍ରଚୁର ଖଣିଜ ସଂପଦରେ ଭରପୂର ଏବଂ ଯୋଜନାବଦ୍ଧ ଭାବେ ଏ ସମସ୍ତ ଖଣିଜ ସଂପଦର ଉତ୍ପାଦନ କଲ୍‌ଗଲେ ଆମ ଜାତୀୟ ଅର୍ଥନୀତିର ଅଭିବୃଦ୍ଧି ଦିଗରେ ଏହା ସହାୟକ ହୋଇ ପାରିବ । ବିଦେଶକୁ ଖଣିଜ ଦ୍ରବ୍ୟ ରପ୍ତାନୀ କରି ଆମ ଦେଶ ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରିଥାଏ । ତୃତୀୟ ଯୋଜନା କାଳରେ ଖଣିଜ ଦ୍ରବ୍ୟରୁ ୯୬୯ କୋଟି ଟଙ୍କା ମିଳିଥିବା ସ୍ଥଳେ ଚତୁର୍ଥ ଯୋଜନା କାଳରେ ୨୪୮୫ କୋଟି ଟଙ୍କା ମିଳିଥିଲା ।

odishaarchives.nic.in

ଜାତୀୟ ପ୍ରଗତିର ମାପକାଠି : ଗ୍ରାମ୍ୟ ରାସ୍ତା

ରାସ୍ତା ହିଁ ଅର୍ଥନୈତିକ ପ୍ରଗତିର ମାପକାଠି । ତେଣୁ ପଂଚମ ପଂଚବାର୍ଷିକ ଯୋଜନାରେ ଗ୍ରାମାଂଚଳରେ ରାସ୍ତା ନିର୍ମାଣ ଉପରେ ଅଗ୍ରାଧିକାର ଦିଆଯାଇଛି । ଏଥିପାଇଁ ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମରେ ୫୦୦ କୋଟି ଟଂକା ବ୍ୟବସ୍ଥା କରଯାଇଛି । ରାଜ୍ୟସ୍ତରୀୟ ରାସ୍ତାପାଇଁ ମୋଟ ଯେତେ ଅର୍ଥ ବ୍ୟବସ୍ଥା ହୋଇଛି ଏହା ତାର ପ୍ରାୟ ଶତକଡା ୫୦ ଭାଗ ।

ଭାରତରେ ୩୨ ଲକ୍ଷ ୭୭ ହଜାର ବର୍ଗ କିଲୋମିଟର ଅଂଚଳରେ ୫, ୬୪, ୦୦୦ ଗାଁ ଅବସ୍ଥିତ । ଏହିସବୁ ଗାଁକୁ ଯିବାଆସିବା କରିବାର ସର୍ବନିମ୍ନ ଆବଶ୍ୟକତା ଯୋଗାଇବାକୁ ହେବ । କୃଷି ଅଂଦୋଳନକୁ ସଫଳ କରି ଜାତୀୟ ବିକାଶର ଦ୍ୱାର ଉନ୍ମୁକ୍ତ କରିବାକୁ ହେଲେ ପ୍ରଥମେ ଏହି ଗ୍ରାମଗୁଡିଙ୍କର ଉନ୍ନତି ପ୍ରତି ଧ୍ୟାନ ଦେବାକୁ ହେବ ।

ଭାରତ ରାସ୍ତା ଉନ୍ନୟନ ସଂପର୍କରେ ମୁଖ୍ୟମନ୍ତ୍ରୀମାନଂକ ରିପୋର୍ଟରୁ ଜଣାପଡିଛି ଯେ ଉନ୍ନତ ଅଂଚଳରେ ପ୍ରଧାନ ରାସ୍ତାଠାରୁ ୨।୪ କିଲୋମିଟର ଦୂରରେ ଥିବା ଏବଂ ଅନୁନ୍ନତ ଅଂଚଳରେ ୮ କିଲୋମିଟର ଦୂରରେ ଥିବା ସବୁ ଗ୍ରାମକୁ ରାସ୍ତା ପକାଇବାକୁ ହେଲେ, ଦେଶରେ ୧୦,୫୭,୦୦୦ କିଲୋମିଟର ରାସ୍ତା ନିର୍ମାଣ କରିବା ଆବଶ୍ୟକ ପଡିବ । ଏଥିପାଇଁ ମୋଟ ଖର୍ଚ୍ଚ ହେବ ପ୍ରାୟ ୫୨୦୦ କୋଟି ଟଂକା । ଏହା ବହୁତ ପୁରୁଣା ହିସାବ ; ତେଣୁ ବର୍ତ୍ତମାନ ଏହି ଖର୍ଚ୍ଚ ନିଶ୍ଚିତଭାବେ ଅଧିକ ହେବ ।

ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମରେ ୧୫୦୦ ବା ତହିଁରୁ ଅଧିକ ଲୋକ ବାସ କରୁଥିବା ସବୁ ଗାଁକୁ ରାସ୍ତା ପକାଇବାର ଯୋଜନା ରହିଛି । ଏହା ବ୍ୟତୀତ ରାଜ୍ୟ ସରକାରମାନେ ବିଭିନ୍ନ ଅତିରିକ୍ତ ରାସ୍ତା ଯୋଜନା କାର୍ଯ୍ୟକାରୀ କରଇବେ ଏବଂ ତା'ଫଳରେ ୧୫୦୦ରୁ କମ୍ ଲୋକ ରହୁଥିବା ଅନେକ ଗାଁ ମଧ୍ୟ ଏହି ସୁଯୋଗ ପାଇପାରିବେ ।

odishaarchives.nic.in

ଚତୁର୍ଥ ଯୋଜନାରେ ରାସ୍ତାଘାଟର ଉନ୍ନୟନପାଇଁ ଯାହା ବ୍ୟୟ କରଯାଇଥିଲା, ତାର ଏକ-ଚତୁର୍ଥାଂଶ ଗ୍ରାମାଂଚଳ ରାସ୍ତାପାଇଁ ବ୍ୟୟ କରିବାକୁ ସ୍ଥିର ହୋଇଥିଲା ; କିନ୍ତୁ ଏ ଦିଗରେ ପ୍ରାୟ ଶତକଡା ୪୦ ଭାଗ ଅର୍ଥ ଖର୍ଚ୍ଚ କରଯାଇଛି । ଗୋଷ୍ଠୀ ଉନ୍ନୟନ ଏବଂ ଶ୍ରମଦାନ ମାଧ୍ୟମରେ ଅନେକ ଗାଁକୁ ରାସ୍ତା ନିର୍ମାଣ କରଯାଇଛି । ୧୯୫୨ଠାରୁ ୨୪ ମସିହା ମଧ୍ୟରେ ୨,୯୮,୦୦୦ କିଲୋମିଟର ରାସ୍ତା ଶ୍ରମଦାନ ଦ୍ୱାରା ନିର୍ମାଣ କରଯାଇଛି ବୋଲି ହିସାବରୁ ଜଣାପଡ଼ିଛି ।

ଦେଶରେ ସବୁଜ ବିପ୍ଳବ ବ୍ୟାପକ ହେଉଥିବା ବେଳେ ଗ୍ରାମ୍ୟ ରାସ୍ତାର ଗୁରୁତ୍ୱ ବୃଦ୍ଧି ପାଇଛି । ଆଜି ଏହି ଦିଗପ୍ରତି ଅବହେଳା ପ୍ରଦର୍ଶନ କରିବା ଅର୍ଥ, ଭାରତୀୟ କୃଷିକୁ ଆମେ ଅବହେଳା କରୁଛୁ ଏବଂ ତଦ୍ଦ୍ୱାରା ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳତା ହାସଲ ବ୍ୟାହତ ହେବ ।

ରାସ୍ତା ଉନ୍ନୟନ ଫଳରେ ଗ୍ରାମାଂଚଳର ଉନ୍ନତି ହେବା ସଂଗେ ସଂଗେ କୃଷକମାନେ ଅଧିକ ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବେ । ଗାଁ ହାଟଗୁଡ଼ିକ ବଢ଼ି ବଢ଼ି ସବୁଦିନିଆ ବଜାରରେ ପରିଣତ ହେବ । ଗ୍ରାମାଞ୍ଚଳର ବିକାଶ ଘଟିଲେ ବିଜୁଳି ଆଲୁଅ ଯିବା ସୁବିଧା ହେବ । ଷ୍ଟୁଡ଼ିଓମାନ ଗଢ଼ିଉଠିବ । ତେଣୁ ରାସ୍ତା ସୁବିଧା ନ କଲେ ସବୁଜ ବିପ୍ଳବ ଏବଂ ଗ୍ରାମାଞ୍ଚଳ ବିଦ୍ୟୁତିକରଣ ଯୋଜନା ଆଦି ଅଧାପନ୍ତିଆ ହୋଇ ରହିଯିବ ।

ପ୍ରଶଂସନୀୟ ଉଦ୍ୟମ

ଋଷିପୁରର ଶ୍ରୀ ହରେକୃଷ୍ଣ ମହାପାତ୍ର ଜାହାରି ଉପରେ ନିର୍ଭର ନ କରି ନିଜ ଉଦ୍ୟମରେ ଏକ ମୋଟର ବୋଟର ମାଲିକ ହେବା ସଙ୍ଗେ ସଙ୍ଗେ ଅକ୍ଟେଶରେ ନିଜର ଭର୍ମ ସଂସ୍ଥାନ କରି ପାରିଛନ୍ତି । . .

ଶ୍ରୀ ମହାପାତ୍ର ପ୍ରଥମେ ବହୁ କଷ୍ଟରେ ଗୋଟିଏ ପୁରୁଣା ମୋଟର ଇଞ୍ଜିନ୍ ଯୋଗାଡ଼ କରି ତାକୁ ମରମତ କରି ଗୋଟିଏ ବୋଟରେ ଲଗାଇଲେ । ଏ ଦିଗରେ ତାଙ୍କୁ ପ୍ରାୟ ଦଶ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା । ମୋଟର ବୋଟର ବ୍ୟବସ୍ଥା ହେବାପରେ ଦୁଇ ହଜାର ଟଙ୍କାରେ ଗୋଟିଏ ନାଇଲନ୍ ଜାଲ ବି ଖରିଦ କଲେ । ଅବଶ୍ୟ ଏହି ଅର୍ଥସଂଗ୍ରହ ଦିଗରେ ତାଙ୍କର ପୂର୍ବତନ ମାଲିକ ବହୁତ ସାହାଯ୍ୟ କରିଥିଲେ ।

ଶ୍ରୀ ମହାପାତ୍ର ବର୍ତ୍ତମାନ ଋଷିପୁର ସମୁଦ୍ରରୁ ନିଜ ବୋଟ ସାହାଯ୍ୟରେ ମାଛ-ଧରି ବାବଦିକ ପ୍ରାୟ ୨୦,୦୦୦ ଟଙ୍କା ଆୟ କରୁଛନ୍ତି । ଇତିମଧ୍ୟରେ ସେ ତାଙ୍କର ପୂର୍ବତନମସ୍ତ ଋଣ ପରିଶୋଧ କରି ସାରିଲେଣି । ଆମର ଶିକ୍ଷିତ ଯୁବକମାନେ ଶ୍ରୀ ମହାପାତ୍ରଙ୍କ ଆତ୍ମନିର୍ଭରଶୀଳତା ପ୍ରଚେଷ୍ଟାରୁ ଯଥେଷ୍ଟ ପ୍ରେରଣା ପାଇ ପାରିବେ ।

ଛୋଟ ତଥା ଅତିଛୋଟ ଚାଷୀଙ୍କ ପାଇଁ ନୂତନ ସୁଯୋଗ

ଏମ୍. ଏ. କ୍ୟୁରେଶି
କେନ୍ଦ୍ର ଗୋଷ୍ଠୀ ଉନ୍ନୟନ ଏବଂ ସମବାୟ ବିଭାଗ
ସେକ୍ରେଟେରୀ

odishaarchives.nic.in

ଭାରତରେ ଶ୍ରମଶକ୍ତିର ଶତକଡା ୭୫ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ । ଦେଶରେ ଥିବା କୃଷୀ ଜମିଗୁଡ଼ିକ ଖୁବ୍ ଛୋଟ ଅର୍ଥାତ୍ ଶତକଡ଼ା ୬୨ ଭାଗର ଆକାର ହେଉଛି ଦୁଇ ହେକ୍ଟର କିମ୍ବା ତା'ଠାରୁ କମ୍ । ତେଣୁ ଗ୍ରାମାଞ୍ଚଳର ବେଶିଭାଗ ଲୋକ କୃଷି କାର୍ଯ୍ୟରେ ନିଯୁକ୍ତ ଥିଲେହେଁ ସେମାନେ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ।

ଆଧୁନିକ କୃଷିପ୍ରଣାଳୀ ଦ୍ୱାରା ଜମିରେ ରାସାୟନିକ ସାର ଆଦିର ଉପଯୋଗ ଫଳରେ ଏହି ଦୁର୍ବଳ ଶ୍ରେଣୀର ଅର୍ଥନୈତିକ ଉନ୍ନତି ସମ୍ଭବ । କ୍ଷୁଦ୍ର ତଥା ନାମମାତ୍ର କୃଷୀ ଏବଂ କୃଷି ଶ୍ରମିକମାନେ ଯେଉଁଭଳି ଦେଶର ବିକାଶ ସହିତ ତାଳଦେଇ ଗତି କରିପାରିବେ ସେହି ଉଦ୍ଦେଶ୍ୟରେ ଚତୁର୍ଥ ଯୋଜନାରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଲକ୍ଷ୍ୟ ହାସଲପାଇଁ କ୍ଷୁଦ୍ର କୃଷୀମାନଙ୍କ ପାଇଁ ଗୋଟିଏ ଯୋଜନା ଏବଂ ନାମମାତ୍ର କୃଷୀ ତଥା କୃଷି ଶ୍ରମିକମାନଙ୍କ ପାଇଁ ଆଉ ଗୋଟିଏ ଯୋଜନା କାର୍ଯ୍ୟକାରୀ ହୋଇଆସୁଛି ।

ନୂତନ ଯୋଜନା

ଉକ୍ତ ଯୋଜନା ଆରମ୍ଭ ହୋଇଥିଲା ୧୯୬୯ରେ ଏବଂ ସେହି ବର୍ଷ ଗଢ଼ୀ ତଥା ଜିଲ୍ଲା କର୍ତ୍ତୃପକ୍ଷ-ମାନେ ଯୋଜନାର ବିଶଦ ବିବରଣୀ ପ୍ରସ୍ତୁତ କରିଥିଲେ । ୧୯୭୧-୭୨ ବେଳକୁ ସବୁଯାକ ସଂସ୍ଥାରେ କାମ ଆରମ୍ଭ ହୋଇଥିଲା । ଦେଶରେ ହଂପ୍ରତି ୪୬ଟି କ୍ଷୁଦ୍ରକୃଷୀ ଉନ୍ନୟନ ସଂସ୍ଥା ଏବଂ ୪୧ଟି କୃଷୀ ତଥା କୃଷି ଶ୍ରମିକ ସଂସ୍ଥା ରହିଛି ।

ପ୍ରତ୍ୟେକ କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥାପାଇଁ ଦେଢ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରଯାଇଛି । ଏକରୁ ତିନି ହେକ୍‌ଟର ପର୍ଯ୍ୟନ୍ତ ଜମି ଥିବା ପ୍ରାୟ ୫୦ ହଜାର କୃଷୀ ଏଭଳି ସଂସ୍ଥାଦ୍ୱାର ଉପକୃତ ହୋଇପାରୁଛନ୍ତି । ପ୍ରତ୍ୟେକ ନାମମାତ୍ର କୃଷୀ ତଥା କୃଷି ଶ୍ରମିକ ସଂସ୍ଥା ୫ ହଜାର କୃଷି ଶ୍ରମିକଙ୍କ ସେବାରେ ଲାଗୁଛି ଏବଂ ପ୍ରତ୍ୟେକଟିପାଇଁ ଏକ କୋଟି ଟଙ୍କାର ଅଟକଳ ପ୍ରସ୍ତୁତ କରଯାଇଛି । ଜମି ଉନ୍ନୟନ, ମୃତ୍ତିକା ସଂରକ୍ଷଣ, କ୍ଷୁଦ୍ର ଜଳସେଚନ, ଫଳକୃଷ ତଥା କୁକୁଡ଼ା, ଘୁଷୁରି ଓ ଗୋପାଳନ ଆଦି କାର୍ଯ୍ୟରେ କୃଷୀମାନଙ୍କୁ ଉକ୍ତ ସଂସ୍ଥା ଦୁଇଟି ପକ୍ଷରୁ ସହାୟତା କରଯାଉଛି ।

କ୍ଷୁଦ୍ର କୃଷୀ ଉନ୍ନୟନ

ବିଭିନ୍ନ କାର୍ଯ୍ୟକ୍ରମରେ ସହାୟତା କରିବାପାଇଁ କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥା ପକ୍ଷରୁ ୧୮ ଲକ୍ଷ ୩୮ ହଜାର କ୍ଷୁଦ୍ର କୃଷୀ ଏବଂ ୮ ଲକ୍ଷ ୨୫ ହଜାର ନାମମାତ୍ର କୃଷୀଙ୍କୁ ଚିହ୍ନଟ କରଯାଇଛି । ଏମାନଙ୍କ ମଧ୍ୟରୁ ୧୪ ଲକ୍ଷ ୭୦ ହଜାର କୃଷୀ ସମବାୟ ସମିତିଗୁଡ଼ିକଦ୍ୱାର ଉପକୃତ ହେଉଛନ୍ତି । ଚିହ୍ନଟ କରଯାଇଥିବା କୃଷୀମାନଙ୍କ ମଧ୍ୟରୁ ଏ ଯାବତ୍ ୮ ଲକ୍ଷ ୭୭ ହଜାର କୃଷୀ ଉନ୍ନତ କୃଷି ପ୍ରଣାଳୀ ଏବଂ ୪ ଲକ୍ଷ ୭୧ ହଜାର କୃଷୀ ଜଳସେଚନ ତଥା ପଶୁପାଳନ ଯୋଜନାଦ୍ୱାର ଉପକୃତ ହେଉଛନ୍ତି ।

୧୯୭୪ ବର୍ଷ ଶେଷ ସୁଦ୍ଧା କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥା ଉଦ୍ୟମରେ ୯୫,୧୦୭ଟି କୂପ ଓ ନଳକୂପ, ୨୮,୫୨୦ଟି ପମ୍ପସେଟ୍, ୨୭,୩୧୨ଟି କ୍ଷୁଦ୍ର ଜଳସେଚନ ଯୋଜନା ନିର୍ମାଣ ସଙ୍ଗେ ସଙ୍ଗେ ୪୪,୦୪୫ଟି ଗୋପାଳନ କେନ୍ଦ୍ର, ୫,୦୪୭ଟି କୁକୁଡା ପାଳନ କେନ୍ଦ୍ର ତଥା ୧୦,୯୪୩ଟି ଛାଗ ଓ ଘୁଷୁରି ପାଳନ କେନ୍ଦ୍ର ପ୍ରତିଷ୍ଠା କରଯାଇଛି । ଏହିସବୁ କାର୍ଯ୍ୟପାଇଁ ଯୋଜନା ଆରମ୍ଭରୁ ସମବାୟ ସମିତିଗୁଡ଼ିକ ପକ୍ଷରୁ ୪୨ କୋଟି ୨୫ ଲକ୍ଷ ଟଙ୍କା ଏବଂ ବ୍ୟବସାୟିକ ବ୍ୟାଙ୍କଗୁଡିକ ପକ୍ଷରୁ ୫ କୋଟି ୯୩ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ଦେଶର ୪୬ଟି କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥାକୁ ୨୭ କୋଟି ୫୨ ଲକ୍ଷ ଟଙ୍କା ଗ୍ରାଣ୍ଟ୍ ସାହାଯ୍ୟ ବାବଦରେ ଦିଆଯାଇଛି ।

ନାମମାତ୍ର କୃଷୀ ତଥା କୃଷି ଶ୍ରମିକ

୧୯୭୪ ମାର୍ଚ୍ଚ ଶେଷ ସୁଦ୍ଧା ନାମମାତ୍ର କୃଷୀ ତଥା କୃଷି ଶ୍ରମିକ ସଂସ୍ଥା ପକ୍ଷରୁ ୯ ଲକ୍ଷ ୬୨ ହଜାର ନାମମାତ୍ର କୃଷୀ ତଥା ୨ ଲକ୍ଷ ୯୮ ହଜାର କୃଷି ଶ୍ରମିକଙ୍କୁ ଚିହ୍ନଟ କରଯାଇଛି । ଏଥିରୁ ୪ ଲକ୍ଷ ୮୬ ହଜାର ଜଣ ସମବାୟ ସମିତି ପରିସରଭୁକ୍ତ । ଚିହ୍ନଟ କରଯାଇଥିବା କୃଷୀମାନଙ୍କ

odishaarchives.nic.in

ମଧ୍ୟରୁ ୩ ଲକ୍ଷ ୫୮ ହଜାର ଜଣ ଉନ୍ନତ କୃଷିପ୍ରଣାଳୀ ଏବଂ ୨ ଲକ୍ଷ ୫୬ ହଜାର ଜଣ ଜଳସେଚନ ତଥା ଅନ୍ୟାନ୍ୟ ସହାୟକ ଧନ୍ଦାଦ୍ୱାରା ଉପକୃତ ହୋଇଛନ୍ତି ।

ଉକ୍ତ ସଂସ୍ଥା ୧୪,୫୦୦ କୂପ ଓ ନଳକୂପ, ୬,୨୧୧ ପମ୍ପସେଟ୍, ୯୮୬ କ୍ଷୁଦ୍ର ଜଳସେଚନ ଯୋଜନା, ୩୩,୫୪୪ ଗୋ-ପାଳନ କେନ୍ଦ୍ର, ୩୩୦୬ କୁକୁଡ଼ା ପାଳନ କେନ୍ଦ୍ର ତଥା ୧୩,୯୩୬ ଅନ୍ୟାନ୍ୟ ପଶୁପାଳନ କେନ୍ଦ୍ର ପ୍ରତିଷ୍ଠାରେ କୃଷୀମାନଙ୍କୁ ସହାୟତା କରିଛି । ଏହିସବୁ କାର୍ଯ୍ୟପାଇଁ ସମବାୟ ସମିତିଗୁଡ଼ିକ ଯୋଜନା ଆରମ୍ଭରୁ ୮ କୋଟି ୭୦ ଲକ୍ଷ ଟଙ୍କା ଏବଂ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ୪ କୋଟି ୭୨ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି ।

ପଞ୍ଚମ ଯୋଜନା କାର୍ଯ୍ୟକ୍ରମ

ପଞ୍ଚମ ଯୋଜନା କାଳରେ କ୍ଷୁଦ୍ର ତଥା ନାମମାତ୍ର କୃଷୀ ଏବଂ କୃଷି ଶ୍ରମିକମାନଙ୍କପାଇଁ କେଉଁ କେଉଁ କାର୍ଯ୍ୟ ହାତକୁ ନିଆଯିବ ସେ ସମ୍ପର୍କରେ ଜାତୀୟ କୃଷି କମିଶନ୍ କେତେକ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଦେଇଛନ୍ତି । ଏହି ରିପୋର୍ଟ ତଥା ଚତୁର୍ଥ ଯୋଜନା କାଳରେ ଉକ୍ତ ସଂସ୍ଥାର କାର୍ଯ୍ୟକ୍ରମ ଦେଶର ୧୬୦ଟି ଜିଲ୍ଲାକୁ ପରିବ୍ୟାପ୍ତ କରିବାପାଇଁ ନିଷ୍ପତ୍ତି ନିଆଯାଇଛି । କ୍ଷୁଦ୍ର ତଥା ନାମମାତ୍ର କୃଷୀ ସଂସ୍ଥା ମଧ୍ୟରେ ଥିବା ପ୍ରଭେଦ ଉଠାଇ ଦିଆଯାଇ ମିଳିତ ସଂସ୍ଥା ଗଠନ କରାଯିବ ଏବଂ ଏହି ସଂସ୍ଥାର ନାମ ହେବ "କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥା" । ସଘନ କୃଷି, ବିଭିନ୍ନ ଫସଲ କୃଷ, ଅଧିକ ଅମଳକ୍ଷମ ଫସଲ କୃଷ, କ୍ଷୁଦ୍ର ଜଳସେଚନ, ଜମି ଉନ୍ନୟନ, ମୃତ୍ତିକା ସଂରକ୍ଷଣ ଏବଂ ନିପାଣିଆ କୃଷ ଆଦି ଅନ୍ତର୍ଭୁକ୍ତ ହେବ । ପ୍ରତ୍ୟେକ ସଂସ୍ଥା ଗୋଟିଏ ଜିଲ୍ଲାରେ କାର୍ଯ୍ୟକାରୀ ହେବ ଏବଂ ଏହାଦ୍ୱାରା ୫୦ ହଜାର ଚାଷୀ ଯେଭଳି ଉପକୃତ ହୁଅନ୍ତି ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ।

———

odishaarchives.nic.in

ପଞ୍ଚବାର୍ଷିକ ଯୋଜନାରେ କୃଷିର ଅଗ୍ରଗତି

	ଯୋଜନା ପୂର୍ବରୁ (୫୦-୫୧)	୧ମ ପଞ୍ଚବାର୍ଷିକ ଯୋଜନା (୫୫-୫୬)	୨ୟ ପଞ୍ଚବାର୍ଷିକ ଯୋଜନା (୬୦-୬୧)	୩ୟ ପଞ୍ଚବାର୍ଷିକ ଯୋଜନା (୬୫-୬୯)	୪ର୍ଥ ପଞ୍ଚବାର୍ଷିକ ଯୋଜନା (୭୩-୭୪) ଅସ୍ଥାୟୀ	୫ମ ପଞ୍ଚବାର୍ଷିକ ଯୋଜନା (୭୮-୭୯) ଅଙ୍କଳନ ଲକ୍ଷ୍ୟ
ଖାଦ୍ୟଶସ୍ୟ (ଲକ୍ଷ ଟନ)	୭୦.୬୬	୭୫.୩୬	୪୦.୭୮	୪୯.୭୪	୫୫.୦୧	୭୦.୦୦
ତୈଳବୀଜ (ଲକ୍ଷ ଟନ)	୦.୬୧	୦.୬୫	୧.୭୮	୧.୫୯	୨.୭୭	୪.୮୭
ଖୋଳ ଏବଂ ମେସ୍ତା (ଲକ୍ଷ ଗାଣ୍ଠି)	୨.୪୬	୨.୮୯	୩.୦୩	୪.୫୧	୫.୯୭	୭.୩୮
ଆଖୁ (ଲକ୍ଷ ଟନ) (ଗୁଡ଼ ଆକାରରେ)	୧.୧୦	୦.୯୪	୦.୭୪	୨.୦୦	୨.୫୯	୩.୦୦

କୃଷି ନିର୍ଦ୍ଦେଶାଳୟ

ଓଡ଼ିଶା, ଭୁବନେଶ୍ୱର

odishaarchives.nic.in

ORISSA STATE ARCHIVES
Sl. No. ..... Date .....
Section ..... No. .....

ରପ୍ତାନି ବାଣିଜ୍ୟର ସଫଳତା ଓ ସମ୍ଭାବନା

ଅଧ୍ୟାପକ ଡି. ପି. ଚଟୋପାଧ୍ୟାୟ
କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ

କୌଣସି ଦେଶର ବାଣିଜ୍ୟ ଏହାର ଉତ୍ପାଦନ ପଦ୍ଧତିର ସଫଳତା ତଥା କାର୍ଯ୍ୟଦକ୍ଷତାର ପ୍ରମାଣ । ଗୋଟିଏ ପକ୍ଷରେ ବ୍ୟବସାୟ ବାଣିଜ୍ୟ ଓ ଅନ୍ୟ ପକ୍ଷରେ ଉତ୍ପାଦନ ଏବଂ ଏହି ଦୁଇ ବ୍ୟବସାୟର ପରସ୍ପର ଉପରେ କ୍ରିୟା ପ୍ରତିକ୍ରିୟା ଦ୍ୱାରା ଦେଶର ଅର୍ଥନୈତିକ ଉନ୍ନୟନ ତଥା ଅଭିବୃଦ୍ଧି ସମ୍ଭବ ହୁଏ । ଗତ କେତେବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତି ଉପରେ ପ୍ରବଳ ଚାପ ପଡିଛି । ବିଦ୍ୟୁତ୍ ସଙ୍କଟ ଓ କଞ୍ଚାମାଲ ଅଭାବ ସମେତ ବିଭିନ୍ନ ଅଭାବ ଅସୁବିଧା ଉତ୍ପାଦନ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି । ପ୍ରତିରକ୍ଷା, ରିଲିଫ କାର୍ଯ୍ୟ ଓ ପଡୋଶୀ ଦେଶଗୁଡିକୁ ସାହାଯ୍ୟ ଯୋଗାଇଦେବା ବାବଦରେ ଅଯଥାନକ ଖର୍ଚ୍ଚ ବୃଦ୍ଧି ପାଇଥିବାରୁ ସାଂପ୍ରତିକ ମୁଦ୍ରାସ୍ଫୀତି ପରିସ୍ଥିତିର ଉଦ୍‌ଭବ ହୋଇଛି । ଏହି ପୃଷ୍ଠା-ଭୂମିରେ ଆମର ଗତ ଦୁଇ ବର୍ଷର ରପ୍ତାନି ଆକର୍ଷଣୀୟ ନ ହେଲେ ମଧ୍ୟ ଉତ୍ସାହଜନକ ହୋଇ ପାରିଛି ।

୧୯୭୩-୭୪ରେ ଆମ ଦେଶରୁ ୨,୪୫୬ କୋଟି ଟଙ୍କାର ସାମଗ୍ରୀ ବିଦେଶକୁ ରପ୍ତାନି ହୋଇଛି । ଏହା ପୂର୍ବବର୍ଷଠାରୁ ୪୯୫ କୋଟି ଟଙ୍କା ଅର୍ଥାତ୍ ଶତକଡା ୨୫ଭାଗ ବେଶି । ଚତୁର୍ଥ ଯୋଜନା କାଳରେ ସର୍ବମୋଟ ୮,୯୨୩ କୋଟି ଟଙ୍କାର ଦ୍ରବ୍ୟ ରପ୍ତାନି ହୋଇଛି । ଯୋଜନାର ଧାର୍ଯ୍ୟ ଲକ୍ଷ୍ୟଠାରୁ ଏହା ଶତକଡା ୮ ଭାଗ ବେଶି ।

odishaarchives.nic.in

ଉତ୍ପାଦନ ତଥା ଜାହାଜ ଚଳାଚଳଜନିତ ବିଭିନ୍ନ ଅସୁବିଧା ସତ୍ତ୍ୱେ ଉପରୋକ୍ତ ରପ୍ତାନି ବୃଦ୍ଧି ଘଟିଛି । ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତି ପରିସ୍ଥିତି ଆମ ରପ୍ତାନିପାଇଁ ସହାୟକ ହୋଇଛି । ଏହି ପରିସ୍ଥିତିରେ ଆମେ ଆମ ରପ୍ତାନି ଦ୍ରବ୍ୟରୁ ଅଧିକା ବୈଦେଶିକ ମୁଦ୍ରା ଆୟ କରି ତା'କୁ ଆମଦାନି କରଯାଉଥିବା ଖାସାୟନିକ ସାର, ତୈଳ ଓ ତୈଳଜାତ ଦ୍ରବ୍ୟ, ଖାଦ୍ୟଶସ୍ୟ ଏବଂ ବିଭିନ୍ନ ପ୍ରକାର କଞ୍ଚାମାଲପାଇଁ ଆବଶ୍ୟକୀୟ ଦେୟରେ ଉରଣ କରିପାରିବା ।

୧୯୭୩-୭୪ ବର୍ଷ କେତେକ ଅଣ-ପାରମ୍ପରିକ ସାମଗ୍ରୀ ନୂଆ ନୂଆ ଦେଶକୁ ରପ୍ତାନି କରଯାଇ ପାରିଛି । ଏହି ସାମଗ୍ରୀ ମଧ୍ୟରେ ସମୁଦ୍ରଜାତ ଦ୍ରବ୍ୟ, ଶୋଧିତ ଚମଡା, ଇଞ୍ଜିନିୟରିଂ ଯନ୍ତ୍ରପାତି, କଫି, ଚିନି, ମୂଲ୍ୟବାନ ପଥର ଓ ପ୍ରସ୍ତୁତିଲ୍ପ ଦ୍ରବ୍ୟର ରପ୍ତାନିରେ ଉନ୍ନତି ପରିଲକ୍ଷିତ ହୋଇଛି । ଭାରତୀୟ ଦ୍ରବ୍ୟର ରପ୍ତାନି ଜାପାନକୁ ଶତକଡା ୫୯ଭାଗ, ଉତ୍ତର ଆମେରିକାକୁ ଶତକଡା ୧୫ଭାଗ ଓ ପୂର୍ବ ୟୁରୋପୀୟ ଦେଶମାନଙ୍କୁ ଶତକଡା ୪ଭାଗ ବୃଦ୍ଧି ପାଇଛି ।

ଗତ ଦୁଇ ବର୍ଷ ମଧ୍ୟରେ ଆମ ଦେଶର ରପ୍ତାନି ବାଣିଜ୍ୟ ବୃଦ୍ଧି ପାଇଥିଲେ ମଧ୍ୟ ଏହାର ଅଭିବୃଦ୍ଧି ହାର ଇକାଫେ ଅଞ୍ଚଳର ବହୁ ବିଜ୍ଞାଶଶୀଳ ଦେଶଠାରୁ କମ୍ । ରପ୍ତାନି କ୍ଷେତ୍ରରେ ଅଭିବୃଦ୍ଧି ହାର ହାସଲ କରିବାକୁ ହେଲେ ଦ୍ରୁତ ଗତିରେ ବିଦ୍ୟୁତ ଓ ଶକ୍ତି ସଙ୍କଟ ମେଣ୍ଟାଇବା ସଙ୍ଗେ ସଙ୍ଗେ କଞ୍ଚାମାଲ ଅଭାବ ଏବଂ ପରିବହନ ଓ ଜାହାଜ ଚଳାଚଳ ଅସୁବିଧା ଦୂର କରିବାକୁ ପଡିବ । କୃଷି ଓ ଶିଳ୍ପ କ୍ଷେତ୍ରରେ ସମୟବଦ୍ଧ ଯୋଜନା କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି । ଶିଳ୍ପକ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ସର୍ବାଦୌ ପ୍ରୟୋଜନ ।

କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ ବୈଦେଶିକ ବାଣିଜ୍ୟ ପ୍ରତିଷ୍ଠାନ ଏବଂ ଉନ୍ନୟନ ସଂସ୍ଥାଗୁଳି ବିଭିନ୍ନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ରପ୍ତାନି ସଂପର୍କରେ କ୍ରମାଗତ ଅନୁଧ୍ୟାନ କରଯାଉଛି । ରପ୍ତାନି ଦୃଷ୍ଟିକୋଣରୁ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଥିବା ରାଷ୍ଟ୍ରୀୟ ବାଣିଜ୍ୟ କର୍ପୋରେସନ ଓ ଖଣିଜ ତଥା ଧାତବ ବାଣିଜ୍ୟ କର୍ପୋରେସନରେ ଆବଶ୍ୟକୀୟ ପରିବର୍ତ୍ତନ ମଧ୍ୟ କରଯାଉଛି । ଆଜି ଆମର ପ୍ରଥମ ଆବଶ୍ୟକତା ହେଉଛି ଜାତୀୟ ଅଗ୍ରଗତି ଉଦ୍ଦେଶ୍ୟରେ ଉତ୍ପାଦନ ତଥା ରପ୍ତାନି ଲକ୍ଷ୍ୟ ହାସଲପାଇଁ ଅର୍ଥନୈତିକ ବ୍ୟାପାର ସହିତ ସଂପୃକ୍ତ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟ ସ୍ଥାପନ ।

odishaarchives.nic.in

ଭାରତରେ ପରିବାର ନିୟୋଜନର ମୌଳିକ ନୀତି

ଡ. କରଣ ସିଂହ
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ ମନ୍ତ୍ରୀ

ଆଜି ଦେଶ ଆଗରେ ସବୁଠାରୁ ବଡ ସମସ୍ୟା ହେଉଛି ଦାରିଦ୍ର୍ୟ । ଏହି ସମସ୍ୟାର ସମାଧାନ ପାଇଁ ଯେ କୌଣସି ଯୋଜନା ବା କାର୍ଯ୍ୟକଳାପର ଗୁରୁତ୍ୱ ରହିଛି । ଏହି ପରିପ୍ରେକ୍ଷୀରେ ଭାରତରେ ଜନସଂଖ୍ୟା ଓ ପରିବାର ନିୟୋଜନ ସଂକ୍ରାନ୍ତ ପ୍ରଶ୍ନର ବିଶ୍ଳେଷଣ କରଯିବା ଉଚିତ ।

ଆମ ଜନସଂଖ୍ୟା ବୃଦ୍ଧିପାଇଁ ଦାରିଦ୍ର୍ୟ ହିଁ ମୁଖ୍ୟତଃ ଦାୟୀ । ଦେଖାଯାଇଛି ଯେ ଜନସାଧାରଣଙ୍କ ଜୀବନଧାରଣର ମାନ ବୃଦ୍ଧି ଘଟିଲେ ଜନସଂଖ୍ୟା ବୃଦ୍ଧି ହଠାତ୍ ହ୍ରାସ ପାଏ । ତେଣୁ ଅଧିକ ଜନସଂଖ୍ୟା ଆମ ଦାରିଦ୍ର୍ୟର ହେତୁ, ଆମେ ଏଥିରେ ଏକମତ ନୋହୁଁ ।

କୌଣସି ଦେଶରେ କେତେ ସଂଖ୍ୟାରେ ଲୋକ ରହିବା ଆବଶ୍ୟକ ତାହା ଦେଶର ବହୁ ଅର୍ଥନୈତିକ ତଥା ସାମାଜିକ କାରଣ ଉପରେ ନିର୍ଭର କରେ । ଏଥିରୁ ମୁଖ୍ୟ କାରଣ ହେଲା, ଉତ୍ପାଦନ ପରିସ୍ଥିତି ତଥା ଆଧୁନିକ ପ୍ରଯୁକ୍ତି ବିଦ୍ୟାର ସ୍ଥାନ । ଏହିସବୁ ଦୃଷ୍ଟିରୁ ବିଶ୍ଳେଷଣ କଲେ ନିଃସନ୍ଦେହରେ କୁହାଯାଇପାରେ ଯେ ଭାରତରେ ସଂପ୍ରତି ଯେଉଁ ହାରରେ ଜନସଂଖ୍ୟା ବୃଦ୍ଧି ଘଟୁଛି ତାହା ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଛି ।

ପରିବାର ନିୟୋଜନ ପ୍ରତି ସାଂପ୍ରତିକ ଆଭିମୁଖ୍ୟ କେତୋଟି ମୌଳିକ ନୀତିଦ୍ୱାରା ପରିଚାଳିତ । ଦେଶର ସମସ୍ତ ଦୁଃଖଦୁର୍ଦ୍ଦଶା ଯେ ପରିବାର ନିୟୋଜନରୂପକ ଯାଦୁକରୀ ମହୌଷଧିଦ୍ୱାରା ଦୂର କରଯାଇପାରିବ ତାହା ନୁହେ ; କିନ୍ତୁ ପଞ୍ଚମ ଯୋଜନା କାଳରେ ଦାରିଦ୍ର୍ୟ ବିରୁଦ୍ଧରେ ବ୍ୟାପକ ସଂଗ୍ରାମପାଇଁ ଯେଉଁସବୁ ଶକ୍ତି ଆବଶ୍ୟକ, ପରିବାର ନିୟୋଜନ ତା'ର ଏକ ମୁଖ୍ୟ ଅସ୍ତ୍ର । ତେଣୁ ଇତିହାସର ଏକ ବିଷମ ମୁହୂର୍ତ୍ତରେ ଆମେ ସାମାଜିକ ତଥା ଅର୍ଥନୈତିକ ସମସ୍ୟାର ସମ୍ମୁଖୀନ ହୋଇଛୁ । ତା'ର ସମାଧାନପାଇଁ ଏହା ସମଗ୍ରିକ ଆଭିମୁଖ୍ୟ ହେବା ଆବଶ୍ୟକ ।

ପରିବାର ନିୟୋଜନକୁ ଏକକ ସମସ୍ୟା ଭାବରେ ଆଉ ବିବେଚନା କରଯାଇ ପାରିବ ନାହିଁ । ସ୍ୱାସ୍ଥ୍ୟ ତଥା ପୁଷ୍ଟି କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ ଏହା ଯେଭଳି ଗ୍ରାମ ତଥା ବସ୍ତି ଅଞ୍ଚଳରେ

odishaarchives.nic.in

ବସବାସ କରୁଥିବା ବିପୁଳସଂଖ୍ୟକ ଜନତା ପାଖରେ ପହଞ୍ଚି ସେଥିପ୍ରତି ସଚେଷ୍ଟ ହେବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ପଞ୍ଚମ ଯୋଜନାରେ ନିମ୍ନତମ ଆବଶ୍ୟକତାଭିତ୍ତିକ କାର୍ଯ୍ୟକ୍ରମର ଯଥେଷ୍ଟ ଗୁରୁତ୍ୱ ରହିଛି । ଏହାର ସଫଳତାପାଇଁ ପ୍ରଶାସନିକ, ତାଲିମ ତଥା ସାଂଗଠନିକ ବ୍ୟବସ୍ଥା ସୁସଂଗଠିତ ହେବା ଆବଶ୍ୟକ ।

ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ସ୍ଥାପନର ଆଉ ଗୋଟିଏ ଦିଗ ହେଲା ପରିବାର ନିୟୋଜନକୁ ସରକାରୀ ଯୋଜନା ମଧ୍ୟରେ ସୀମାବଦ୍ଧ ନ ରଖି ଜନଆନ୍ଦୋଳନରେ ପରିଣତ କରିବା । ଏଥିପାଇଁ ଆବଶ୍ୟକ ନୂତନ ଧରଣର ଏକ ପ୍ରୋତ୍ସାହନ । ଏଥିରେ ରାଜ୍ୟ ସରକାର, ଗ୍ରାମ ପଞ୍ଚାୟତ ସମେତ ସ୍ଥାୟୀ ଶାସନ ଅନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ସକ୍ରିୟ ଭାବରେ ସଂପୃକ୍ତ ହେବାଲାଗି ଆଗେଇ ଆସିବା ଉଚିତ ।

ଗତ ଦଶ ବର୍ଷ ମଧ୍ୟରେ ପରିବାର ନିୟୋଜନ ପ୍ରସ୍ତାବପାଇଁ ଯାହା କରଯାଇଛି ମୁଖ୍ୟତଃ ସେଗୁଡିକ ସହରାଞ୍ଚଳ ମଧ୍ୟରେ ଆବଦ୍ଧ ରହିଛି । ପଞ୍ଚମ ଯୋଜନା କାଳରେ ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଭାବରେ ହାତକୁ ନିଆଯିବା ଉଚିତ ।

ପରିବାର ନିୟୋଜନ ସଂକ୍ରାନ୍ତ ଯେ କୌଣସି କାର୍ଯ୍ୟକ୍ରମରେ ମହିଳାଙ୍କ ଭୂମିକା ନିହାତି ଗୁରୁତ୍ୱପୂର୍ଣ୍ଣ । ସାଂବିଧାନିକ ପ୍ରତିଶ୍ରୁତି ଛଡା ସାମାଜିକ ତଥା ଶିକ୍ଷାଗତ ପଦକ୍ଷେପ ମଧ୍ୟ ଏ କ୍ଷେତ୍ରରେ ଯଥେଷ୍ଟ ସହାୟକ ହୋଇପାରିବ । ଜନସଂଖ୍ୟା ବୃଦ୍ଧି ରୋକିବା ସଙ୍ଗେ ସଙ୍ଗେ ସମାଜରେ ମହିଳାଙ୍କ ସ୍ଥାନ ସୁରକ୍ଷିତ କରିବାରେ ଯେଉଁ ପଦକ୍ଷେପଟି ସହାୟକ ହୋଇପାରିବ ତାହା ହେଲା; ଝିଅମାନଙ୍କ ବୟସ ବାଳିକାମାନଙ୍କ କ୍ଷେତ୍ରରେ ୧୮ ଓ ବାଇକମାନଙ୍କ କ୍ଷେତ୍ରରେ ୨୧ ବର୍ଷକୁ ବଢାଇ ଦେବା । ଏ ସଂକ୍ରାନ୍ତ ଆଇନ ଯେଭଳି କଡାକଡି ଭାବରେ କାର୍ଯ୍ୟକାରୀ ହୁଏ ତାହା ଦେଖିବା ଉଚିତ ।

ଜାତିସଂଘ ପକ୍ଷରୁ ୧୯୭୪ ବର୍ଷକୁ "ବିଶ୍ୱ ଜନସଂଖ୍ୟା ବର୍ଷ" ରୂପେ ପାଳନ କରଯାଉଛି । ଭାରତପାଇଁ ଏହି ବର୍ଷ ପାଳନର ଗୁରୁତ୍ୱ ଖୁବ୍ ବେଶି । ପୃଥିବୀରେ ଅନିର୍ଦ୍ଦିଷ୍ଟ କାଳପାଇଁ ସ୍ୱଚ୍ଛଳତା ତଥା ଦାରିଦ୍ର୍ୟର ସହାବସ୍ଥାନ ଅସମ୍ଭବ । ଯଦି ମଣିଷ ଜାତିର କଲ୍ୟାଣ ଆମର କାମ୍ୟ ହୁଏ ତେବେ ଏ ଶତାବ୍ଦୀ ଶେଷ ହେବା ପୂର୍ବରୁ ଦାରିଦ୍ର୍ୟର ବିଲୋପ ସାଧାନ ସର୍ବାଦୌ ଆବଶ୍ୟକ । ଦାରିଦ୍ର୍ୟ ବିରୁଦ୍ଧରେ ବିଶ୍ୱବ୍ୟାପୀ ସଂଗ୍ରାମ ହିଁ ଜନସଂଖ୍ୟା ତଥା ପରିବାର ନିୟୋଜନ ନୀତି ପ୍ରତି ଅନୁପ୍ରେରଣା ଯୋଗାଇବ ।

odishaarchives.nic.in

ସବାଇଘାସର ଉପଯୋଗ

ଆଦିବାସୀବହୁଳ ମୟୂରଭଞ୍ଜ ଜିଲ୍ଲାରେ ଅଧିକାଂଶ ଆଦିବାସୀଙ୍କ ଅବସ୍ଥା ସ୍ୱଚ୍ଛଳ ନୁହେଁ । ସେମାନେ ବି ବର୍ଷସାର କାମଧନ୍ଦା ପାଇ ପାରନ୍ତି ନାହିଁ । ଏହା ସତ୍ତ୍ୱେ କୌଣସି ଆଦିବାସୀ ପୁରୁଷ ବା ସ୍ତ୍ରୀ କେବେ ବେକାର ହୋଇ ବସି ରହନ୍ତି ନାହିଁ ।

ଜନୈକ ସାନ୍ତାଳ ମହିଳାଯବାଇ ଘାସର ଦଉଡି ବଳୁଛନ୍ତି ।

ସବାଇଘାସର ଦଉଡିକୁ ହାତରେ ବଳି ଶକ୍ତ କରଯାଉଛି ।

ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ ଭାବରେ ମିଳୁଥିବା ସବାଇଘାସ ବହୁସଂଖ୍ୟକ ଆଦିବାସୀ ମହିଳାଙ୍କୁ ଆତ୍ମନିଯୁକ୍ତିରେ ସାହାଯ୍ୟ କରିଥାଏ । ସେମାନେ ସବାଇଘାସରେ ଦଉଡି, ଝାଡୁ ଓ

ଏଭଳି ବଳା ସୂତିଆ ପ୍ରସ୍ତୁତକାରୀର ଏହିପରି ସାହାଯ୍ୟରେ [illegible] ଡଉଡ଼ିକୁ ଆକଳ କରଯାଉଛି ।

ଆଦିବାସୀ ବୃଦ୍ଧା ସବାଇଘାସରେ ଝାଡୁ ତିଆରି କରି ଦୈନିକ ପ୍ରାୟ ୮୨-୫୦ ଯାଏ ରୋଜଗାର କରିଥାନ୍ତି ।

ବିଭିନ୍ନ ପ୍ରକାରର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରିଥାଆନ୍ତି । ଏଇ ସବାଇ-ଘାସରେ ପ୍ରସ୍ତୁତ ଡଉଡ଼ି, ଝାଡୁ ପ୍ରଭୃତି ବଜାରରେ ବିକ୍ରି କରି ବେଶ୍ କିଛି ରୋଜଗାର କରିଥାନ୍ତି ଏବଂ ଏହା ପରିବାରର ଭରଣପୋଷଣ ଦିଗରେ ସହାୟକ ହୋଇଥାଏ ।

(ଚିତ୍ର : ଶ୍ରୀ ପ୍ରଶାନ୍ତ ପଟ୍ଟନାୟକ)

odishaarchives.

ଆମ ରାଜ୍ୟ

ମରୁଡି ପରିସ୍ଥିତିର ମୁକାବିଲା ପାଇଁ ଓଡିଶାରେ ସ୍ୱତନ୍ତ୍ର କୃଷିଶିକ୍ଷା ଶିବିର

ରାଜ୍ୟର ବିଭିନ୍ନ ଅଂଚଳରେ ଆଶାଜନକ ଭାବରେ ବର୍ଷା ହୋଇ ନ ଥିବାରୁ କୃଷି ଉତ୍ପାଦନ କାର୍ଯ୍ୟକ୍ରମ କେତେକାଂଶରେ ବ୍ୟାହତ ହେବାର ଆଶଂକା ରହିଛି । ମରୁଡି ପରିସ୍ଥିତି ସୃଷ୍ଟି ହେଲେ ତାର ମୁକାବିଲା କରିବାକୁ କୃଷୀମାନେ ଯେପରି ସକ୍ଷମ ହେବେ ସେ ଉଦ୍ଦେଶ୍ୟରେ ସେମାନଂକୁ କୃଷି କ୍ଷେତ୍ରରେ ପ୍ରତ୍ୟକ୍ଷ ପରାମର୍ଶ ତଥା ବୈଷୟିକ ଶିକ୍ଷା ଦେବା ଉଦ୍ଦେଶ୍ୟରେ କେତେକ କୃଷି ଶିକ୍ଷା ଶିବିର ଆୟୋଜିତ ହେବ । କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ କୃଷି ବିଭାଗର ବିଶେଷଜ୍ଞମାନେ ବିଭିନ୍ନ ଜିଲାର ସଂପ୍ରସାରଣ କର୍ମଚାରୀମାନଂକ ସହାୟତାରେ ଏହି ଶିକ୍ଷା ଶିବିରସବୁ ସଂଗଠିତ କରିବେ । ଅଗଷ୍ଟ ପ୍ରଥମ ସପ୍ତାହରେ ଏହି ବିଶେଷଜ୍ଞମାନେ ବିଭିନ୍ନ ଦଳରେ ପୁରୀ, ଖୋର୍ଦ୍ଧା, ବୌଦଂ ଫୁଲବାଣୀ, ସୋନପୁର, ବରଗଡ, କଟକ, ଆଠଗଡ, ବ୍ରହ୍ମପୁର, ଆସ୍କା, ଭଦ୍ରଖ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡା, ଜୟପୁର, ଭବାନୀପାଟଣା ଓ ଖଡିଆଳ ପ୍ରଭୃତି ଅଂଚଳକୁ ଯାଇ ଆୟୋଜିତ ଶିବିରରେ ଏହି ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିବେ । ସମ୍ବଲପୁର ଓ ବଲାଙ୍ଗୀର ଜିଲା ପାଇଁ ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରାଯାଇଛି ।

ମରୁଡିଗ୍ରସ୍ତ ଅଂଚଳରେ କି ପ୍ରକାର ଫସଲ କି ଉପାୟରେ ଚାଷ କରାଯାଇ ପାରିବ, ସେ ସଂପର୍କରେ ଏହି ଶିବିରରେ ଶିକ୍ଷା ଦିଆଯିବ ।

ଅର୍ଦ୍ଧ ନିୟୁତ ଲୋକଙ୍କୁ କର୍ମଯୋଗାଣ କାର୍ଯ୍ୟକ୍ରମ

ଅର୍ଦ୍ଧ ନିୟୁତ ଲୋକଙ୍କୁ କର୍ମଯୋଗାଣ ପରିକଳ୍ପନା ଅନୁଯାୟୀ ସଂପ୍ରତି ୧୦୪ ଜଣ ଗ୍ରାଜୁଏଟ ଆବଶ୍ୟକ ତାଲିମ ପାଇସାରିବା ପରେ ଗ୍ରାମଗୋଷ୍ଠୀ ଉନ୍ନୟନ ବ୍ଲକଗୁଡିକରେ ନିଯୁକ୍ତି ପାଇଛନ୍ତି । ଏମାନଙ୍କ ମଧ୍ୟରୁ ୩୦ ଜଣ ମହିଳା ସାମାଜିକ ଶିକ୍ଷା ସଂଗଠିକା ରୂପେ ନିଯୁକ୍ତି ପାଇଛନ୍ତି ।

ଏହା ବ୍ୟତୀତ, ବର୍ତ୍ତମାନ ତାଲିମ ପାଉଥିବା ୩୭୩ ଜଣ ଗ୍ରାମସେବକ ଆସନ୍ତା ୧୯୭୫ ମସିହା ସେପ୍‌ଟେମ୍ବର ମାସ ଶେଷ ସୁଦ୍ଧା ସେମାନଙ୍କର ତାଲିମ ଶେଷ କରିବେ । ମାଟ୍ରିକ୍ ପାସ୍ କରିଥିବା ୧୭୨ ଜଣ ଗ୍ରାମସେବିକା ବର୍ତ୍ତମାନ ଭୁବନେଶ୍ୱର ଓ ବରପାଲିସ୍ଥିତ ହୋମ୍ ଇକୋନୋମିକ୍ସ ଟ୍ରେନିଂ ସେଣ୍ଟରରେ ତାଲିମ ପାଉଛନ୍ତି । ସେମାନେ ବର୍ଷିକିଆ ତାଲିମ ପାଠ୍ୟକ୍ରମ ଆସନ୍ତା ସେପ୍‌ଟେମ୍ବର ମାସ ୯ ତାରିଖରେ ଶେଷ କଲାପରେ ବିଭିନ୍ନ ବ୍ଲକରେ ନିଯୁକ୍ତି ପାଇବେ ।

ଏହ ପରିକଳ୍ପନାକୁ କାର୍ଯ୍ୟକାରୀ କରିବାପାଇଁ ଗତ ବର୍ଷ ୩.୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରା ଯାଇଥିଲା ଏବଂ ଚଳିତ ଆର୍ଥିକ ବର୍ଷରେ ଏ ବାବଦରେ ୬·୫୦ ଲକ୍ଷ ଟଙ୍କାର ବ୍ୟୟ ବରାଦ ରଖା ଯାଇଛି ।

---

odishaarchives.nic.in

ଓଡ଼ିଶାର କୃଷୀମାନଙ୍କୁ ଉଠା ଜଳସେଚନ ପ୍ରୋଜେକ୍ଟ ବିକ୍ରୟ କରାଯିବ

ରାଜ୍ୟସରକାର ଏବଂ ଉଠା ଜଳସେଚନ କର୍ପୋରେସନଙ୍କଦ୍ୱାରା ସମ୍ପୂର୍ଣ୍ଣ କରାଯାଇଥିବା ଉଠା ଜଳସେଚନ ପ୍ରୋଜେକ୍ଟଗୁଡ଼ିକୁ ଆଗ୍ରହୀ କୃଷୀମାନଙ୍କୁ ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ ସରକାର ବିକ୍ରି କରିବା ପାଇଁ ନିଷ୍ପତ୍ତି କରିଛନ୍ତି ।

୧) ଯେଉଁ କୃଷୀଙ୍କ ଜମିରେ ନଳକୂଅ, ପମ୍ପଘର ଏବଂ ନାଳୀ ନିର୍ମିତ ହୋଇଥିବ ସେହି କୃଷୀଙ୍କ ସମେତ ସମ୍ପୃକ୍ତ ପ୍ରୋଜେକ୍ଟର ଜଳସେଚିତ ଅଞ୍ଚଳରେ ଜମିଥିବା କୃଷୀମାନଙ୍କ ମଧ୍ୟରୁ ଶତକଡା ୬୦ ଭାଗ କୃଷୀ ପ୍ରୋଜେକ୍ଟ କିଣିବାପାଇଁ ଇଚ୍ଛୁକ ଥିବେ ।

୨) ଓଡିଶା ଉଠା ଜଳସେଚନ କର୍ପୋରେସନ, ପ୍ରୋଜେକ୍ଟର ଯେଉଁ ବିକ୍ରୟ ମୂଲ୍ୟ ସ୍ଥିର କରିବେ, ତାହା ଏକକାଳୀନ ଦେବାକୁ ପଡ଼ିବ ।

ନଳକୂଅ, ପମ୍ପଘର ଓ ନାଳୀ ରହିଥିବା ଜମିର ମୂଲ୍ୟ, ପ୍ରୋଜେକ୍ଟ ମୂଲ୍ୟରେ ଅନ୍ତର୍ଭୁକ୍ତ ହେବନାହିଁ ଏବଂ ଖରିଦ୍‌ଦାରମାନଙ୍କୁ ସେହି ଜମିର ମୂଲ୍ୟ ବହନ କରିବାକୁ ପଡ଼ିବ ।

ପ୍ରୋଜେକ୍ଟର ଯନ୍ତ୍ରପାତି ଚଳାଇବା ଏବଂ ରକ୍ଷଣାବେକ୍ଷଣ କରିବାକୁ ଖରିଦଦାରମାନଙ୍କୁ ସେହି ଜମିର ମାଲିକ, ଜମିରେ ଚଳପ୍ରଚଳ ହେବାପାଇଁ ଅନୁମତି ଦେବେ ।

୩) ପ୍ରୋଜେକ୍ଟ ଖରିଦ କରିବା ସମୟରେ ଯେତେ ସଂଖ୍ୟକ ଏବଂ ଯେତେ ଅଶ୍ୱଶକ୍ତି ବିଶିଷ୍ଟ ପମ୍ପ ବସାଯାଇଥିବ, ଖରିଦଦାରମାନେ ତାଠାରୁ ଅଧିକ ସଂଖ୍ୟକ କିମ୍ବା ଅଧିକ ଅଶ୍ୱଶକ୍ତି ବିଶିଷ୍ଟ ପମ୍ପ ବସାଇ ପ୍ରୋଜେକ୍ଟର କାର୍ଯ୍ୟକାରୀ ଶକ୍ତି ବଢାଇ ପାରିବେ ନାହିଁ ।

୪) ଖରିଦଦାରମାନେ ଦେଖିବେ ଯେ ପ୍ରୋଜେକଟର ଜଳସେଚିତ ଅଞ୍ଚଳ ମଧ୍ୟରେ ଜମି ଥାଇ ମଧ୍ୟ ପ୍ରୋଜେକ୍ଟ ଖରିଦରେ ଭାଗନେଇ ନ ଥିବା ଅନ୍ୟକୃଷୀମାନେ ପ୍ରୋଜେକ୍ଟ ବିକ୍ରୀ ହେବା ପୂର୍ବରୁ ଯେମିତି ଜଳସେଚନର ସୁବିଧା ପାଉଥିଲେ, ତାହା ପାଇବାରୁ ଯେପରି ବଞ୍ଚିତ ନ ହେବେ ବରଂ ଖରିଦଦାରମାନଙ୍କ ସହିତ ସେମାନେ ମଧ୍ୟ ସମାନ ହାରରେ ଜଳସେଚନ ଖର୍ଚ୍ଚ ଦେବେ ।

୫) ଯେଉଁ ଖରିଦଦାରମାନେ ସମବାୟ ସମିତି ଗଠନ କରିବେ, ସେମାନଙ୍କୁ ପ୍ରୋଜେକ୍ଟ ବିକ୍ରି କରିବା କଥା ପ୍ରଥମେ ସୁଯୋଗ ଦିଆଯିବ ।

ବର୍ତ୍ତମାନ ସର୍ବମୋଟ ୧୪୭୦ଟି ଉଠା ଜଳସେଚନ ପ୍ରୋଜେକ୍ଟ ସମ୍ପୂର୍ଣ୍ଣ କରାଯାଇ ସାରିଲାଣି ଓ ଏଗୁଡ଼ିକ ୮୨,୯୪୦ ଏକର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେଇ ପାରିବ ।

———

odishaarchives.nic.in

ଓଡ଼ିଶାରେ ପର୍ଯ୍ୟଟନର ନୂତନ ଆଭମୁଖ୍ୟ

ଶ୍ରୀ ଏ. ଏନ୍. ଭଓ୍ୟାରୀ, ଆଇ. ଏ. ଏସ୍.
ଲୋକ ସମ୍ପର୍କ ନିର୍ଦ୍ଦେଶକ

ଭାରତର ପୂର୍ବ ଉପକୂଳରେ ଓଡ଼ିଶାର ଅବସ୍ଥିତି । ଏହାର ଉତ୍ତରରେ ପଶ୍ଚିମ ବଙ୍ଗ, ଦକ୍ଷିଣରେ ଆନ୍ଧ୍ର ପ୍ରଦେଶ, ପଶ୍ଚିମରେ ମଧ୍ୟପ୍ରଦେଶ ଏବଂ ପୂର୍ବଭାଗରେ ବଙ୍ଗୋପସାଗରର ନୀଳ ଜଳରାଶି । ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ନିମନ୍ତେ ଓଡ଼ିଶା ଏକ ଆକର୍ଷଣୀୟ ସ୍ଥାନ । ପର୍ଯ୍ୟଟକମାନଙ୍କ ଆକୃଷ୍ଟ କଲ୍ପଭଳି ଏଠାରେ ରହିଥିବା ବିପୁଳ ତଥା ବିବିଧ ସଂପଦ ଅଦ୍ୟାବଧି ସଂପୂର୍ଣ୍ଣଭାବେ ଆବିଷ୍କାର କରିପାଇପାରିନାହିଁ । ଓଡିଶାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଥିବାବେଳେ ଆମେ କେବଳ ମାତ୍ର କୋଣାର୍କ-ପୁରୀ-ଭୁବନେଶ୍ୱର ପ୍ରସିଦ୍ଧ ସୁବର୍ଣ୍ଣ ତ୍ରିଭୁଜକୁ ଲୋକଲୋଚନକୁ ଆଣିପାରିଛୁ ଓ ଆହୁରି ଅନେକ ଲୋକଲୋଚନର ଅନ୍ତରାଳରେ ରହିଯାଇଛି ।

ପର୍ଯ୍ୟଟକମାନଙ୍କର ବିବିଧ ଅଭିରୁଚି ପୂରଣ କଲ୍ପଭଳି ବହୁ ପର୍ଯ୍ୟଟନସ୍ଥଳୀ ଏ ରାଜ୍ୟରେ ରହିଛି । ଦ୍ୱାଦଶ ଶତାବ୍ଦୀରେ ନିର୍ମିତ କୋଣାର୍କର ସୂର୍ଯ୍ୟମନ୍ଦିର ଯାହାକି ବ୍ଲାକ୍ ପାଗୋଡ଼ା ରୂପେ ପରିଚିତ, ତାହା ସଂପ୍ରତି ଆନ୍ତର୍ଜାତିକ ଖ୍ୟାତି ଲାଭକରିଛି । ଏକ ବିଶିଷ୍ଟ ବୈଦେଶିକ ରାଷ୍ଟ୍ରର ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ମନ୍ଦିରର କାରୁକାର୍ଯ୍ୟ ପରିଦର୍ଶନ କରି ଅଭିଭୂତ ହୋଇପଡ଼ିଥିଲେ । କୋଣାର୍କରେ ଖୋଦିତ ପ୍ରସ୍ତର ମୂର୍ତ୍ତିଗୁଡିକୁ ଦର୍ଶନ କରିବାପାଇଁ ଦର୍ଶକମାନଙ୍କ ମନରେ ସଦାସର୍ବଦା ଉତ୍କଣ୍ଠା ଜନ୍ମିଥାଏ । କୋଣାର୍କ-ପୁରୀ ବେଳାଭୂମିର ବିକାଶ ନିମନ୍ତେ ସରକାର ବର୍ତ୍ତମାନ ଗୋଟିଏ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରୁଛନ୍ତି ।

odishaarchives.nic.in

ଓଡ଼ିଶା ଭୂଇଁରେ ବୌଦ୍ଧଧର୍ମ ତାହାର ଅବିସ୍ମରଣୀୟ ସ୍ମାରକୀ ରଖିଯାଇଛି । ସୁବର୍ଣ୍ଣ ତ୍ରିଭୁଜର ଗୋଟିଏ ବାହୁରେ ତ୍ରୟୋଦଶ ଶତାବ୍ଦୀରେ ଖୋଦିତ ସମ୍ରାଟ ଅଶୋକଙ୍କର ଶିଳାଲିପି ଦେଖିବାକୁ ମିଳେ । ଏହା ନିକଟରେ ବର୍ତ୍ତମାନ ଏକ ବୌଦ୍ଧ ଶାନ୍ତିସ୍ତୂପ ନିର୍ମାଣ କରାଯାଇଛି । ଶାନ୍ତି ସ୍ତୂପର ଶିଖରଦେଶରୁ ଅବଲୋକନ କଲେ ଯେଉଁ ବିସ୍ତୀର୍ଣ୍ଣ ପ୍ରାନ୍ତର ଦେଖିବାକୁ ମିଳେ ତାହା ଏକଦା ପ୍ରସିଦ୍ଧ କଳିଙ୍ଗ ଯୁଦ୍ଧର ପୀଠସ୍ଥଳୀ ଥିଲା । ଏହି ଯୁଦ୍ଧରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ ।

କଟକଠାରୁ ପ୍ରାୟ ୮୮ କିଲୋମିଟର ଦୂରରେ ଅବସ୍ଥିତ ଲଳିତଗିରି, ରତ୍ନଗିରି ଓ ଉଦୟଗିରିରେ ବହୁ ପ୍ରାଚୀନ ବୌଦ୍ଧ କୀର୍ତ୍ତି ରହିଛି ଏବଂ ଏହା ପୃଥିବୀର ବୌଦ୍ଧ ସଂଦ୍ରଦୟଙ୍କ ନିମନ୍ତେ ଏକ



କଟକ ଜିଲ୍ଲାର ରତ୍ନଗିରି, ପୁଷ୍ପଗିରି ବିହାର ତୋରଣ

ଦର୍ଶନୀୟ ସ୍ଥାନ । ଏହାର ବିକାଶ ନିମନ୍ତେ ପଞ୍ଚୁଦିନିଆ ରାସ୍ତା ଏବଂ ରହିବାର ସୁବିଧାସୁଯୋଗ ସକାଶେ ପ୍ରାଥମିକ ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି ।

ଦ୍ୱିଗନ୍ତବିସ୍ତାରୀ ନିଲାମ୍ବୁ ଚିଲିକା ବହୁ ଦେଶରୁ ଆଗତ ବିଭିନ୍ନ ଜାତିର ପକ୍ଷୀରେ ଭରପୂର । ଚିଲିକାର ବିକାଶ ନିମନ୍ତେ ଏକ ସମନ୍ୱିତ ବିକାଶ ଯୋଜନା ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାର ଏକ ଉଚ୍ଚକ୍ଷମତାପନ୍ନ କମିଟି ଗଠନ କରିଛନ୍ତି । ଏହାକୁ ପକ୍ଷୀମାନଙ୍କର ବିହାରସ୍ଥଳୀ ରୂପେ ଘୋଷଣା କରାଯାଇଛି । ବମ୍ବା ନିକଟରେ ଏକ ପାନ୍ଥନିବାସ ନିର୍ମିତ ହୋଇଛି ଓ ବରକୁଳଠାରେ ଥିବା ଡାକବୁଙ୍ଗଳାର ଉନ୍ନତିବିଧାନ କରାଯାଇଛି । ଚିଲିକା ହ୍ରଦ ମଧ୍ୟରେ ବହୁ ଛୋଟ ଛୋଟ ଦ୍ୱୀପ ରହିଛି । ସେଗୁଡିକର ବି ଉନ୍ନତିବିଧାନ କରାଯାଇପାରିବ । ସ୍ୱାଧୀନତାର ବହୁ ପୂର୍ବରୁ ବ୍ରିଟିଶ ସରକାର ଚିଲିକା ହ୍ରଦକୁ ଏକ ଅବକାଶସ୍ଥଳୀରେ ପରିଣତ କରିବାପାଇଁ ଉଦ୍ୟମ କରିଥିଲେ ।

ଢେଙ୍କାନାଳ ଜିଲ୍ଲାରେ ଘନ ଜଙ୍ଗଲ ପରିବେଷ୍ଟିତ ମହାନଦୀର ଟିକରପଡା ଗଣ୍ଡ ପର୍ଯ୍ୟଟକମାନଙ୍କପାଇଁ ଏକ ଆକର୍ଷଣୀୟସ୍ଥଳୀ । ଏହି ମନୋରମ ସ୍ଥାନକୁ ମାଷ୍ଟର୍ ଓ ସନ୍ତରଣ ସ୍ଥଳୀରୂପେ ଏହାର ବିକାଶ ଘଟାଇବା ସଙ୍ଗେ ସଙ୍ଗେ ପ୍ରକୃତି କୋଳରେ ଆଶ୍ରୟସ୍ଥଳୀ ରୂପେ ଏହାକୁ ଉପଯୋଗ କରଯାଇପାରିବ । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସଦୃଶ ମହାନଦୀ କୂଳରେ କଣ୍ଟିଲୋ ନୀଳମାଧବ ମନ୍ଦିର ଅବସ୍ଥିତ । ଏହାକୁ ଟିକରପଡା ପର୍ଯ୍ୟଟନସ୍ଥଳୀ ସହିତ ସଂଯୋଗ କରାଯାଇପାରିବ ।

ଜାତୀୟ ରାଜପଥ ପାର୍ଶ୍ୱରେ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜାତୀୟ ଉଦ୍ୟାନ ଅନ୍ୟ ଏକ ରମଣୀୟ ସ୍ଥାନ । ଅଗଣିତ ବନ୍ୟଜନ୍ତୁଭଳି ଶିମିଳିପାଳ ଜାତୀୟ ଉଦ୍ୟାନ ଦେଶର ନଅଗୋଟି ବ୍ୟାଘ୍ର

ମହାନଦୀ ତଟ ଦେଶରେ ଅବସ୍ଥିତ ନୀଳମାଧବ ମନ୍ଦିର (କଣ୍ଟିଲୋ)

"କୌଣସି ସରକାର ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ଉପେକ୍ଷା କରି ଟିକିପାରିବ ନାହିଁ" । କାରଣ ଏହି ଆଶା ଆକାଂକ୍ଷାର ଭିତ୍ତି ଉପରେ ଗଣତନ୍ତ୍ର ପ୍ରତିଷ୍ଠିତ । ଯଦି କୌଣସି ସରକାର ଏସବୁକୁ ଅବଜ୍ଞା କରେ, ତେବେ ସେ ବିତାଡିତ ହୁଏ ଓ ଅନ୍ୟମାନେ ତାର ସ୍ଥାନ ଅଧିକାର କରନ୍ତି ।"

—ନେହରୁ

ଶିମିଳିପାଳ ଅରଣ୍ୟାରଣ୍ୟର ବାସିନ୍ଦା

ସଂରକ୍ଷଣ କେନ୍ଦ୍ର ମଧ୍ୟରେ ଅନ୍ୟତମ । ପର୍ଯ୍ୟଟକମାନଙ୍କ ସୁବିଧା ନିମନ୍ତେ ଶିମିଳିପାଳ ନିକଟରେ ବିଶ୍ରାମସ୍ଥଳୀ ନିର୍ମାଣ କରିବାର ପ୍ରସ୍ତାବ ରହିଛି । ଦ୍ୱାଦଶ ଶତାବ୍ଦୀରେ କୋରାଇଟ୍ ପ୍ରସ୍ତରରେ ନିର୍ମିତ ଖିଚିଂ ମନ୍ଦିର ଓଡ଼ିଶାର କଳା ଓ ସ୍ଥାପତ୍ୟର ଏକ ଜ୍ୱଳନ୍ତ ପ୍ରତୀକ ।

ଜାତୀୟ ରାଜପଥର ନିମ୍ନଭାଗରେ ବାଲେଶ୍ୱର ଜିଲ୍ଲାର ଅନ୍ୟ ଏକ ପର୍ଯ୍ୟଟନ ତ୍ରିଭୁଜ ଦେଖିବାକୁ ମିଳେ । ତାହା ହେଉଛି ଚାନ୍ଦିପୁର ବେଳାଭୂମି, ରେମୁଣାସ୍ଥିତ ଗୋପୀନାଥ ମନ୍ଦିର ଓ ନୀଳଗିରିର ପଞ୍ଚଲିଙ୍ଗେଶ୍ୱର । ଚାନ୍ଦିପୁର ସମୁଦ୍ର ବେଳାରେ ଏକ ଚିତ୍ତାକର୍ଷକ କରିବାପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି । ଏଠାରେ ଏକ ପାନ୍ଥନିବାସ ନିର୍ମାଣ କରଯାଉଛି ।

ଓଡ଼ିଶା ପ୍ରାଚୀନ କଳା ଓ ଉତ୍କର୍ଷର ଏକ ଗନ୍ତାଘର । ସମଗ୍ର ରାଜ୍ୟରେ ଆମର ପୂର୍ବପୁରୁଷମାନଙ୍କର ବହୁ କଳାନିପୁଣତାର ପ୍ରମାଣ ରହିଛି । ବଲାଙ୍ଗୀର ଜିଲ୍ଲା ଉଣୀପୁର-ଝଟିଆଳର ପୁରତନ



ବଲାଙ୍ଗୀର ଜିଲ୍ଲା ଘଣ୍ଟୀପୁର-ଝରିଆଳଠାରେ ପ୍ରସିଦ୍ଧ ଯୋଗିନୀ ମନ୍ଦିର

ଯୋଗିନୀ ମନ୍ଦିର ଓ ହରିଶଙ୍କର ଜଳପ୍ରପାତ, ସମ୍ବଲପୁର ଜିଲ୍ଲାର ନୃସିଂହନାଥ ମନ୍ଦିର, କେଉଁଝର ଜିଲ୍ଲାର ସୀତାବିଞ୍ଜ ଶିଳା ଚିତ୍ର ଏବଂ କଳାହାଣ୍ଡି ଜିଲ୍ଲା ଖଡ଼ିଆଳ ନିକଟରେ ଯୋଗୀମଠ ପ୍ରଭୃତି ଅନେକ ସ୍ଥାନ ରହିଛି ଯାହାକି ପର୍ଯ୍ୟଟକ ଓ ଇତିହାସ ଛାତ୍ରମାନଙ୍କ ନିମନ୍ତେ ଗୋଟିଏ ଗୋଟିଏ ଦର୍ଶନୀୟ ତଥା ଶିକ୍ଷଣୀୟ ସ୍ଥାନ ।



କଳାହାଣ୍ଡି ଜିଲ୍ଲାର ଖଡ଼ିଆଳ ନିକଟବର୍ତ୍ତୀ ଯୋଗୀମଠରେ ଥିବା ପ୍ରସ୍ତର ଯୁଗର ଶିଳାଚିତ୍ର

ଓଡ଼ିଶାରେ ରହିଥିବା ପୁରତନ ସ୍ଥାପତ୍ୟପୀଠ ଠାରୁ ଆରମ୍ଭ କରି ଦର୍ଶନୀୟ ସ୍ଥାନକୁ ଯଦି ଯଥାଯଥ ପରିବହନର ସୁବିଧା ଓ ମୌଳିକ ଭିତ୍ତିଭୂମି ଯୋଗାଇ ଦିଆଯାଇପାରିବ ତେବେ ଓଡ଼ିଶାରେ ସବୁ ଶ୍ରେଣୀର ପର୍ଯ୍ୟଟକଙ୍କ ଆବଶ୍ୟକତା ପୂରଣ କରଯାଇପାରିବ ।

ବାରଣସୀ ମଧ୍ୟଦେଇ ଦିଲ୍ଲୀଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସିଧାସଳଖ ବିମାନ ସଂଯୋଗ କରିବା ବିଷୟରେ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ସହିତ କଥାବାର୍ତ୍ତା ଚଳାଇଛନ୍ତି । ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ପୁରୀ ରେଳବାଇ ହୋଟେଲ ଓ ଭୁବନେଶ୍ୱର ଟୁରିଷ୍ଟ ଲଜ୍‌ର ସଂପ୍ରସାରଣ ନିମନ୍ତେ ୭୫ ଲକ୍ଷ ଟଙ୍କା ବିନିଯୋଗ କରିବାପାଇଁ ଉତ୍କଳ ପର୍ଯ୍ୟଟନ ଉନ୍ନୟନ କର୍ପୋରେସନ ପ୍ରସ୍ତାବ ରଖିଛନ୍ତି । କୋଣାର୍କ, ଚିଲିକା, ଟିକରପଡ଼ା ପର୍ଯ୍ୟଟନ କେନ୍ଦ୍ର ସଂକ୍ରାନ୍ତ ଯୋଜନା ବୃଦ୍ଧାନ୍ତ

ବଲାଙ୍ଗୀର ଜିଲ୍ଲାର ତିତ୍ଲାଗଡ଼ଠାରେ ହରିଶଙ୍କର ଜଳପ୍ରପାତ

ହେବାପରେ ପର୍ଯ୍ୟଟକମାନଙ୍କ ସୁବିଧାର୍ଥରୁ ଏହାବୁ ଅଞ୍ଚଳଗୁଡ଼ିକର ବିକାଶ କାର୍ଯ୍ୟ ହାତକୁ ନିଆଯିବ । ଏହାବୁର ବିକାଶ ଘଟିଲେ କଳାପ୍ରେମୀ, ଇତିହାସଛାତ୍ର ଓ ପର୍ଯ୍ୟଟକମାନଙ୍କ ନିମନ୍ତେ ଓଡ଼ିଶାରେ ବହୁ ଉପାଦାନ ମିଳିପାରିବ ।

ଖାଦ୍ୟ ଉଦ୍ଯୋଗ ପ୍ରତିଷ୍ଠାନ, ଭୁବନେଶ୍ୱର

ଶ୍ରୀ ଏସ୍. ଏମ୍. ଗନି

ଆମ ଦେଶରେ ଏ ପର୍ଯ୍ୟନ୍ତ କ୍ୟାଟେରିଂ ଇଣ୍ଡଷ୍ଟ୍ରି ବା ଖାଦ୍ୟ ସରବରାହ ଶିଳ୍ପ ପୂରପୂରି ଅଣ-ତାଲିମପ୍ରାପ୍ତ ଲୋକଙ୍କ ଉପରେ ନିର୍ଭର କରିଆସିଛି । ଏହାର କାରଣ ହେଲା ଉତ୍କୃଷ୍ଟ ତଥା ପୁଷ୍ଟିକର ବିଭିନ୍ନ ଖାଦ୍ୟପେୟ ପ୍ରସ୍ତୁତି ଓ ପରିବେଷଣ ନିମନ୍ତେ ଉପଯୁକ୍ତ ତାଲିମର ଯେ ପ୍ରୟୋଜନ ରହିଛି,

ତାଲିମ ଅନୁଷ୍ଠାନର ବେକେରୀ ବିଭାଗ

ଏ ବିଷୟରେ ଆମର ଜନସାଧାରଣ ବିଶେଷ ସଚେତନ ନ ଥିଲେ । ତେଣୁ ବିଭିନ୍ନ ହୋଟେଲ, ଅତିଥି-ଶାଳାମାନଙ୍କରେ ଖାଦ୍ୟପେୟ ପ୍ରସ୍ତୁତି ଓ ପରିବେଷଣ କାର୍ଯ୍ୟରେ ଅଣ-କୁଶଳୀ ଲୋକଙ୍କୁ ନିଯୁକ୍ତ କରା-

ଯାଉଥିଲା । ଏମାନେ ନିଜ ଅଭିଜ୍ଞତାଲବ୍ଧ ଜ୍ଞାନ ଉପରେ ନିର୍ଭର କରି ହୋଟେଲ ଆଦି ପରିଚାଳନା କରିଥାନ୍ତି ।

ଇତି ମଧ୍ୟରେ ଆମ ଦେଶରେ ହୋଟେଲ ଶିଳ୍ପର ବ୍ୟାପକ ପ୍ରସାର ଘଟିବା ସଙ୍ଗେ ସଙ୍ଗେ ଜନ-ସାଧାରଣଙ୍କ ରୁଚି ଓ ଦୃଷ୍ଟିକୋଣରେ ମଧ୍ୟ ବହୁ ପରିବର୍ତ୍ତନ ଘଟିଛି । ଏହାଫଳରେ ହୋଟେଲ, ଅତିଥିଶାଳା, ବିଶ୍ରାମାଗାରମାନଙ୍କରେ ଉତ୍କୃଷ୍ଟଧରଣର ଖାଦ୍ୟପେୟ ପରିବେଷଣର ଆବଶ୍ୟକତା ଯଥେଷ୍ଟ ଉପଲବ୍ଧି କରାଯାଉଛି । ତେଣୁ ଏ ସମସ୍ତ ସଂସ୍ଥାରେ ତାଲିମପ୍ରାପ୍ତ ଅଭିଜ୍ଞ ଲୋକଙ୍କର



ରନ୍ଧନ ପୂର୍ବରୁ ପ୍ରସ୍ତୁତି

ଆବଶ୍ୟକତା ବର୍ତ୍ତମାନ ଅନୁଭବ କରାଯାଉଛି । କେବଳ ଖାଦ୍ୟପେୟ ପ୍ରସ୍ତୁତି ନୁହେଁ ; ହୋଟେଲ, ଖାଦ୍ୟ ପରିବେଷଣ ସଂସ୍ଥାର ସୁପରିଚାଳନା ନିମନ୍ତେ ବି ତାଲିମପ୍ରାପ୍ତ ବିଭିନ୍ନ ଶ୍ରେଣୀର କର୍ମଚାରୀଙ୍କ ଚାହିଦା ଖୁବ୍ ବୃଦ୍ଧି ପାଇଛି । ତେଣୁ ଏହି ଶ୍ରେଣୀର ଉଭୟ ପୁରୁଷ ଓ ମହିଳା କର୍ମଚାରୀଙ୍କୁ ତାଲିମ ଦେବା ଦିଗରେ ତାଲିମ ଅନୁଷ୍ଠାନର ଆବଶ୍ୟକତା ଦେଖାଦେଇଛି ।

ORISSA STATE ARCHIVES
Date
No.

ଆମ ରାଜ୍ୟରେ ବି ଏ ଶ୍ରେଣୀର ତାଲିମପ୍ରାପ୍ତ ଅଭିଜ୍ଞ ପୁରୁଷ ଓ ମହିଳାଙ୍କର ଯଥେଷ୍ଟ ଅଭାବ ରହିଛି । ସୁଖର କଥା ଯେ ୧୯୭୩ ସେପ୍‌ଟେମ୍ବର ମାସଠାରୁ ଭୁବନେଶ୍ୱରଠାରେ ଉଭୟ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏକ ଖାଦ୍ୟ ଉଦ୍ୟୋଗ ପ୍ରତିଷ୍ଠାନ ଖୋଲିଯାଇ ଖାଦ୍ୟପେୟ

ତାଲିମ ଅନୁଷ୍ଠାନର କନଫେକ୍‌ସନାରୀ ବିଭାଗ

ପ୍ରସ୍ତୁତି ତଥା ହୋଟେଲ ପରିଚାଳନା ସମ୍ପର୍କରେ ତାଲିମ ଦେବାର ବ୍ୟବସ୍ଥା ହୋଇଛି । ସାରାଦେଶରେ ପ୍ରତିଷ୍ଠା କରାଯାଇଥିବା ୯ଟି ତାଲିମ ଅନୁଷ୍ଠାନ ମଧ୍ୟରେ ଏହା ହେଉଛି ଅନ୍ୟତମ ।

ଗୃହିଣୀମାନଙ୍କ ପାଇଁ ତାଲିମ ବ୍ୟବସ୍ଥା

ଏହି ତାଲିମ ଅନୁଷ୍ଠାନର ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଏଠାରେ ୧୦୦ ଜଣ ଗୃହିଣୀଙ୍କୁ ସାମୟିକ (ପାର୍ଟଟାଇମ୍) ତାଲିମ ଦିଆଯିବା ସଙ୍ଗେ ସଙ୍ଗେ ୨୦୦ ଜଣ ଲୋକଙ୍କୁ ପୂର୍ଣ୍ଣାଙ୍ଗ ତାଲିମ ଦିଆ

ଖାଦ୍ୟ ଉଦ୍ୟୋଗ ପ୍ରତିଷ୍ଠାନରେ ଗୃହିଣୀମାନେ ତାଲିମ ନେଉଛନ୍ତି ।

ଯାଇପାରିବ । ବର୍ତ୍ତମାନ ଏଠାରେ କୁକେରି, ବେକେରୀ ଓ କନ୍‌ଫେକ୍‌ସନାରୀ ଏବଂ ରେଷ୍ଟୁରଣ୍ଟ ଓ କାଉଁଟର ସର୍ଭିସ ପାଠ୍ୟକ୍ରମରେ ତାଲିମ ଦେବାର ବ୍ୟବସ୍ଥା ରହିଛି ।

ଗତ ମାର୍ଚ୍ଚ ମାସଠାରୁ ଗୃହିଣୀମାନଙ୍କୁ ସାମୟିକ ପାଠ୍ୟକ୍ରମରେ ତାଲିମ ଦେବାର ବ୍ୟବସ୍ଥା କରା-ଯାଇଛି । ଏମାନଙ୍କୁ ମୁଖ୍ୟତଃ କୁକେରୀ, ବେକେରୀ ଓ କନ୍‌ଫେକ୍‌ସନାରୀ ପାଠ୍ୟକ୍ରମରେ ତାଲିମ ଦିଆଯାଉଛି ।

ଗୃହିଣୀମାନଙ୍କପାଇଁ ଭଳିଷ ଏହି ତାଲିମ୍ କାର୍ଯ୍ୟକ୍ରମ ସପ୍ତାହରେ ପୁଇଦିନ କରି ୧୩ ସପ୍ତାହ ପର୍ଯ୍ୟନ୍ତ ଚିଆପାଏ । ସେମାନେ ସାଧାରଣତଃ ଏହି ଅନୁଷ୍ଠାନକୁ ଆସି ଅପରାହ୍ନ ୨ ଘଣ୍ଟାରୁ ୫ ଘଣ୍ଟା

ତାଲିମ ପ୍ରତିଷ୍ଠାନର ଅତ୍ୟାଧୁନିକ ରନ୍ଧନଶାଳାରେ ତାଲିମପ୍ରାପ୍ତୀ

ଯାଏଁ ତାଲିମ ନେଇଥାନ୍ତି । ଏଭଳି ତାଲିମପ୍ରାପ୍ତ ଗୃହିଣୀମାନେ ନିଜ ନିଜ ପରିବାରରେ ଉତ୍କୃଷ୍ଟ ଓ ପୁଷ୍ଟିକର ଖାଦ୍ୟପେୟ ପ୍ରସ୍ତୁତ କରିବାରେ ସମର୍ଥ ହେବା ସଙ୍ଗେ ସଙ୍ଗେ ଖାଦ୍ୟପଦାର୍ଥରେ ରହିଥିବା ପୁଷ୍ଟିର ସର୍ବାଧିକ ଉପଯୋଗ କରିପାରିବେ ।

KALINGA FILIGREE

Magnificently moulded for you

Silver Filigree Jewellery of exquisite workmanship designed in to-days fashion in a hundred patterns to delight you. All ornaments are guaranteed to contain minimum 92.5% purity of sliver.

Head Office & Factory :—

The Kalinga Co-operative Silver Filigree Works Ltd.
B/16-17 Industrial Estate,
Madhupatna, Cuttack-10.
Telephone : 22760 & 23555.

Emporiums :—

1. 75, Theatre Communication Buildings, Janpath, New Delhi-1 Telephone : 48107.
2. South-Eastern Railway Hotel, Puri.

ISSUED BY THE DIRECTOR OF INDUSTRIES, ORISSA.

ଓଡ଼ିଶାର ବୃହତ୍ତମ ବିଦ୍ୟୁତ୍ କେନ୍ଦ୍ର : ବାଲିମେଳା

ଶ୍ରୀ କୃଷ୍ଣଚନ୍ଦ୍ର ପୂଜାରୀ, ଉପାଦନ ଯନ୍ତ୍ରୀ

ଓଡ଼ିଶାର ଦକ୍ଷିଣ ସୀମାନ୍ତର ଘନ ଅରଣ୍ୟରେ ବାଲିମେଳା ଅବସ୍ଥିତ । ଏଠାରେ ଓଡିଶାର ସର୍ବ-ବୃହତ୍ ବିଦ୍ୟୁତ୍ କେନ୍ଦ୍ର କାର୍ଯ୍ୟକାରୀ ହେଉଛି । ପ୍ରତିକୂଳ ପରିବେଶ ମଧ୍ୟରେ ଶହ ଶହ ଶ୍ରମିକ, କାରିଗର ଓ ଇଞ୍ଜିନିୟରମାନଙ୍କର ନିରବଚ୍ଛିନ୍ନ ପରିଶ୍ରମ ଆଜି ଫଳବତୀ ହେବାକୁ ଯାଉଛି । ଏଠାରେ ୨୦ ହଜାର କିଲୋଓ୍ୱାଟ ଶକ୍ତିବିଶିଷ୍ଟ ଛଅଟି ବିଦ୍ୟୁତ୍-ଉତ୍ପାଦକ ଯନ୍ତ୍ର ରହିବ । ମୋଟ ସ୍ଥାପିତ ଶକ୍ତି ୩୨୦ ହଜାର କିଲୋଓ୍ୱାଟ୍ । କେବଳ ଓଡିଶାରେ ନୁହେଁ, ପୂର୍ବ ଭାରତର ବୃହତ୍ତମ ବିଦ୍ୟୁତ-କେନ୍ଦ୍ରମାନଙ୍କ ମଧ୍ୟରେ ଏହା ଅନ୍ୟତମ । ପ୍ରଥମ ଯନ୍ତ୍ରଟି ଗତବର୍ଷ ଅଗଷ୍ଟ ମାସ ୧୪ ତାରିଖରେ ଏବଂ ଦ୍ୱିତୀୟ ଯନ୍ତ୍ରଟି ଚଳିତ ବର୍ଷ ଜାନୁଆରୀ ୨୫ ତାରିଖରୁ କାର୍ଯ୍ୟକାରୀ କରାଯାଇଛି । ବର୍ତ୍ତମାନ ହାଇଡ୍ରୋ ବିଦ୍ୟୁତ୍ ଉତ୍ପାଦନର ପରିମାଣ ୧୨୦ ହଜାର କିଲୋଓ୍ୱାଟ୍ । ଦୈନିକ ଉତ୍ପାଦନ ହେଉଛି ୨୮ ଲକ୍ଷ ୟୁନିଟ ଯାହାର ମୂଲ୍ୟ ପ୍ରାୟ ଦୁଇ ଲକ୍ଷ ଟଙ୍କା ।

ଓଡ଼ିଶା-ଆନ୍ଧ୍ର ପ୍ରଦେଶ ସୀମାରେ ପୂର୍ବଘାଟ ପର୍ବତମାଳାର ପଶ୍ଚିମ ପାର୍ଶ୍ୱରେ ଲମ୍ବା ପରେ ଲମ୍ବା ଦେଇ ବହିଯାଇଛି ଖରସ୍ରୋତା 'ମାଚ୍ଛକୁଣ୍ଡ' ନଦୀ । ବାଲିମେଳା ପରେ ଏହାର ନାମ 'ସିଲେରୁ' । ଏହି ପାର୍ବତ୍ୟ ନଦୀଟି କ୍ଷୀଣ ହେଲେହେଁ ଅତି କ୍ଷିପ୍ର । ଏହାର ଅବବାହିକାରେ ଗୋଟେଟି ବିଦ୍ୟୁତ୍ କେନ୍ଦ୍ର କାର୍ଯ୍ୟକାରୀ ହେଲାଣି ଏବଂ ଆହୁରି ଦୁଇ ତିନୋଟି କାର୍ଯ୍ୟକାରୀ ହେବାର ପ୍ରସ୍ତାବ ରହିଛି । ଭୁଡୁମା ଜଳପ୍ରପାତ ଠାରୁ ୧୬ ମାଇଲ ନିମ୍ନରେ ବାଲିମେଳା ନଦୀବନ୍ଧ ଯୋଜନା ନିର୍ମିତ ହେଉଛି । ଏହି ନଦୀବନ୍ଧ ଓ ତାର ଅନୁଷଙ୍ଗିକ ଆଇକ୍ ଷ୍ଟ୍ରକ୍ଚର ପ୍ରଭୃତିକୁ ମିଶାଇ କୁହାଯାଏ—"ବାଲିମେଳା

odishaarchives.nic.in

ବନ୍ଧ ଯୋଜନା" । ଏଥିରେ ଆନ୍ଧ୍ରପ୍ରଦେଶ ଓ ଓଡିଶା ଉଭୟେ ଅଂଶୀଦାର । ନଦୀରେ ବନ୍ଧ ପକାଇ ଏକ ଜଳଭଣ୍ଡାର ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଜଳସମ୍ପଦର ନିୟନ୍ତ୍ରଣ ଓ ସମବଣ୍ଟନ ଏହାର ଲକ୍ଷ୍ୟ ।

ଅନ୍ୟପକ୍ଷରେ 'ବାଲିମେଳା ବିଦ୍ୟୁତ୍ ଯୋଜନା' ସଂପୂର୍ଣ୍ଣରୂପେ ଓଡିଶା ରାଜ୍ୟର ବ୍ୟାପାର । ବାଲିମେଳା ଜଳଭଣ୍ଡାରରୁ ଅର୍ଦ୍ଧେକ ପାଣି ପାହାଡ଼ ଭିତରେ (ଟନେଲ୍) ନେଇ ଏକ ହଜାର ଫୁଟ ନିମ୍ନରେ ଅନ୍ୟ ଏକ ଉପତ୍ୟକାକୁ ପାଇପ୍‌ଦ୍ୱାରା ଖସାଇ ବିଦ୍ୟୁତ୍ କେନ୍ଦ୍ରକୁ ଆଣିବା ଓ ସେହି ପ୍ରକ୍ରିୟାରେ ବିଦ୍ୟୁତ୍ ଉତ୍ପାଦନ କରିବା ସଙ୍ଗେ ସଙ୍ଗେ ସେଠାରୁ ନିଃସୃତ ପାଣିକୁ ପଟେରୁ ନଦୀ ସ୍ରୋତରେ ମିଶା ଯାଉଛି । ବାଲିମେଳା ବନ୍ଧର ଅବସ୍ଥିତି ଚିତ୍ରକୋଣ୍ଡ ଠାରେ ଏବଂ ବିଦ୍ୟୁତ୍ କେନ୍ଦ୍ର ଓର୍କେଲ୍‌ଠାରେ । ମଝିରେ ରହିଲା ଜଳଭଣ୍ଡାରରୁ ବିଦ୍ୟୁତ୍‌କେନ୍ଦ୍ର ପର୍ଯ୍ୟନ୍ତ ବିଦ୍ୟୁତ-ଉତ୍ପାଦକ ଜଳପ୍ରବାହ ଏବଂ ଟାର୍ଗେଟ ବିଭିନ୍ନ ନିୟନ୍ତ୍ରଣ ବ୍ୟବସ୍ଥା । ଆକାଶମାର୍ଗରେ ଚିତ୍ରକୋଣ୍ଡା ଓ ଓର୍କେଲ୍‌ର ବ୍ୟବଧାନ ମୋଟେ ୭-୮ ମାଇଲ; କିନ୍ତୁ ମୋଟର ରସ୍ତାରେ ୨୫ ମାଇଲରୁ ଉର୍ଦ୍ଧ୍ୱ ।

ବାଲିମେଳା ବିଦ୍ୟୁତ ପ୍ରକଳ୍ପପାଇଁ ପ୍ରାୟ ଦଶ ହଜାର ଟନର ଯନ୍ତ୍ରପାତି ଆବଶ୍ୟକ । ସୋଭିଏତ୍ ରୁଷ ଓ ଗ୍ରଟ ମଧ୍ୟରେ ୧୯୬୩ ମସିହାରେ ସ୍ୱାକ୍ଷରିତ ବାଣିଜ୍ୟ ଚୁକ୍ତି ଅନୁଯାୟୀ ପ୍ରାୟ ନଅ ହଜାର ଟନର ଯନ୍ତ୍ରପାତି ଆମଦାନୀ କରାଯାଉଛି । ଏହି ଯନ୍ତ୍ରପାତି ବିଶାଖାପାଟଣା ବନ୍ଦରରେ ପହଞ୍ଚିବା ପର୍ଯ୍ୟନ୍ତ ମୂଲ୍ୟ ସାଢେ ସାତକୋଟି ଟଙ୍କା । ବିଦ୍ୟୁତ୍ ପରିକଳ୍ପନାର ମୋଟ ଅଟକଳ ତେର କୋଟି ପଞ୍ଚସ୍ତରି ଲକ୍ଷ ଟଙ୍କା । ବାଲିମେଳାର ପ୍ରଥମ ଯନ୍ତ୍ରାଂଶ ନେଇ ଭରତୀୟ ଜାହାଜ 'ଦରିୟାଲ୍' ବିଶାଖା-ପାଟଣାଠାରେ ୧୯୬୬ ମସିହା ନଭେମ୍ବର ମାସରେ ପହଞ୍ଚି ଥିଲା । ବାଲିମେଳାଠାରେ ପାଓ୍ୱାର-ହାଉସର ପ୍ରଥମ କଂକ୍ରିଟ୍ ଢଳା ହେଲା ୧୯୬୯ ମସିହା ଜୁନ୍ ମାସରେ । ଯନ୍ତ୍ର ସ୍ଥାପନର କାର୍ଯ୍ୟ ଡୋଇସୋତରେ ଆରମ୍ଭ ହେଲା ୧୯୬୧ ମସିହା ଅଗଷ୍ଟ ମାସରେ, ଯେତେବେଳେ କି ପ୍ରଥମ ୟୁନିଟର ସ୍ପାଇରେଲ୍ କେସିଂ ଅର୍ଦ୍ଧନିର୍ମିତ ପାଓ୍ୱାରହାଉସର କକ୍ଷ ଭିତରେ ଓହ୍ଲାଇ ଦିଆଗଲା । ଏହା ପରେ ପରେ ଅଧିକାଂଶ ଯନ୍ତ୍ରପାତି ବିଶାଖାପାଟଣାଠାରେ ପହଞ୍ଚିବାରେ ଲାଗିଲା । ସେଠାରୁ ବାଲିମେଳାର ଦୂରତ୍ୱ ୧୬୦ ମାଇଲ । ଏହି ଘାଟି ରାସ୍ତାଟି ଅତ୍ୟନ୍ତ ବିପଦସଙ୍କୁଳ ଏବଂ ହେଆର-ପିନ୍ ବକ୍ରରେ ପରିପୂର୍ଣ୍ଣ । ବର୍ଷାଋତୁରେ ଏହି ରାସ୍ତାରେ ଗ୍ରରୀ ଓ ବିଶାଳକାୟ ଯନ୍ତ୍ରାଂଶ ନେଇ ଦୀର୍ଘ ଓ ଶକ୍ତିଶାଳୀ ଟ୍ରେଲରର ବାରମ୍ବାର ଯାତ୍ରା ବିପଜ୍ଜନକ , କିନ୍ତୁ ଏହାହିଁ ଥିଲା ପରିବହନର ଏକମାତ୍ର ପନ୍ଥା ।

୧୯୬୧ ମସିହା ଅଗଷ୍ଟ ମାସରେ ଆରମ୍ଭ ହୋଇ ପ୍ରଥମ ୟୁନିଟର ନିର୍ମାଣ କାର୍ଯ୍ୟ ୧୯୬୩ ମସିହା ମଇ ମାସରେ ସଂପୂର୍ଣ୍ଣ ହେଲା । ବିଦ୍ୟୁତ୍ ଉତ୍ପାଦକ ଜଳପ୍ରବାହର ବିଭିନ୍ନ କାର୍ଯ୍ୟ ପ୍ରାୟ ସେତେ-ବେଳକୁ ସରିଆସିଲା । ତା' ଆଗରୁ ନଦୀର ସ୍ରୋତ ଅଟକାଇ ଆଂଶିକ ଜଳଭଣ୍ଡାର ସୃଷ୍ଟି ହୋଇ-ସାରିଥିଲା । ପରିଶେଷରେ ମଇ ମାସ ୨୨ ତାରିଖରେ ୟୁନିଟର ପ୍ରଥମ ଘୂର୍ଣ୍ଣନ (spinning) କରାଗଲା । ତା' ପରେ ବିଭିନ୍ନ ଦିଗରୁ ପରୀକ୍ଷାର ଆରମ୍ଭ । କେତେକ ଯାନ୍ତ୍ରିକ ଅସୁବିଧା ଯୋଗୁ ଏହି ପରୀକ୍ଷା କାର୍ଯ୍ୟ ଦୁଇ ମାସରୁ ଅଧିକ ସମୟ ଲାଗିଲା । କିନ୍ତୁ ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା ପରେ ଅଗଷ୍ଟ ୧୪ ତାରିଖ ମଧ୍ୟରାତ୍ରରୁ ଏହି ଯନ୍ତ୍ରଟି ଆନ୍ଧ୍ରପ୍ରଦେଶର ବିଦ୍ୟୁତ୍ ଗ୍ରିଡ୍ ସହିତ ସମ୍ମିଳିତ ହୋଇ ବ୍ୟବସାୟିକ ଭିତ୍ତିରେ ପୂର୍ଣ୍ଣମାତ୍ରାରେ ବିଦ୍ୟୁତ୍ ଉତ୍ପାଦନ କରିଥିଲା । ଏହି ପ୍ରସଙ୍ଗରେ ଆମେରିକାର

ଅନ୍ତରୀକ୍ଷ ସଂସ୍ଥାର ଜନୈକ ବୈଜ୍ଞାନିକଙ୍କର ମନ୍ତବ୍ୟ ମନେପଡେ । ସେ କହିଥିଲେ, **"we learn more from failure than from success."** ଅର୍ଥାତ୍ ଏକ ସଫଳ ଅଭିଯାନ ତୁଳନାରେ ଆମେ ବେଶି ଶିଖୁ ବିଫଳତାରୁ । ପ୍ରଥମ ୟୁନିଟର ଅଭିଜ୍ଞତା ଫଳରେ ଦ୍ୱିତୀୟ ୟୁନିଟ ଧାର୍ଯ୍ୟ ସମୟର ଅନେକ ଆଗରୁ ସଂପୂର୍ଣ୍ଣ ହୋଇପାରିଲା ଏବଂ ଗତ ଜାନୁଆରୀ ୨୫ ତାରିଖରେ ଗ୍ରିଡ୍-ସମ୍ମିଳିତ ହୋଇ ଅନବରତ ବିଦ୍ୟୁତ୍ ଉତ୍ପାଦନରେ ଲାଗିଛି ।

ଉପରୋକ୍ତ ଦୁଇଟି ୟୁନିଟ ବ୍ୟତୀତ ଆଉ ଗୋଟିଏ ୟୁନିଟର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ତୃତୀୟ ୟୁନିଟ ଚଳିତ ଅଗଷ୍ଟ ମାସରେ ଏବଂ ଚତୁର୍ଥ ୟୁନିଟଟି ଆଗାମୀ ନଭେମ୍ବର ମାସରେ କାର୍ଯ୍ୟକାରୀ ହେବ ବୋଲି ଲକ୍ଷ୍ୟ ରହିଛି । ପଞ୍ଚମ ଓ ଷଷ୍ଠ ୟୁନିଟ ମଧ୍ୟ ଆସନ୍ତା ବର୍ଷ ମଧ୍ୟଭାଗରେ ସଂପୂର୍ଣ୍ଣ ହେବାର ସମ୍ଭାବନା ରହିଛି ।

ତାଳଚେରସ୍ଥିତ ତାପଜ ବିଦ୍ୟୁତ୍ କେନ୍ଦ୍ର ପଛକୁ ଏହା ହେଉଛି ରାଜ୍ୟର ଅନ୍ୟତମ ପୂର୍ଣ୍ଣାଙ୍ଗ ବହୁମୁଖୀ ବିଦ୍ୟୁତ୍ ଯୋଜନା । ଆମରାଜ୍ୟର ଯୁବ କାରିଗର ଓ ଯୁବ ଇଞ୍ଜିନିୟରମାନଙ୍କ ପକ୍ଷରେ ଏହା ଏକ ମୂଲ୍ୟବାନ ଅଭିଜ୍ଞତା । ବାଲିମେଳାର ବିଦ୍ୟୁତ୍ ଶକ୍ତି ତିରୁଭେଲିଠାରେ ମାଦ୍ରାକୁଣ୍ଡ ସହିତ ଏବଂ ତାଳଚେରଠାରେ ହୀରାକୁଦ-ତାଳଚେର ବିଦ୍ୟୁତ୍ ଶକ୍ତି ସହିତ ସମ୍ମିଳିତ ହୋଇ ଓଡିଶାରେ ଏକ ଶକ୍ତିଶାଳୀ ଗ୍ରିଡ୍ ଗଠନରେ ବିଶେଷ ସହାୟକ ହେବ । ଆଶାକରାଯାଏ ଯେ ପୂର୍ଣ୍ଣାଙ୍ଗ ବାଲିମେଳା ବିଦ୍ୟୁତ୍ କେନ୍ଦ୍ର ଓଡ଼ିଶାର ଶିଳ୍ପକ୍ଷେତ୍ରରେ ବଳିଷ୍ଠ ଭୂମିକା ଗ୍ରହଣ କରିବା ସଙ୍ଗେ ସଙ୍ଗେ ଆମ ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବାରେ ବିଶେଷ ସହାୟକ ହେବ ।

"ଏକ ବୃହତ୍ ଶକ୍ତି ହେବାକୁ ଆମେ ଚାହୁଁନା । ଆମ ସମସ୍ୟା ସମାଧାନ କରିବାକୁ ଆମେ ଶକ୍ତିଶାଳୀ ହେବାକୁ ଚାହୁଁ ।

ଇନ୍ଦିରା ଗାନ୍ଧୀ

odishaarchives.nic.in

ପଞ୍ଚମ ଯୋଜନାର
ଆମର ସମସ୍ତ କାର୍ଯ୍ୟକ୍ରମ
ଆପଣମାନଙ୍କ ପାଇଁ

ଆମର ଲକ୍ଷ୍ୟ

● ମତ୍ସ୍ୟ ଉତ୍ପାଦନ ବୃଦ୍ଧି ● ମତ୍ସ୍ୟଜୀବୀ ସ୍ଥିର ପ୍ରତିଷ୍ଠା ● ସାମାଜିକ ଓ ଆର୍ଥିକ ଅବସ୍ଥାର ଉନ୍ନତି ● ଶୀତଳ ଉତ୍ତାର ପ୍ରତିଷ୍ଠା ।

ଆମର କାର୍ଯ୍ୟକ୍ରମ

● ଯାନ୍ତ୍ରିକ ନୌକା ସଂପ୍ରସାରଣ ● ଯାନ୍ତ୍ରିକ ନୌକା ତିଆରି କାରଖାନା ପ୍ରତିଷ୍ଠା ● ନଦୀରେ କାଠ ଡଙ୍ଗାରେ ମାଛ ଧରୁଥିବା ମତ୍ସ୍ୟଜୀବୀ ଓ ମଧୁର ଜଳରେ ମତ୍ସ୍ୟଚାଷୀମାନଙ୍କୁ ସାହାଯ୍ୟ ● ସମୁଦ୍ରରେ କାଠ ଡଙ୍ଗାରେ ମାଛ ଧରୁଥିବା ମତ୍ସ୍ୟଜୀବୀମାନଙ୍କୁ ସାହାଯ୍ୟ ● ମତ୍ସ୍ୟଜୀବୀମାନଙ୍କର ପୁନର୍ବସତିପାଇଁ ସାହାଯ୍ୟ ।

ଆମର ବିହାତି ବ୍ୟବସ୍ଥା

● ନଦୀରେ କାଠ ଡଙ୍ଗାରେ ମାଛଧରା ● ସମୁଦ୍ରରେ କାଠଡଙ୍ଗାରେ ମାଛଧରା ● ବ୍ୟକ୍ତି-ବିଶେଷ କିମ୍ବା ମତ୍ସ୍ୟ ସମବାୟ ସମିତି ଜରିଆରେ ଯାନ୍ତ୍ରିକ ନୌକା ତିଆରି ● ବ୍ୟକ୍ତିବିଶେଷ ବା ସମବାୟ ସମିତି ଜରିଆରେ ଯାନ୍ତ୍ରିକ ନୌକା ତିଆରି କାରଖାନା ପ୍ରତିଷ୍ଠାପାଇଁ ।

ବିଶେଷ ବିବରଣୀ ପାଇଁ **ମତ୍ସ୍ୟବିଭାଗ ନିର୍ଦ୍ଦେଶକ, କଟକ-୭** ଙ୍କ ସହିତ ଯୋଗସୂତ୍ର ସ୍ଥାପନ କରନ୍ତୁ ।

—ମତ୍ସ୍ୟବିଭାଗ, ଓଡିଶା
କଟକ-୭

odisharchives.nic.in



ଓଡ଼ିଆ ସାହିତ୍ୟ ଜଗତର
ଖ୍ୟାତନାମା ସାଧକ
ଶ୍ରୀ ଗୋପୀନାଥ ମହାନ୍ତି

ତାଙ୍କର ଅମର କୃତି "ମାଟି-ମଟାଳ" ଉପନ୍ୟାସ ନିମନ୍ତେ ଦେଶର ସର୍ବୋଚ୍ଚ ସମ୍ମାନସୂଚକ 'ଜ୍ଞାନପୀଠ' ପୁରସ୍କାର ଲାଭ କରିଛନ୍ତି ।

ତାଂକର ଅନ୍ୟତମ କୃତି "ଅମୃତର ସନ୍ତାନ" ପାଇଁ ସେ ଇତି ପୂର୍ବରୁ "କେନ୍ଦ୍ର ସାହିତ୍ୟ ଏକାଡେମୀ" ଦ୍ୱାରା ପୁରସ୍କୃତ ହୋଇଥିଲେ ।

—ତାଂକ ପାଇଁ ଆମ ରଜ୍ୟ ଆଜି ଗୌରବାନ୍ୱିତ ।

ଓଜନ ମେଟ୍ରିକ୍ ପ୍ରଣାଳୀର

ଓଜନ ଓ ମାପ ଆଇନ୍ ସମ୍ମତ

* ଓଡ଼ିଶା ସରକାରଙ୍କଦ୍ୱାରା ପରୀକ୍ଷିତ ଓ ମୋହର ଦିଆହୋଇଥିବା ଓଜନ, ମାପ ଓ ତତ୍ ସମ୍ବନ୍ଧୀୟ ଯନ୍ତ୍ରପାତିଗୁଡିକୁ ବ୍ୟବସାୟୀମାନେ ବ୍ୟବହାର କରିପାରିବେ । ମୋହର ହୋଇ ନଥିବା ଓଜନ ଓ ମାପ ପ୍ରଭୃତି ବ୍ୟବହାର କରିବା ଆଇନତଃ ଦଣ୍ଡନୀୟ ଅପରାଧ ।

* ଜିନ୍ଥିନ୍ ବ୍ୟବହାର କଲାପରେ ଓଜନ ଓ ମାପ ଇତ୍ୟାଦିର ସଠିକତା ନଷ୍ଟ ହୋଇଥାଏ । ଓଜନ ଓ ମାପ ବ୍ୟବହାରକାରୀମାନେ ଏଗୁଡିକ ନିୟମିତ ପରୀକ୍ଷା କରାଇନେବା ଉଚିତ୍ ।

* କୌଣସି ପଦାର୍ଥ କାରବାର କଲାବେଳେ ଓଜନ ଓ ମାପରେ ଠକିବାର ଦେଖାଗଲେ ଅଭିଯୁକ୍ତ ବ୍ୟକ୍ତି ଆଇନାନୁସାରେ ଦଣ୍ଡିତ ହେବେ । ପ୍ରତ୍ୟେକ ଉତ୍ପାଦନକାରୀ ଖାଉଟି ତଥା ବ୍ୟବସାୟୀମାନେ ବ୍ୟବହାର କରୁଥିବା ଓଜନ ମାପ, ଓ ତତ୍ ସମ୍ବନ୍ଧୀୟ ଯନ୍ତ୍ରପାତିଗୁଡିକର ସଠିକତା ଓଜନ ଓ ମାପ ସଂଗଠନଦ୍ୱାରା ନିରୂପଣ କରାଯାଏ ।

* ଓଜନ ମାପ ସମ୍ବନ୍ଧୀୟ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସ୍ଥାନୀୟ ଓଜନ ମାପ ଇନ୍‌ସପେକ୍ଟରଙ୍କ, ଜିଲ୍ଲା ସହକାରୀ କଣ୍ଟ୍ରୋଲର କିମ୍ବା ରଜ୍ୟ ଓଜନ ମାପ ଓ କଣ୍ଟ୍ରୋଲରଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ ।

ଓଜନ ଓ ମାପ ବିଭାଗ, ଓଡ଼ିଶା

odishaarchives.nic.in

ବିଶିଷ୍ଟ ଘଟଣାବଳୀ

ଜୁଲାଇ—୧୯୭୪

୧ । ୭ । ୭୪ : କୋରାପୁଟଠାରେ ଏକ ମୁଖ୍ୟ ଡାକଘର ଖୋଲିଲା ।

୩ । ୭ । ୭୪ : ମନସ୍ୱୀ ମଧୁସୂଦନ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨୫ ପଇସିଆ ମୂଲ୍ୟର ଭାରତୀକଟ ଖରତ ଡାକ ଓ ତାର ବିଭାଗ ପ୍ରକାଶ କଲେ ।

ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜରେ ଗୁରୁନାନକ ଚକ୍ଷୁଭଣ୍ଡାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା ।

୬ । ୭ । ୭୪ : ଦରମା, ଭତ୍ତା ତଥା କର୍ମଚାରୀମାନଙ୍କ ଲାଭାଂଶ ସଂକ୍ରାନ୍ତରେ କେନ୍ଦ୍ର ସରକାର ଦୁଇଟି ଅର୍ଡିନାନ୍ସ ଜାରିକଲେ । ଏହା ଫଳରେ ୫୦୦ କୋଟି ଟଙ୍କା ପ୍ରଥମ ବର୍ଷରେ ସଂଚିତ ହେବ । ୧୯୭୪ ଅପ୍ରେଲଠାରୁ ସାରାଦେଶର ଏକକୋଟି ୮୦ ଲକ୍ଷ କର୍ମଚାରୀଙ୍କ ଅଧିକ ଦରମା ଓ ମହଙ୍ଗା ଭତ୍ତାର ଶତକଡା ୫୦ ଭାଗ ଏକ ସ୍ୱତନ୍ତ୍ର ପାଣ୍ଠିରେ ଜମା ରହିବ ।

୭ । ୭ । ୭୪ : କଲମ୍ବୋଠାରେ ଅନୁଷ୍ଠିତ ଖରତ, ଶ୍ରୀଲଙ୍କା ସ୍କୁଲସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ କଟକର ସନତନଳିନୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ କୁମାରୀ ଉଷା ମିଶ୍ରଙ୍କ ସ୍ୱର୍ଣ୍ଣ ପଦକ ଲାଭ ।

୮ । ୭ । ୭୪ : କୌଣସି କଂପାନୀ ପର ପର ଦୁଇଟି ବୋନସ୍ ସେୟାର ଦେବା ଘୋଷଣା ମଧ୍ୟରେ ୧୮ ମାସ ପରିବର୍ତ୍ତେ ୪୦ ମାସ ବ୍ୟବଧାନ ରଖିବାଲାଗି ଖରତ ସରକାର କଟକଣା ଜାରି କଲେ ।

୯ । ୭ । ୭୪ : ରାଷ୍ଟ୍ରପତି ପଦପାଇଁ କଂଗ୍ରେସ ମନୋନୀତ ପ୍ରାର୍ଥୀ ଶ୍ରୀ ଫକିରୁଦ୍ଦିନ ଅଲି ଅହମଦଙ୍କ ଓଡିଶା ପରିଦର୍ଶନ ।

ତିଲିକା ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଶ୍ରୀ ରଘୁନାଥ ରାୟ ନିର୍ବାଚିତ ହେଲେ ।

odisharchives.nic.in

୧୧ । ୭ । ୭୪ : "୧୯୭୪ ମସିହା ଓଡ଼ିଶା ଭୂ-ସଂସ୍କାର ସଂଶୋଧନ ବିଲ" ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭକଲା ।

ଓଡ଼ିଶା ବିଧାନ ସଭାରେ ପ୍ରମୋଦକର ସଂଶୋଧନ ବିଲ ଗୃହୀତ ହେଲା ।

୧୩ । ୭ । ୭୪ : ଓଡ଼ିଶା ବିଧାନ ସଭାରେ କୋର୍ଟଫି ହ୍ରାସ ବୃଦ୍ଧି ସଂକ୍ରାନ୍ତ ବିଲ ଗୃହୀତ ହେଲା ।

୧୪ । ୭ । ୭୪ : ଘରଡର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ଜଗଜୀବନ ରାମଙ୍କ ଶ୍ରଭରକେଲା ପରିଦର୍ଶନ ।

୧୭ । ୭ । ୭୪ : ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ-ଓଡ଼ିଶା ପରିଦର୍ଶନ ।

୧୮ । ୭ । ୭୪ : ୧୯୭୪ ମସିହା ଓଡ଼ିଶା ଶିକ୍ଷା ସଂଶୋଧନ ଆଇନ ବିଧାନ ସଭାରେ ଗୃହୀତ ହେଲା ।

୨୨ । ୭ । ୭୪ : ରିଜର୍ଭ ବ୍ୟାଙ୍କ ସୁଧହାର ଶତକଡା ୭ ଘଗରୁ ଶତକଡା ୯ ଘଟକୁ ବୃଦ୍ଧି ପାଇଲା । ୧୯୩୫ ମସିହାରେ ରିଜର୍ଭବ୍ୟାଙ୍କ ପ୍ରତିଷ୍ଠା ପରଠାରୁ ନରମ ଥରପାଇଁ ସୁଧ ହାର ବୃଦ୍ଧି କରଗଲା ।

୨୫ । ୭ । ୭୪ : ଫୁଲବାଣୀ ଜିଲ୍ଲାର ଜାଲିଗୁଡାଠାରେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ରାଜ୍ୟର ଚତୁର୍ଥ ଆଦିବାସୀ ଉନ୍ନୟନ ସଂସ୍ଥା ଉଦଘାଟନ କଲେ ।

୩୧ । ୭ । ୭୪ : ଓଡ଼ିଶା ସରକାର ଏକ ଅର୍ଡିନାନ୍ସ ବଳରେ ଉତ୍କଳ ବିଶ୍ୱବିଦ୍ୟାଳୟର ପରିଚାଳନା ଘର ଏକ ବର୍ଷ ପଇଁ ହାତକୁ ନେଲେ ।

କେନ୍ଦ୍ର ଶିଳ୍ପ ଉନ୍ନୟନ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଏମ୍. ବି. ରାଣାଙ୍କ ପରଲୋକ ।

odishaarchives.nic.in

ଅନୁଗୁଳ ଅଞ୍ଚଳରେ କପାଚାଷ

ଅନୁଗୁଳ ଅଂଚଳରେ ୧୯୭୨ରେ ଆରମ୍ଭ କରଯାଇଥିବା କପାଚାଷର ବିଶେଷ ଅଗ୍ରଗତି ହୋଇଛି । ପ୍ରଥମେ ଏହି ଅଂଚଳରେ ୧୫ ଏକର ଜମିରେ କପାଚାଷ ଆରମ୍ଭ ହୋଇଥିବାସ୍ଥଳେ ତାହା ବର୍ତ୍ତମାନ ଏକ ହଜାର ଏକରରୁ ଅଧିକ ଜମିରେ ଚାଷ ହେଉଛି । ଚଳିତ ବର୍ଷ ୧୫ ଶହ ଏକର ଜମିରେ କପାଚାଷର ପ୍ରସ୍ତାବ ରହିଛି ।

ଭାରତୀୟ ଖଦୀବୋର୍ଡ ଅଧୀନସ୍ଥ ତିନୋଟି ଲୁଗାକଳର ଆବଶ୍ୟକତା ମେଂଟାଇବା ସକି ଓଡିଶା ପ୍ରତିବର୍ଷ ୪ କୋଟି ଟଂକା ମୂଲ୍ୟର ତୂଳା ଆମଦାନୀ କରେ । ସଭ୍ୟତେ କପାଚାଷୋପଯୋଗୀ କୃଷ୍ଣକାର୍ପାସ ମୃତ୍ତିକା ପର୍ଯ୍ୟେପ୍ତ ପରିମାଣରେ ରହିଥିଲେ ମଧ୍ୟ ଏହାର ଉପଯୋଗ ପାଇଁ ବିଶେଷ ଉଦ୍ୟମ କରଯାଇ ନାହିଁ । ୧୯୭୨ ମସିହାରେ ଅନୁଗୁଳ ଅଞ୍ଚଳରେ ଏହି ଚାଷ ଆରମ୍ଭ କରଗଲା । ଅନୁଗୁଳ କୃଷି ଜିଲ୍ଲାରେ କପାଚାଷୋପଯୋଗୀ କୃଷ୍ଣକାର୍ପାସ ମୃତ୍ତିକା ପରିମାଣ ପ୍ରାୟ ୩୪ ହଜାର ଏକର । ଏହି କାର୍ଯ୍ୟକ୍ରମ ଆରମ୍ଭ କରିବାର ପ୍ରଥମ ବର୍ଷରେ ଅନୁଗୁଳ ଅଂଚଳର ଜରପଡା, କୁଳଦା, ଜରସିଙ୍ଗା ଓ ଚଂପତିମୁଣ୍ଡା ଗ୍ରାମର ୨୮ ଜଣ କ୍ଷୁଦ୍ର ଚାଷୀଙ୍କ ଜମିରେ କପାଚାଷ ଆରମ୍ଭ କରଗଲା । ଢେଙ୍କାନାଳ ସ୍ଥିତ କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥା ପକ୍ଷରୁ ଏଥିପାଇଁ କପା ବିହନ, ସାର ଓ କୀଟ ନାଶକ ଔଷଧ ଆଦି ଚାଷୀମାନଂକୁ ଯୋଗାଇ ଦିଆଯାଇଥିଲା । ପ୍ରତି ଏକରରୁ ତିନି କୁଇଂଟାଲ କପା ଉତ୍ପାଦନ ହୋଇଥିଲା । ଉତ୍ପାଦିତ କପାର ଅଧିକାଂଶ ବରଗଡ ସମବାୟ ଲୁଗାକଳକୁ ବିକ୍ରୟ କରଯାଇଛି ।

ତା' ପରବର୍ଷ ଏହି ଅଂଚଳରେ ୬ ଶହ ଏକର ଜମିରେ କପାଚାଷ କରଗଲା । ଏକର ପିଛା ଉତ୍ପାଦନ ୨.୫୬ କୁଇଂଟାଲରୁ ସାଢେ ତିନି କୁଇଂଟାଲ ପର୍ଯ୍ୟନ୍ତ ହୋଇଥିଲା । ଏଥିରୁ ବରଗଡ ସମବାୟ ଲୁଗାକଳକୁ ଟ୨୦,୦୦୦.୦୦ ମୂଲ୍ୟର କପା ବିକ୍ରି କରାଯାଇଥିଲା । ଏଥି ମଧ୍ୟରୁ ଜିଲ୍ଲା କୃଷି ସଂଗଠନକୁ ଗୋଖାଦ୍ୟ ନିମନ୍ତେ କୃଷୀମାନଂକୁ ଟ୨୦୦.୦୦ର କପା ମଞ୍ଜି ବିକ୍ରୟ କରାଯାଇଥିଲା ।

ଅନୁଗୁଳ ଅଞ୍ଚଳର କପାଚାଷରେ ଅଗ୍ରଗତି ଲକ୍ଷ୍ୟ କରି ସମ୍ବଲପୁର, ସୁନ୍ଦରଗଡ, ବଲଂଗୀର, ଫୁଲବାଣୀ ଓ ବଳାଙ୍ଗୀର ଜିଲ୍ଲାର କୃଷୀମାନେ କପାଚାଷ କରିବାଲାଗି ଉତ୍ସାହିତ ହୋଇଛନ୍ତି ।

[illegible]

ସମୃଦ୍ଧି ପଥେ ଓଡ଼ିଶା

* ପ୍ରଗତିଶୀଳ ଭୂ-ସଂସ୍କାର ଆଇନ କାର୍ଯ୍ୟକାରୀ କରାଯାଇଛି ।

* [illegible] ଲକ୍ଷ [illegible] ଭୂମିହୀନଙ୍କ [illegible] ବଣ୍ଟନ କରାଯାଇଛି ।

* ୫୩ କୋଟି ଟଙ୍କାର 'ରେଂଗାଲି ବହୁମୁଖୀ ଯୋଜନା' କାମ ଆରମ୍ଭ ହୋଇଛି ।

* ପାରାଦୀପଠାରେ ୨୫୦ କୋଟି ଟଙ୍କା [illegible] ସାରକାରଖାନାର ଭିତ୍ତି ସ୍ଥାପନ କରାଯାଇଛି ।

* ସୁକିନ୍ଦାଠାରେ ୪୦ କୋଟି ଟଙ୍କାର ନିକେଲ ପ୍ରୋଜେକ୍ଟ ଓ [illegible]ଠାରେ ସୀସା ପ୍ରୋଜେକ୍ଟର ଫଳରେ [illegible] ବିକାଶ ଦିଗରେ ଏକ ନୂତନ ଦିଗନ୍ତ ସୃଷ୍ଟି ହୋଇଛି ।

* କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ପ୍ରୋତ୍ସାହନ ଦିଆଯାଉଛି ।

* ପ୍ରାୟ ୫୦ [illegible] ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଛି ।

* ପ୍ରାୟ ୧୫୦୦ ଗୋଟି ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ।

* ୪୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଜଖପୁରା-ବାଁଶପାଣି ରେଳପଥର ସର୍ଭେ ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି ।

* ଶିକ୍ଷକମାନଙ୍କ ପାଇଁ ଅଧିକ ସୁବିଧା ଦିଆଯାଇ [illegible] ଶିକ୍ଷା ବିଲ ପାସ କରାଯାଇଛି ।

* [illegible] ଭାବରେ 'ଚିଲିକା' ନୂତନ ରୂପ ନେଇଛି ।

ସୂଚନା (ଲୋକସମ୍ପର୍କ) ବିଭାଗ
ଓଡ଼ିଶା ସରକାର

ଓଡ଼ିଶାରେ କୃଷିର ବିକାଶ ନିମନ୍ତେ ଭୁବନେଶ୍ୱରଠାରେ ଗତ ଜୁଲାଇ ୧୭ ତାରିଖରେ ଆୟୋଜିତ ସମ୍ମିଳନୀରେ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି । ଓଡ଼ିଶାର ରାଜ୍ୟପାଳ ଶ୍ରୀ ଜତ୍ତି, ମୁଖ୍ୟମନ୍ତ୍ରୀ ଶ୍ରୀମତୀ ଶତପଥୀ, କେନ୍ଦ୍ର କୃଷିମନ୍ତ୍ରୀ ଶ୍ରୀ ସୁବ୍ରମନ୍ୟମ୍, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସିନ୍ଦେ ଏବଂ ରାଜ୍ୟର ବହୁ ପଦସ୍ଥ ଅଫିସର ଏହି ସମ୍ମିଳନୀରେ ଉପସ୍ଥିତ ଅଛନ୍ତି ।

Vol. XXX No. 1 UTKAL PRASANGA Regd. No. 0-247
Licence No. C. R. N. P —Licensed to post without pre-payment

ORISSA STATE

ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ୧୯୭୪ ଜୁଲାଇ ୭୫ ତାରିଖରେ ଫୁଲବାଣୀ ଜିଲ୍ଲା ବାଲିଗୁଡ଼ାଠାରେ ଆଦିବାସୀ ଉନ୍ନୟନ ସଂସ୍ଥା ଉଦ୍‌ଘାଟନ କରୁଛନ୍ତି ।



ଶ୍ରୀମତୀ ଶତପଥୀ ଜୁଲାଇ ୨୬ ତାରିଖରେ ଫୁଲବାଣୀ ଏନ୍. ଏ. ସି. ମାର୍କେଟ ବିଲଡିଂ ଉଦ୍‌ଘାଟନ କରି ଏକ ବିରାଟ ଜନସମାବେଶରେ ଭାଷଣ ଦେଉଛନ୍ତି ।

Printed at Chhatrasathi Press,
Kaligali, Cuttack-2